

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୩ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 23 NOVEMBER 2022
Vol.No. 33 ■ No. 304 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଅର୍ଚ୍ଚନା ନାଗ ମାମଲାରେ ବ୍ୟବସାୟୀଙ୍କୁ ଇଡିର ଜେରା

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଅର୍ଚ୍ଚନା ନାଗ ମାମଲାରେ ବ୍ୟବସାୟୀ ଅମୀୟ ଦାସଙ୍କୁ ଦୀର୍ଘ ୮ ଘଂଟା ଜେରା କରିଛି ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) । ଇଡି କାର୍ଯ୍ୟାଳୟରୁ ବାହାରିବା ପରେ ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗଙ୍କୁ ଅମୀୟ ଦାସ ୭ ଲକ୍ଷ ଟଙ୍କା ଦେଇଥିବା ନେଇ ଗଣମାଧ୍ୟମ ଆଗରେ କହିଛନ୍ତି । ଜଗବନ୍ଧୁଙ୍କ ଦେହ ଖରାପ ଥିବା ବେଳେ ଟଙ୍କା ମାଗିଥିଲେ ଅର୍ଚ୍ଚନା । ୨୦୨୧ – ୨୨ରେ ଲକ୍ଷାଧିକ ଟଙ୍କା କାରବାର ନେଇ ସମନ ପାଇବା ପରେ ହାଜର ହୋଇଥିଲେ ଅମୀୟ । ସେ କହିଛନ୍ତି ଯେ, ଫେସବୁକ୍ ମାଧ୍ୟମରେ ସେ ଅର୍ଚ୍ଚନାଙ୍କ ସହ ପରିଚିତ ହୋଇଥିଲେ । ସେହିପରି

## ହାଜର ହେଲେ ଅକ୍ଷୟ ପରିଜା



ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା ମଙ୍ଗଳବାର ଦିନ ୨ଟାରେ ଇଡିରେ ହାଜର ହୋଇଥଲେ । ଇଡିର ନୋଟିସ୍ ଅନୁଯାୟୀ ବ୍ଲାକମେଲିଂ, ହନିଟ୍ରାପ୍ ଓ ଅର୍ଥ କାରବାର ମାମଲାରେ ସେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ । ପୂର୍ବରୁ ସ୍ୱାସ୍ଥ୍ୟଗତ କାରଣରୁ ଅକ୍ଷୟ ପରିଜା ଇଡିରେ ହାଜର ହୋଇନଥିଲେ । ତାଙ୍କ ଓକିଲ ଆକାଶ ଭୂୟାଁ ଅକ୍ଷୟଙ୍କୁ ଆଉ କିଛି ଦିନ ସମୟ ଦେବାକୁ ଆବେଦନ କରିଥିଲେ । ସୂଚନାଯୋଗ୍ୟ, ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକମେଲ୍ କରି ୩ କୋଟି ଟଙ୍କା ମାଗିବା ମାମଲାର ମୁଖ୍ୟ ଅଭିଯୁକ୍ତ ଅର୍ଚ୍ଚନା ନାଗ ଏବେ ଜେଲରେ ଅଛନ୍ତି । ଅର୍ଚ୍ଚନା ବିରୋଧରେ ଥାନାରେ ଅକ୍ଷୟ ପରିଜା ଦେଇଥିବା ଏତଲା ଅନୁସାରେ ନିଜକୁ ଆଇନଜୀବୀ ଭାବେ ପରିଚୟ ଦେଇଥିଲା ଅର୍ଚ୍ଚନା ନାଗ । ଜଣେ ଯୁବତୀଙ୍କ ସହ ତାଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଥିବା କହିଥିଲା । ଟଙ୍କା ନଦେଲେ ଯୁବତୀ ଜଣଙ୍କ ତାଙ୍କ ବିରୋଧରେ ଥାନାକୁ ଯିବେ ବୋଲି ଧମକାଇଥିଲା । ନହେଲେ ସମ୍ମାନହାନି କରିବାର ଓ କ୍ୟାରିୟର ନଷ୍ଟ କରିଦେବାର ଧମକ ଦେଇଥିଲା ।

# ରୋଜଗାର ମେଳାରେ ପ୍ରଧାନମନ୍ତ୍ରୀ ବାଣ୍ଟିଲେ ୭୧ ହଜାର ନିଯୁକ୍ତି ପତ୍ର



ନୂଆଦିଲ୍ଲୀ, ୨୧/୧୧ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି (୨୨.୧୧.୨୦୨୨ ) ଆଭାସୀ ମାଧ୍ୟମରେ ଆୟୋଜିତ ରୋଜଗାର ମେଳାରେ ପ୍ରାୟ ୭୧୦୦୦ ନବନିଯୁକ୍ତିଙ୍କୁ ନିଯୁକ୍ତିପତ୍ର ବାଣ୍ଟିଛନ୍ତି । ଏହି ରୋଜଗାର ମେଳା ଏକ ଉତ୍ପ୍ରେରକ ଭାବେ କର୍ମନିଯୁକ୍ତି ବୃଦ୍ଧି କରିବା ସହ ଜାତୀୟ ବିକାଶରେ ଯୁବାଗୋଷ୍ଠୀଙ୍କୁ ସିଧାସଳଖ ସେମାନଙ୍କ ଅବଦାନ ନିମନ୍ତେ ସଶକ୍ତ କରିବ । ପୂର୍ବରୁ ଅକ୍ଟୋବର ମାସରେ ରୋଜଗାର ମେଳା ଅଧୀନରେ ନବନିଯୁକ୍ତଙ୍କୁ ୭୫ହଜାର ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା । ସମବେତ ନିଯୁକ୍ତିଧାରୀଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତର ୪୫ରୁ ଅଧିକ ସହରରେ ୭୧ହଜାରରୁ ଅଧିକ ଯୁବକ ଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ଏହା ଅନେକ ପରିବାର ନିମନ୍ତେ ହସଖୁସିର ନୂତନ ଯୁଗ ଆରମ୍ଭ କରିବ । ଧନତରାସ ଦିନ କେନ୍ଦ୍ର ସରକାର ୭୫ହଜାର ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବାଣ୍ଟିଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । "ଆଜିର ରୋଜଗାର ମେଳା ଏକ ପ୍ରମାଣ ଯେ କେନ୍ଦ୍ର ସରକାର ଦେଶର ଯୁବ ସମାଜକୁ ମିଶନ ମୋଡରେ ରୋଜଗାର ସୁଯୋଗ ପ୍ରଦାନ କରୁଛନ୍ତି" ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ମାସକ ପୂର୍ବରୁ ଆରମ୍ଭ କରାଯାଇଥିବା ରୋଜଗାର ମେଳାର ଅବତାରଣାର କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଅନେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସମୟେ ସମୟେ ଏପରି ରୋଜଗାର ମେଳାମାନ ଆୟୋଜନ କରିବେ । ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଗୁଜରାଟ,ଜମ୍ମୁ ଓ କଶ୍ମୀର, ▶▶ପୃଷ୍ଠା ୭

## ପରିବେଶ ପ୍ରଦୂଷଣକୁ ରୋକିବାକୁ ଦେଓମାଳିରେ ଲାଗିଲା ୧୪୪ ଧାରା, ସନ୍ଧ୍ୟା ପରେ ବୁଲିବା ମନା

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ପରିବେଶ ପ୍ରଦୂଷଣକୁ ରୋକିବା ଉଦ୍ଦେଶ୍ୟ ନେଇ କୋରାପୁଟ ଜିଲ୍ଲାରେ ଥିବା ଦେଓମାଳି ପର୍ବତରେ ରାତ୍ରିଯାପନ କିମ୍ବା ସଂଧ୍ୟା ପରେ ବୁଲିବା ଉପରେ କଟକଣା ଲଗାଯାଇଛି । କୋଟାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି କଟକଣା ଜାରି କରାଯାଇଛି । ରାତ୍ରିଯାପନକୁ ବାରଣ କରିବା ସହ ଆସନ୍ତା ୬୦ ଦିନ ପର୍ଯ୍ୟନ୍ତ ରାତି ୯ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ସେହି ଅଂଚଳରେ ୧୪୪ ଧାରା ଲଗାଯାଇଛି । ଦେଓମାଳି ପର୍ବତକୁ ବୁଲିବାକୁ ଆସିଥିବା ଅନେକ ପର୍ଯ୍ୟଟକ ସେଠାରେ ଟେଣ୍ଟ ପକାଇ ରାତ୍ରି ଯାପନ କରିଥାନ୍ତି । ଏହାସହ ନିଆଁ ଜାଳି ଥାନ୍ତି । ତେଣୁ ଏହା ଦ୍ୱାରା ଦେଓମାଳିର ପ୍ରାକୃତିକ ପରିବେଶ ଉପରେ ପ୍ରଭାବ ପଡିବା ସହ ପରିବେଶ ପ୍ରଦୂଷଣର ଆଶଙ୍କା ରହିଛି । ଏହାକୁ ନେଇ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନିଷେଧାଦେଶ ଜାରି କରିଛନ୍ତି ।

# ଅର୍ଚ୍ଚନା ପ୍ରସଙ୍ଗରେ କମ୍ପିବ ବିଧାନସଭା ଶୀତ ଅଧିବେଶନ



ନୂଆଦିଲ୍ଲୀ, ୨୨/୧୧ : ଓଡିଶା ବିଧାନସଭାକୁ ଉଷ୍ମ କରିବ ଅର୍ଚ୍ଚନା ପ୍ରସଙ୍ଗ । ଆସନ୍ତା ଗୁରୁବାରରୁ ବିଧାନସଭାର ଶୀତ ଅଧିବେଶନ ବସିବାକୁ ଯାଉଥିବାବେଳେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିବା ପାଇଁ ପ୍ରସ୍ତୁତ ରହିଛନ୍ତି ବିରୋଧୀ । ଏଥର କଂଗ୍ରେସର ମୁଖ୍ୟ ମୁଦ୍ଦା ରହିଛି ଅର୍ଚ୍ଚନା ନାଗ ମାମଲା । ସେହିପରି ଚାଷୀ ଓ ଚାଷ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରୁଛି ବିରୋଧୀ ବିଜେପି । ଅନ୍ୟପଟେ ଉଭୟ ବିଜେପି ଓ କଂଗ୍ରେସର ରଣନୀତିକୁ କାଉଣ୍ଟର କରିବା ପାଇଁ ଶାସକ ବିଜେଡି ବି ପ୍ରସ୍ତୁତ ଥିବା ଜଣାପଡିଛି । ରାଜ୍ୟରେ ଦୁଇଟି ପ୍ରସଙ୍ଗକୁ ନେଇ ଏବେ ଜୋରଦାର ଚର୍ଚ୍ଚା । ଗୋଟିଏ ପଟେ ଅର୍ଚ୍ଚନା ନାଗ ମାମଲାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଅନ୍ୟପଟେ ଚାଷୀ ପ୍ରସଙ୍ଗ ବି ରାଜନୀତିରେ ମୁଖ୍ୟ ମୁଦ୍ଦା ପାଲିଟିଛି । ଏହାରି ଭିତରେ ବିଧାନସଭାରେ କେଉଁ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିବେ ବିରୋଧୀ ସେ ଉପରେ ରହିଛି ସମସ୍ତଙ୍କ ନଜର । ଗୁରୁବାରଠାରୁ ଆରମ୍ଭ ହେଉଛି ବିଧାନସଭାର ଶୀତ ଅଧିବେଶନ । ଆଉ ଏଥର ଅର୍ଚ୍ଚନା ନାଗ ପ୍ରସଙ୍ଗ ଓ ଚାଷୀ ସମସ୍ୟା ଗୃହରେ ଉଠିବ ବୋଲି ସଙ୍କେତ ଦେଇଛନ୍ତି ବିରୋଧୀ । ଅର୍ଚ୍ଚନା ନାଗ ବିଧାନସଭାରେ ମୁଖ୍ୟ ପ୍ରସଙ୍ଗ ହେବା ଦରକାର ବୋଲି କହିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର । ସେ କହିଛନ୍ତି, ଅର୍ଚ୍ଚନାକାଣ୍ଡ ରାଜ୍ୟ ପାଇଁ ଏକ ଲଜ୍ଜାଜନକ ଘଟଣା । କିନ୍ତୁ ଚିଟଫଣ୍ଡ ଭଳି ଏହି ପ୍ରସଙ୍ଗ ଲୁଚିଯିବନିତ ବୋଲି ସେ ସନ୍ଦେହ ପ୍ରକାଶ କରିଛନ୍ତି । ନରସିଂହ ଆହୁରି କହିଛନ୍ତି, ସମସ୍ତେ ମିଳିମିଶି ଏହାକୁ ଦବେଇବାକୁ ଉଦ୍ୟମ କରୁଛନ୍ତି । ବିଜେଡି-ବିଜେପି ସେଟିଂରେ ଚାଲିଛନ୍ତି ବୋଲି ଅଭିଯୋଗ କରିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା । ଅର୍ଚ୍ଚନା ନାଗ ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ନେତା ▶▶ପୃଷ୍ଠା ୭

## ଜୋରନ୍ଦା ମହିମାଗାଦିରେ ବୁଲିଲା ବୁଲଡୋଜର

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ମହିମା ଗାଦିରେ ବୁଲିଲା ବୁଲଡୋଜର । ଧୂଳିସାତ ହେଲା ଧୂନିଘର । ଢେଙ୍କାନାଳ ଯୋରନ୍ଦା ମହିମା ଗାଦିରେ ଜବର ଦଖଲ ଉଚ୍ଛେଦ ହୋଇଛି । ଯୋରନ୍ଦା ମହିମା ମୁଖ୍ୟ ବକଳ ସମାଜଙ୍କ ମୁଖ୍ୟ ଗାଦି ମନ୍ଦିର ତୃତୀୟ ବେଢା ଭିତରେ କୌପିନ ସମାଜ ତାଙ୍କର ବତୀ ମନ୍ଦିର, ଧୂନି ମନ୍ଦିର, ଟୁଙ୍ଗି ଘର ଆଦିକୁ ଭଙ୍ଗା ଯାଇଛି । ୧୯୪୩ ମସିହାରୁ ମହିମାଗାଦିରେ ଥିବା ବକଳଧାରି ମହିମାସମାଜ ଓ କୌପିନଧାରୀ ମହିମାସମାଜ ମଧ୍ୟରେ ବିବାଦ ଲାଗି ରହିଥିଲା । ଶେଷରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଜବର ଦଖଲକୁ ଆଜି ଉଚ୍ଛେଦ କରାଯାଇଛି । ବିଶ୍ୱପ୍ରସିଦ୍ଧ ଢେଙ୍କାନାଳ ଯୋରନ୍ଦାସ୍ଥିତ ମହିମାଗାଦିରେ ଚାଲିଛି ବୁଲଡୋଜର । ୨ ଘଣ୍ଟା ଭିତରେ ମାଟିରେ ମିଶିଯାଇଛି ବତୀ ମନ୍ଦିର, ଧୂନି ମନ୍ଦିର, ଭେକ ମନ୍ଦିର ଓ ବାବାଙ୍କ ଟୁଙ୍ଗି ଘର । ହାଇକୋର୍ଟଙ୍କ ନିର୍ଦ୍ଦେଶରେ ବିବାଦୀୟ ସ୍ଥଳରେ ୧୪୪ ଧାରା ଜାରି କରି ଖାଲି କରିଛି ପ୍ରଶାସନ । ୧୯୪୩ ମସିହାରୁ ମହିମାଗାଦିରେ ଥିବା ବକଳଧାରି ମହିମାସମାଜ ଓ କୌପିନଧାରୀ ମହିମାସମାଜ ମଧ୍ୟରେ ବିବାଦ ଲାଗି ରହିଥିଲା । ମୁଖ୍ୟ ଗାଦି ମନ୍ଦିର ପ୍ରାଙ୍ଗଣରେ କୌପିନ ସମାଜଙ୍କ ୨୮ ଡେସିମିଲ ଜାଗାରେ ସବୁ ମନ୍ଦିର ଓ ଟୁଙ୍ଗି ରହିଥିବାରୁ ଏହା ହିଁ ବିବାଦର ମୁଖ୍ୟ କାରଣ ଥିଲା ।

# ମାଲକାନଗିରିରେ ୨୫ କୋଟି ଟଙ୍କାର ୬ଟି ପ୍ରକଳ୍ପ ଉଦ୍ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୨/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ମାଲକାନଗିରି ଜିଲ୍ଲା ପାଇଁ ୬ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍ଘାଟନ କରିଛନ୍ତି । ଏଥିପାଇଁ ୨୫ କୋଟି ଟଙ୍କା ବିନିଯୋଗ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହିସବୁ ପ୍ରକଳ୍ପଗୁଡିକ ଜିଲ୍ଲାର ସାମାଜିକ ଓ ଆର୍ଥିକ ବିକାଶକୁ ଆହୁରି ଆଗେଇ ନେବ । ଭିଡିଓ କନ୍ଫରେନ୍ସିଂ ଜରିଆରେ ପ୍ରକଳ୍ପ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ମାଲକାନଗିରି ସବୁବେଳେ ମୋ ପାଇଁ ସ୍ୱତନ୍ତ୍ର ହୋଇ ରହିଛି । ମାଲକାନଗିରିର ବିକାଶ କାମ ମୋତେ ସବୁଠାରୁ ଅଧିକ ଖୁସି ଦେଇଥାଏ । ମୋର ପୂର୍ଣ୍ଣ ବିଶ୍ୱାସ, ମାଲକାନଗିରି ପରିଚୟ ଆଗକୁ ଆହୁରି ଉଜ୍ଜଳ ହେବ । ରାଜ୍ୟର ଏକ ଆଗୁଆ ଜିଲ୍ଲା ଭାବରେ ବିକାଶ ମାନଚିତ୍ରରେ ମାଲକାନଗିରି ନିଜର ସ୍ଥିତିକୁ ଆହୁରି ଦୃଢ କରିବ ।' ଆଜି ଉଦ୍ଘାଟିତ ହୋଇଥିବା ପ୍ରକଳ୍ପ ଗୁଡିକ ମଧ୍ୟରେ ରହିଛି – ଅନ୍ୱେଷା କାର୍ଯ୍ୟକ୍ରମରେ ଶିକ୍ଷାଗ୍ରହଣ କରୁଥିବା ଅନୁସୂଚିତ ଜନଜାତି ଓ ଜାତି ପିଲାମାନଙ୍କ ପାଇଁ ଦୁଇଟି ହଷ୍ଟେଲ । ଏଥିରେ ୬୦୦ ପୁଅ ଓ ୬୦୦ ଝିଅ ରହିବପାଇଁ ବ୍ୟବସ୍ଥା କରାଯାଇଛି । ମୋଟୁ ଟ୍ରାଇ ଜଙ୍କସନ୍ରେ ବିଜୁ ପଟ୍ଟନାୟକ ଅନ୍ତଃରାଜ୍ୟ ବସ୍ ଟର୍ମିନାଲ । ଏହା ଜିଲ୍ଲା ସହିତ ଛତିଶଗଡ ଓ ▶▶ପୃଷ୍ଠା ୭

# କରୋନା ପାଇଁ ପୁଣି ଚୀନରେ ଲାଗିଲାଣି କଡ଼ା କଟକଣା



ନୂଆଦିଲ୍ଲୀ, ୨୨/୧୧ : ଚୀନରେ ପୁଣି କାୟା ମେଲାଉଛି କରୋନା । ରାଜଧାନୀ ବେଜିଂରେ ଦୁଇ ଦିନରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି । ସୋମବାର ଦୈନିକ ସଂକ୍ରମଣ ସଂଖ୍ୟା ୨୮ ହଜାର ୧୨୮ରେ ପହଂଚିଛି । ସେହିପରି ମଙ୍ଗଳବାର ଦୁଇଗୁଣା ବୃଦ୍ଧି ପାଇଛି । ବ୍ରେଜିଂରେ କରୋନାରେ ତିନିଜଣଙ୍କ ମୃତ୍ୟୁ ଘଟିଛି । ୬ ମାସ ପରେ ପ୍ରଥମ ଥର ପାଇଁ ସପ୍ତାହକରେ ତିନିଜଣଙ୍କ ମୃତ୍ୟୁ ହୋଇଛି, ଯାହା ଚିନ୍ତାର ବିଷୟ ପାଲଟିଛି । ସେପଟେ ଦ୍ରୁତ ସଂକ୍ରମଣକୁ ଦୃଷ୍ଟିରେ ରଖି ଚୀନର ବିଭିନ୍ନ ସ୍ଥାନରେ ଲାଗୁ ହୋଇଛି ଲକ୍ଡାଉନ ବ୍ୟବସ୍ଥା । ଏଥିସହ ସାମୂହିକ ପରୀକ୍ଷା ଏବଂ ସଙ୍ଗରୋଧ ବ୍ୟବସ୍ଥା ମଧ୍ୟ ପୁଣି ଥରେ ଲାଗୁ ହୋଇଛି । ରାଜଧାନୀ ବେଜିଂର ବିଭିନ୍ନ ସପିଂ ମଲ, ସଂଗ୍ରାହଳୟ, ଓ ପାର୍କ ଉପରେ କଟକଣା ଲାଗିଛି । ସେହିପରି ସ୍କୁଲ ଗୁଡିକରେ ଅନଲାଇନ୍ ପାଠପଢା ଆରମ୍ଭ ହୋଇଛି । କିଛି ଦିନ ତଳେ ଚୀନରେ ସଂକ୍ରମଣ ବଢୁଥିବାରୁ ସେଠାକାର ସରକାର କଡା କଟକଣା ଜାରି କରିଥିଲା, ଯାହାକୁ ନେଇ ସାଧାରଣ ଲୋକେ ଅସନ୍ତୋଷ ବ୍ୟକ୍ତ କରିଥିଲେ ।

# ଆଜିଠୁ ମାଟ୍ରିକ୍ ସମେଟିଭ୍ ପରୀକ୍ଷା



କଟକ/ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଆସନ୍ତାକାଲି (ବୁଧବାର)ଠୁ ଆରମ୍ଭ ହେବାକୁ ଯାଉଛି ଦଶମ ଶ୍ରେଣୀର ପ୍ରଥମ ସମେଟିଭ ପରୀକ୍ଷା । ସେଥିପାଇଁ ବୋର୍ଡ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ସମସ୍ତ ନୋଡାଲ ସେଂଟର ମାନଙ୍କୁ ପ୍ରଶ୍ନ ପତ୍ର ପଠାଯାଇଛି । କପି ରୋକିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା କରାଯାଇଛି । ବୋର୍ଡସ୍ତରୀୟ ଜିଲ୍ଲା ଶିକ୍ଷା ଅଧିକାରୀସ୍ତରୀୟ ବ୍ୟବସ୍ଥା କରାଯାଇଛି । ସେହିପରି ପୂର୍ବରୁ ଯେଉଁ ସବୁ ସେଂଟରରେ କପି ହେଉଥିବାର ନଜିର ରହିଛି । ସେଠି କପି ରୋକିବା ପାଇଁ ଅବଜରଭର ରଖାଯାଇଛି । ପରୀକ୍ଷା କେନ୍ଦ୍ରରେ ମୋବାଇଲ ଫୋନ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଚଳିତବର୍ଷ ଛାତ୍ର ଛାତ୍ରୀ ନିଜ ସ୍କୁଲରେ ପରୀକ୍ଷା ଦେବେ ନାହିଁ । ସମେଟିଭ ୧ ଓ ସମେଟିଭ ୨ ମାର୍କକୁ ଦେଖି ଛାତ୍ରଛାତ୍ରୀଙ୍କ ଫଳ ପ୍ରକାଶ ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି । ସୂଚନା ଅନୁଯାୟୀ ଚଳିତ ମାସ ୨୩ରୁ ୩୦ ତାରିଖ ଯାଏଁ ମାଟ୍ରିକ ସମ୍ମେଟିଭ୍ ଆସେସ୍‌ମେଂଟ-୧ ପରୀକ୍ଷା ଅନୁଷ୍ଠିତ ହେବ । ରାଜ୍ୟର ୩୦ ଜିଲ୍ଲାର ୩୦୨୯ ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ । ଚଳିତବର୍ଷ ୫ ଲକ୍ଷ ୪୦ ହଜାର ୭୧୨ ଜଣ ଛାତ୍ରଛାତ୍ରୀ ୩୦୨୯ଟି କେନ୍ଦ୍ରରେ ପରୀକ୍ଷା ଦେବେ । ସେହିପରି ମଧ୍ୟମାରେ ୨୯୧୪ ଜଣ ▶▶ପୃଷ୍ଠା ୭

## ୭୨ଘଣ୍ଟା ପରେ ବି ମିଳୁନି ନିଖୋଜ ପର୍ବତାରୋହୀଙ୍କ ପତ୍ତା

ନୂଆଦିଲ୍ଲୀ, ୨୨/୧୧ : ୭୧ ଘଂଟା ବିତିଯାଇଥିଲେ ସୁଦ୍ଧା ହିମାଚଳ ପ୍ରଦେଶର କୁଲୁ ଜିଲ୍ଲାରେ ପର୍ବତାରୋହୀ ନିଖୋଜ ଘଟଣାରେ ଏବେ ସୁଦ୍ଧା ନିଖୋଜଙ୍କ ମିଳୁନି ପତା । ଫ୍ରେଣ୍ଡସିପ୍ ପିକ୍ରେ ହିମସ୍ଖଳନ ଯୋଗୁଁ ନିଖୋଜ ହୋଇଥିବା ପର୍ବତାରୋହୀଙ୍କୁ ଖୋଜୁଛନ୍ତି ଉଦ୍ଧାରକାରୀ ଦଳ । ସୂଚନା ମୁତବିକ ଅଟଳ ବିହାରୀ ବାଜପେୟୀ ପର୍ବତାରୋହଣ ଏବଂ କ୍ରୀଡା ପ୍ରତିଷ୍ଠାନର ଏହି ଦଳରେ ୧୦ ଜଣ ସଦସ୍ୟ ଥିଲେ । ସେଥିମଧ୍ୟରୁ ନଭେମ୍ବର ୧୫ ତାରିଖରେ ତିନିଜଣ ଯୁବକ ଫ୍ରେଣ୍ଡସିପ୍ ପିକ୍ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ତେବେ ଶନିବାର ଜଣେ ଟ୍ରେକର ହିମସ୍ଖଳନରେ ନିଖୋଜ ହୋଇଥିଲେ । ଏହାକୁ ନେଇ ତାଙ୍କର ଅନ୍ୟ ଦୁଇ ସାଥି ଥାନାରେ ସୂଚନା ଦେଇଥିଲେ ।

# ପଦ୍ମପୁରର କେତେ ଚାଷୀଙ୍କୁ ଇନପୁଟ୍ ସବସିଡି ଦିଆଗଲା ତଥ୍ୟ ପ୍ରକାଶ କରନ୍ତୁ ରାଜ୍ୟ ସରକାର : ଧର୍ମେନ୍ଦ୍ର



ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଓଡ଼ିଶାରେ ଦୀର୍ଘ ୨୨ ବର୍ଷ ଧରି ଥିବା ଗୋଟିଏ ସରକାର ଲମ୍ବା ସମୟ ପର୍ଯ୍ୟନ୍ତ ଲୋକମାନଙ୍କୁ ଭ୍ରମିତ ଓ ଅନ୍ଧାରରେ ରଖିପାରିବ ନାହିଁ । ଲୋକମାନେ ସତ ଜାଣିଲେଣି । ମିଛ କଥାକୁ ବାରମ୍ବାର ଯୋରରେ ଯୋରରେ କହିଲେ ସତ ହୋଇଯାଏନି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପଦ୍ମପୁର ଉପନିର୍ବାଚନରେ ରାଜ୍ୟ ସରକାରଙ୍କ ଭୂମିକାକୁ ନେଇ ଗଣମାଧ୍ୟମର ପ୍ରଶ୍ନରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ବରଗଡ଼ ଓ ପଦ୍ମପୁର ଅଞ୍ଚଳ ପାଇଁ ରାଜ୍ୟ ସରକାର ମିଛ ସୁଆଙ୍ଗ ରଚୁଛନ୍ତି । ଜିଲ୍ଲାପାଳଙ୍କ ଠାରୁ ରାଜ୍ୟ ସରକାର ମରୁଡି ରିପୋର୍ଟ ପାଇବାର ଅନେକ ଦିନ ପରେ ମଧ୍ୟ କେବେ ପ୍ରଭାବିତ ଅଞ୍ଚଳକୁ ମରୁଡି ଘୋଷଣା କରାଗଲା ? ଓଡ଼ିଶା ବିଶେଷ ଭାବେ ବରଗଡ ଜିଲ୍ଲାର ପଦ୍ମପୁରର କେତେ ଚାଷୀ ଓ କେଉଁ ଚାଷୀଙ୍କୁ ଇନପୁଟ୍ ସବସିଡି ଦିଆଗଲା, ଏହାର ତଥ୍ୟ ପ୍ରକାଶ ନ କରି ରାଜ୍ୟ ସରକାର ସୁଆଙ୍ଗ ରଚୁଛନ୍ତି । ବରଗଡ ବିଶେଷ ଭାବରେ ପଦ୍ମପୁରର ୩ଟି ବ୍ଲକର ଜଣେ ବି ଚାଷୀଙ୍କ ନାଁ ଇନପୁଟ ସବସିଡି ଦେବା ପାଇଁ ତାଲିକାଭୁକ୍ତ କରାଯାଇଛି କି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଶ୍ନ କରିଛନ୍ତି । ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ଓଡ଼ିଶାର ଚାଷୀ ମାନଙ୍କୁ ଲମ୍ବା ସମୟ ପର୍ଯ୍ୟନ୍ତ ଫସଲ ବୀମାରୁ ବଞ୍ଚିତ କରାଯାଇଥିଲା । ସରକାର ବରଗଡ ଜିଲ୍ଲାକୁ ▶▶ପୃଷ୍ଠା ୭

# ୨୬ ନଭେମ୍ବରରେ ରାଜ୍ୟବ୍ୟାପୀ ପାଳିତ ହେବ ସମ୍ବିଧାନ ଦିବସ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଭାରତୀୟ ସମ୍ବିଧାନ କାର୍ଯ୍ୟକାରୀ ହେବାର ଦିବସ ନଭେମ୍ବର ୨୬କୁ ସାରା ଦେଶରେ ସମ୍ବିଧାନ ଦିବସ ରୂପେ ପାଳନ ପାଇଁ ଜାତୀୟ ସ୍ତରରେ ନିଷ୍ପତି ହୋଇଛି । ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ସଂସଦୀୟ ବ୍ୟାପାର ମନ୍ତ୍ରାଳୟର ସଚିବ ରାଜ୍ୟ ସରକାରଙ୍କୁ ପତ୍ର ଲେଖି ଜଣାଇଛନ୍ତି । ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ସରକାରୀ ଉଦ୍ୟୋଗ ବିଭାଗ ଦ୍ୱାରା ସେମାନଙ୍କ ଅଧିନସ୍ଥ ସ୍କୁଲ, କଲେଜ, ସରକାରୀ ଉଦ୍ୟୋଗ ଓ ସ୍ୱୟଂଶାସିତ ପ୍ରତିଷ୍ଠାନଗୁଡ଼ିକରେ ଏହି ସମ୍ବିଧାନ ଦିବସ ସ୍ୱତନ୍ତ୍ର ରୂପେ ପାଳିତ ହେବ । ଏହି ଦିବସ ପାଳନ ସମୟରେ ଭାରତୀୟ ସମ୍ବିଧାନର ମୁଖବନ୍ଧକୁ ପାଠ କରାଯିବ । ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ, ମୁଖ୍ୟ ନିର୍ଦ୍ଦେଶାଳୟ ଏବଂ ଜିଲ୍ଲାପାଳମାନେ ଏହି ଦିବସକୁ ପାଳନ କରିବାକୁ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ କୁହାଯାଇଛି ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୨୨/୧୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଡୁଙ୍ଗୁରିପାଲି ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅବୋଲି ସୁନୀଲ ନରୱଣେ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢ଼ୀ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୩୦ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧରେ ବ୍ୟକ୍ତିଗତ ଦରଖାସ୍ତ ୨୬ ଗୋଟି, ସାମୁହିକ ଦରଖାସ୍ତ ୪ ଗୋଟି ଗ୍ରହଣ କରାଯାଇଛି । ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ଶିବିରରେ ବିଭିନ୍ନ ମାମଲାର ୫ ଗୋଟି ଅଭିଯୋଗ ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୨୫ ଟି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗ ଗୁଡିକୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି । ଶିବିରରେ ଗତ ଏକ ମାସ ମଧ୍ୟରେ ଡୁଙ୍ଗୁରିପାଲି ବ୍ଲକ ଅଂଚଳର ବିଭିନ୍ନ ସମସ୍ୟା ସମ୍ପର୍କିତ ବିଭିନ୍ନ ଖବର କାଗଜରେ ପ୍ରକାଶିତ ଖବର ଉପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ବିଭାଗୀୟ ପଦକ୍ଷେପ ସମ୍ବନ୍ଧରେ ପଚାରି ବୁଝିବା ସହିତ ପ୍ରକାଶିତ ହେଉଥିବା ବିଭାଗ ସମ୍ପୃକ୍ତ ଖବର ଗୁଡିକୁ ଗୁରୁତ୍ୱର ସହ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି ଜିଲ୍ଲାପାଳ ଶ୍ରୀମତୀ ନରୱଣେ । ବିଡିଓ ତ୍ରିପୁର ମହାନନ୍ଦିଆଙ୍କ ତତ୍ୱାବଧାନରେ ଅଦ୍ୟ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ସୋନପୁର ଡ଼ଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବ୍ଲକ ଅଧକ୍ଷ୍ୟା ଅହଲ୍ୟା ସାହୁ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲଦାର, ବ୍ଲକ ସ୍ତରୀୟ କର୍ମଚାରୀ ପ୍ରମୁଖ ଯୋଗଦାନ କରିଥିଲେ ।

## ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର

ବାସୁଦେବପୁର, ୨୨/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କେକେଜିପି ହାଇସ୍କୁଲ ଚାନ୍ଦିମାଳ ପରିସରରେ ସତ୍ୟସାଇ ସେବା ସଂଗଠନ ବାସୁଦେବପୁର ଓ ଚାନ୍ଦିମାଳ ଭଜନ ମଣ୍ଡଳୀ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସତ୍ୟସାଇ ସଂଗଠନ ର ଜିଲ୍ଲା ସଭାପତି ବୃନ୍ଦାବନ ଚନ୍ଦ୍ର ବେହେରା ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ ।



ଆବାହକ ସ୍ମୃତି ରଂଜନ ପଳିତା, ଆଧାତ୍ମିକ ସଂଯୋଜକ ତ୍ରଲୋକ୍ୟ ନାଥ ପଣ୍ଡା, ଶିବିର ସଂଯୋଜକ ବିଚିତ୍ରା ନନ୍ଦ ଭୋଇ, କନଭେନର ଶରତ ଚନ୍ଦ୍ର ବେହେରା, ବାସୁଦେବ ମଳିକ, ଦୟାନିଧି ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି ଅବସରରେ ୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ସମସ୍ତ ରକ୍ତଦାତା ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

## କେନ୍ଦ୍ରାପଡ଼ାରେ ଖୋଲିଲା କଗନିଜେନ୍ସ ଟେକିଂ କୋର୍ଟ

କେନ୍ଦ୍ରାପଡ଼ା, ୨୨/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସରରେ ସୋମବାର ବିଚାର ପ୍ରକ୍ରିୟାକୁ ତ୍ୱରାନିତ କରିବା ପାଇଁ ଓଡିଶାର ୨୫ଟି ଜିଲ୍ଲାରେ ଜେ.ଏମ୍.ଏଫ୍.ସି ପ୍ରଥମ ଶ୍ରେଣୀ କଗନିଜେନ୍ସ ଟେକିଂ କୋର୍ଟ ଖୋଲିଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାରେ ମଧ ଖୋଲାଯାଇଛି । ଏହି କୋର୍ଟକୁ ମାନ୍ୟବର ଜିଲ୍ଲା ଓ ଦୌରାଜଜ ବିଶ୍ୱଜିତ୍ ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଡେରାବିଶ ଥାନା ଏବଂ ନିକିରାଇ ଥାନାରେ ହେଉଥିବା ମାମଲା ଗୁଡିକ ଏହି କୋର୍ଟରେ ପରିଚାଳନା କରାଯିବ । ମାନ୍ୟବର ଏସଡିଜେଏମଙ୍କ କୋର୍ଟରେ ମାମଲା ଗୁଡିକ ପଡି ରହୁଥିବାରୁ ଏହି କୋର୍ଟରେ ଏହା ଶିଘ୍ର କାର୍ଯ୍ୟକାରୀ ହେବ ବୋଲି ଜଣାପଡିଛି । ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଅଜୟ ପ୍ରଧାନ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସନ୍ଦିପ ସମ୍ପଦ ମଡକର, ଏଡିଜେ ପୋକ୍ସୋ, ପ୍ରଣତୀ ପଟ୍ଟନାୟକ, ସିଜେଏମ ପୂଜା ଷଡଙ୍ଗୀ ରେଜିଷ୍ଟ୍ରାର ରମାଦେବୀ ସୋରେନ, ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ, ଜିଲ୍ଲା ଓକିଲ ସଂଘ ସଭାପତି ଧ୍ରୁବ ଚରଣ ଜେନା, ସଂପାଦକ ଜିତେନ୍ଦ୍ରୀୟ ରାଉତ, କୋର୍ଟ ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ଦାସଙ୍କ ସମେତ ବହୁ ଅଇନଜିବୀ ଓ ସମସ୍ତ ବିଚାରପତି ଉପସ୍ଥିତ ଥିଲେ । ଖୋଲା ଯାଇଥିବା ଏହି ନୂତନ କୋର୍ଟରେ ବିଚାରପତି ଭାବେ ଅମିତ କୁମାର ଜେନାଙ୍କୁ ନିଯୁକ୍ତି ଦିଆଯାଇଛି ।

## ଜବାହର ନବୋଦୟ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସେବା ଶିବିର

ବାସୁଦେବପୁର, ୨୨/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଚାନ୍ଦିମାଳ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଭଦ୍ରକ ରୋଟାରୀ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ଡକ୍ଟର ବିଶ୍ୱନାଥ ଖିଲାର, ରୋଟାରୀ କ୍ଲବ ଅଧକ୍ଷ ଶିଶିର ମିଶ୍ର, ସଭାପତି ପ୍ରିତୀ ରଂଜନ ଜେନା, ସମ୍ପାଦକ ଡକ୍ଟର ବେଦ ପ୍ରକାଶ ଗୁପ୍ତା, ଆପୋଲୋ ହସ୍ପିଟାଲ ଡ଼କ୍ଟର ପ୍ରେମାନନ୍ଦ ପଟ୍ଟନାୟକ, ଡକ୍ଟର ଜିଜ୍ଞାସୁ ଦାସ ପ୍ରମୁଖ ଅତିଥି ଭାବେ ଏହି ଶିବିର ରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର




ଅଧ୍ୟାପକ ଅଧ୍ୟାପିକା ବିନୋଦ ଜେନା, ବିବେକ ତିବାରି, ନିତୁ ସା, ରେଣୁବାଳା ଷଡଙ୍ଗୀ, କଳ୍ପନା ଦାସ, ମଧୁସ୍ମିତା ଜେନା, ରିଆ ଦତ୍ତ, ବିଜୟ ଦଳେଇ, ଦୋଳ ଗୋବିନ୍ଦ ନାୟକ, ନିଲେସ କୁମାର ପ୍ରମୁଖ ଯୋଗଦେଇ ଶିବିର କୁ ପ୍ରଶଂସା କରିଥିଲେ । ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଡକ୍ଟର ପ୍ରେମାନନ୍ଦ ପଟ୍ଟନାୟକ ଦ୍ୱାରା prevention is better then cure, ଡକ୍ଟର ଜିଜ୍ଞାସୁ ଦାସ ଙ୍କ ଦ୍ୱାରା naturopathy and fitness mantra for hostler ବିଷୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧ୍ୟାପକ ବିନୋଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଶାକର୍ମୀ ସଂଘ ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

କେନ୍ଦ୍ରାପଡ଼ା, ୨୨/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଶାକର୍ମୀ ସଂଘ କମିଟି ପକ୍ଷରୁ ସୋମବାର ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠାନ ହୋଇଯାଇଛି । ଆଶାକର୍ମୀ ମାନଙ୍କୁ ସରକାରି ଚାକିରୀର ମାନ୍ୟତା ଦେବା, ଅବସର ପରେ ପେନଶନ ବ୍ୟବସ୍ଥା କରିବା ଓ ଚାକିରୀ ଅବଧି ମଧ୍ୟରେ ପଦୋନ୍ନତି ଦେବା ଆଦି ୯ ଦଫା ଦାବି ଉପସ୍ଥାପନ କରାଯାଇଛି । ଆଶାକର୍ମୀ ସଂଗର ଏକ ବିରାଟ ପଟୁଆର ତିନିମୁହାଣୀ ରୁ ବାହାରି ସହର ପରିକ୍ରମା କରି ଜିଲ୍ଲା କାର୍ଯ୍ୟାଳୟ ନିକଟରେ ପହଁଚିବା ପରେ ସଂଘର ସଭାପତି ବିକାଶ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ପ୍ରତିବାଦ ସଭା କରାଯାଇ ଥିଲା ।

## ଦିବ୍ୟାଙ୍ଗ ପାଲଟିଛନ୍ତି ତିନି ଭଉଣୀ : ଅର୍ଥ ସାଜିଛି ବାଧକ

ନୂଆପଡ଼ା, ୨୨/୧୧ (ନି.ପ୍ର): ଦିନଥିଲା ଭଲ ଭାବରେ ଚଲାବୁଲା କରୁଥିଲେ । ପାଠ ପଢିବା ପାଇଁ ସ୍କୁଲ ମଧ ଯାଉଥିଲେ । ନିଜ କାମ କରିବା ସହ ଘରର ସବୁ କାମରେ ମା-ବାପାଙ୍କୁ ସହଯୋଗ କରୁଥିଲେ । ହସ ଖୁସିରେ ଅତି ସୁନ୍ଦର ଭାବରେ ପରିବାର ଚାଲିଥିଲା । ହେଲେ କଣ ହେଲା କେଜାଣି ଏକ ନିର୍ଦ୍ଦିଷ୍ଟ ବୟସ ଅତିକ୍ରମ କରିବା ପରେ ଜଣକ ପରେ ଜଣେ ଦୁଇ ଦୁଇ ବର୍ଷ ବ୍ୟବଧାନ ଭିତରେ ତିନି ଭଉଣୀ ଆଉ ଚାଲି ପାରିଲେ ନାହିଁ । ପାଲଟିଗଲେ ଦିବ୍ୟାଙ୍ଗ କ୍ଷ ମା-ବାପାଙ୍କୁ ସାହାଯ୍ୟ କରୁଥିବା ତିନି ଭଉଣୀ ମା-ବାପାଙ୍କ ସହାୟତା ଚାହିଁଲେ । ମା-ବାପା ଉପଯୁକ୍ତ ଚିକିତ୍ସା କରିନ ପାରିବାରୁ ବର୍ତ୍ତମାନ ଅସହାୟ ହୋଇ ଅଭିଶପ୍ତ ଜୀବନ ବିତାଉଛନ୍ତି ତିନି ଭଉଣୀ । ଏ ହେଉଛି ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ସାନମହେଶ୍ୱର ପଂଚାୟତ ଘରଧର ଗାଁର ଉପେନ୍ଦ୍ର ବନ୍ଦୀଛୋର ଏବଂ ଅନ୍ନପୂର୍ଣ୍ଣା ବନ୍ଦୀଛୋରଙ୍କ ଝିଅ ଗାୟତ୍ରୀ (୩୦), ଗୌତମୀ (୨୮) ଓ ଚମ୍ପାକଳୀ (୨୬)ଙ୍କ ସହିତ ଗାୟତ୍ରୀ, ଗୌତମୀ ଓ ଚମ୍ପାକଲିଙ୍କ ସହିତ ଆଉଜଣେ ଝିଅ ଦୁଲ୍ଲବୀ (୨୪) ପୁଅ ବିଭୁତି ଭୂଷଣ (୨୨) ଓ ଚୌଧୁରୀଙ୍କୁ ନେଇ ଉପେନ୍ଦ୍ର ଓ ଅନ୍ନପୂର୍ଣ୍ଣାଙ୍କ ପରିବାର । ସମ୍ପତି କହିଲେ ଦେଢ଼ ଏକର ଚାଷଜମି । ଏହି ପରିବାର ବିପିଏଲ ଶ୍ରେଣୀର । ଚାଷ ବାସ କରି ଯେଉଁ ରୋଜଗାର ହୁଏ ସେଥିରେ ପରିବାର ଚଳେ । ବଡ଼ଝିଅ ଗାୟତ୍ରୀ ୨୦୦୮ରେ, ଗୌତମୀ ୨୦୧୦ ଓ ଗୌତମୀ ୨୦୧୨ରେ ମାଟ୍ରିକ ପରୀକ୍ଷାରେ ପାସ କରିଛନ୍ତି । ଝିଅମାନେ ବଡହୋଇ ସୁଖ ଦୁଃଖରେ ସହଯୋଗ କରିବେ ବୋଲି ଉପେନ୍ଦ୍ର ଓ ଅନ୍ନପୂର୍ଣ୍ଣା ଆଶା ବାନ୍ଧିଥିଲେ । ହେଲେ ଭାଗ୍ୟର ବିଡମ୍ବନା କୌଣସି ନିର୍ଦ୍ଦିଷ୍ଟ ରୋଗରେ ଆକ୍ରାନ୍ତ ହୋଇ ତିନି ଭଉଣୀ ଆଉ ଚାଲି ପାରିଲେନାହିଁ । ଫଳରେ ଏମାନେ ଏବେ ଖଟରେ ପଡିରହି ଜୀବନ ବିତାଉଛନ୍ତି । ଝାଡା, ପରିସ୍ରା କିମ୍ବା ଗାଧୋଇବାପାଇଁ ମାଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଛନ୍ତି କ୍ଷ ତିନି ଭଉଣୀ ଚାଲିବୁଲି ପାରୁନଥିବାରୁ ମା ସେମାନଙ୍କୁ ବୋହି ନେବାକୁ ପଡୁଛି । ଗାୟତ୍ରୀ ପ୍ରଥମେ ଅଜଣା ରୋଗର ଶିକାର ହେବାପରେ ଉପେନ୍ଦ୍ର ଓ ଅନ୍ନପୂର୍ଣ୍ଣା ଜମିବାଡ଼ି ଓ ସୁନା ଗହଣା ବିକ୍ରିକରୀ ଚିକିତ୍ସା କଲେ ହେଲେ ସୁଫଳ ମିଳିଲା ନାହିଁ । ପରବର୍ତ୍ତୀ ସମୟରେ ଗାୟତ୍ରୀଙ୍କ ଭଳି ଗୌତମୀ ଓ ଚମ୍ପାକଲି ମଧ ସେଇ ରୋଗର ଶିକାର ହୋଇଛନ୍ତି । ପରିବାରର ଆର୍ଥିକ ପରିସ୍ଥିତି ଭଲ ନଥିବାରୁ ଏମାନଙ୍କ ଚିକିତ୍ସା ହୋଇପାରୁ ନାହିଁ । ସରକାରୀ ତଥା ବଦାନ୍ୟ ବ୍ୟକ୍ତି କିମ୍ବା ଅନୁଷ୍ଠାନର ସହାୟତକୁ ଚାତକ ପକ୍ଷୀଭଳି ଚାହିଁ ବସିଛନ୍ତି ।

## ପୁରାତନ ଛାତ୍ର ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ବାସୁଦେବପୁର, ୨୨/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିନାୟକପୁର ପଞ୍ଚାୟତ ହାଇସ୍କୁଲ ପରିସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ପୂଜ୍ୟ ପୂଜା ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଚିନ୍ଦ୍ର ମଲିକ ଏହି ସଭାରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ପ୍ରଫେସର ଡକ୍ଟର ମୁରଲୀଧର ସାହୁ, ମୁଖ୍ୟ ବକ୍ତା ପ୍ରଫେସର ତଥା ପ୍ରକୃତି ବନ୍ଧୁ ରବି ନାରାୟଣ ସେନାପତି, ସମ୍ମାନିତ ଅତିଥି ବରିଷ୍ଠ ଶିକ୍ଷାବିତ କମଳାକାନ୍ତ ନାୟକ, ବିଷ୍ଣୁ ମୋହନ ନାୟକ, ବିଷ୍ଣୁ ଚରଣ ଦାସ, ନରେନ୍ଦ୍ର ପ୍ରସାଦ ବାରିକ, ମହେଶ୍ୱର ତ୍ରିପାଠୀ, ବ୍ରଜ କିଶୋର ବାରିକ, କରୁଣା କର ସେନାପତି, ମଧୁସୂଦନ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଓ ପଂଚାୟତ ର ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରାତନ ଛାତ୍ର ସଂସଦର ସଭାପତି ଶରତ ମିଶ୍ର ସ୍ୱାଗତ ଭାଷଣ ଓ ସମ୍ପାଦକ ଗୋବର୍ଦ୍ଧନ ମଲିକ ବିବରଣୀ ପାଠ କରିଥିଲେ । ବିଜୟ ମିଶ୍ର ଅତିଥି ପରିଚୟ ଓ କମଳାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶ ହୋଇଥିଲା ।

## ଏବିଭିପି ପକ୍ଷରୁ ଝାନ୍ସୀରାଣୀ ଲକ୍ଷ୍ମୀବାଈଙ୍କ ଜନ୍ମ ଜୟନ୍ତୀ ପାଳନ

କନ୍ଧମାଳ, ୨୨/୧୧ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) କନ୍ଧମାଳ ଜିଲ୍ଲା ତରଫରୁ ଝାନ୍ସୀରାଣୀ ଲକ୍ଷ୍ମୀବାଈଙ୍କ ଜନ୍ମ ଜୟନ୍ତୀ ଅବସରରେ ଏକ ଜିଲ୍ଲା ସ୍ତରୀୟ ଝାନ୍ସୀରାଣୀ ଲକ୍ଷ୍ମୀ ବାଈଙ୍କ ଜନ୍ମ ଜୟନ୍ତୀ ଫୁଲବାଣୀ ସ୍ଥିତ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଳନ କରାଯାଇଥିଲା । ଏହି ଝାନ୍ସୀରାଣୀ ଲକ୍ଷ୍ମୀବାଈଙ୍କ ଜନ୍ମ ଜୟନ୍ତୀ ଅବସରରେ ବିଭିନ୍ନ ପ୍ରତିଯୋଗିତା ମଧ ଏବିଭିପି ତରଫରୁ ଆୟୋଜନ କରାଯାଇଥିଲା । ଯାହାକି ସଙ୍ଗୀତ, ନୃତ୍ୟ, ବକ୍ତୃତା, ଚିତ୍ରାଙ୍କନରେ କନ୍ଧମାଳ ଜିଲ୍ଲାର ପ୍ରତ୍ୟେକ କଲେଜ କ୍ୟାମ୍ପସରୁ ପ୍ରାୟ ୨୦୦ ରୁ ଅଧିକ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ନିଜର ପ୍ରତିଭାକୁ ଲୋକଲୋଚନକୁ ଆଣିଛନ୍ତି । ଏଥିରେ ମୁଖ୍ୟ ଅତିଥି ଭାବେ ଅସିତ ନନ୍ଦ, ମୁଖ୍ୟବକ୍ତା ଭାବେ ଗୋପୀନାଥ ରାଉତ ଏବଂ ସମ୍ମାନୀତ ଅତିଥି ଭାବେ ରମେଶ ଚନ୍ଦ୍ର ମହାନ୍ତି, ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ । କନ୍ଧମାଳ ଜିଲ୍ଲାର ଜିଲ୍ଲା ସଂଯୋଜକ ରୁଦ୍ର ପ୍ରସାଦ ସେଠୀ ଏବଂ ଛାତ୍ରୀ ତଅପୋଇ କହଁର ବିଦ୍ୟାର୍ଥୀ ପରିଷଦର ଲକ୍ଷ୍ୟ ଓ ଆଦର୍ଶ ବିଷୟରେ ନିଜର ଅଭିଭାଷଣ ରଖିଥିଲେ ।

## ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି ଶିବିର

ପୁରୀ, ୨୨/୧୧ (ନି.ପ୍ର): ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଆଜି ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୧ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ଗୋଟିଏ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଏଥିରେ ଅଧକ୍ଷତା କରିଥିଲେ ।

ଏଥିରେ ଉପଜିଲ୍ଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସପି ମିହିର କୁମାର ପଣ୍ଡା, ତହସିଲଦାର କ୍ଷୀରୋଦ ବେହେରା, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଇତିଶ୍ରୀ ନାୟକ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## ଫାଇଭ-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ମା' ଭଗବତୀ ମନ୍ଦିର ଦର୍ଶନ : ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ

ଖୋର୍ଦ୍ଧା, ୨୨/୧୧ (ନି.ପ୍ର): ରାଜ୍ୟରେ ଥିବା ବିଭିନ୍ନ ଶକ୍ତିପୀଠ ମଧ୍ୟରୁ ଖୋର୍ଦ୍ଧା ଜିଲା ବାଣପୁରରେ ଥିବା ମା ଭଗବତୀଙ୍କ ପୀଠ ଅନ୍ୟତମ । ତେବେ ଦୀର୍ଘ ଦିନ ଧରି ଅବହେଳିତ ହୋଇ ରହିଥିବା ପୀଠର ପୁନରୁଦ୍ଧାର କରିବା ସହିତ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ଏହାର ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସୋମବାର ସକାଳେ ଓଡ଼ିଶାର ପ୍ରସିଦ୍ଧ ଶକ୍ତିପିଠ ଖୋର୍ଦ୍ଧା ଜିଲ୍ଲା ବାଣପୁର ସ୍ଥିତ ମା' ଭଗବତୀ ମନ୍ଦିର ପରିଦର୍ଶନ କରିଛନ୍ତି ଫାଇଭ-ଟି ସଚିବ ଭି.କେ. ପାଣ୍ଡିଆନ । ଶ୍ରୀ ପାଣ୍ଡିଆନ ସକାଳ ୬ ଟା ୧୦ରେ ମା' ଙ୍କ ମନ୍ଦିର ସମ୍ମୁଖରେ ପହଂଚି ମା ଙ୍କ ଦର୍ଶନ କରିଥିଲେ । ଉକ୍ତ ସମୟ ମଧ୍ୟରେ ମନ୍ଦିରର ବିଭିନ୍ନ ଉନ୍ନତିକରଣ ଯୋଜନା ଗୁଡ଼ିକ ଉପରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବା ପରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଉପରେ ଶ୍ରୀ ପାଣ୍ଡିଆନ ମୋହର ମାରିଛନ୍ତି । ତେବେ ମନ୍ଦିର ଜମିର ସୀମା ନିର୍ଦ୍ଧାରଣ ସହ ଜବରଦଖଲ କାରୀଙ୍କୁ ଉଚ୍ଛେଦ, ମନ୍ଦିର ପଛପଟ ପ୍ରାଚୀର ସମ୍ପ୍ରସାରଣ, ବସଷ୍ଟାଣ୍ଡ ନିର୍ମାଣ ଓ ପାର୍କିଙ୍ଗ ବ୍ୟବସ୍ଥା, ଦୋଳବେଦି ଛକରୁ ଭଗବତୀ ମନ୍ଦିର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ (ପ୍ରସ୍ତାବିତ ୧୦ ମିଟର), ଯାତ୍ରୀ ନିବାସ ଓ କଲ୍ୟାଣ ମଣ୍ଡପ ନିର୍ମାଣ, ମୁଖ୍ୟ ମନ୍ଦିର ପୁନରୁଦ୍ଧାର ଓ ପରିକ୍ରମା ମାର୍ଗ ନିର୍ମାଣ, ରୋଷ ଘର ଉନ୍ନତିକରଣ, ସର୍ବସାଧାରଣ ପ୍ରସାଦ ସେବନ ଗୃହ ନିର୍ମାଣ, ମନ୍ଦିର କାର୍ଯ୍ୟାଳୟ ନିଯୋଗ ବୈଠକ ଗୃହ ନିର୍ମାଣ, ଐତିହାସିକ ଦକ୍ଷେଶ୍ୱର ମନ୍ଦିରର ପୁନରୁଦ୍ଧାର ଆଦି ଉନ୍ନୟନମୂଳକ ପ୍ରକଳ୍ପ ଗୁଡ଼ିକକୁ ତ୍ୱରାନ୍ୱିତ କରିବା ପାଇଁ ଫାଇଭ-ଟି ସଚିବ ମନ୍ଦିର ପ୍ରଶାସନ, ବାଣପୁର ଜନସାଧାରଣ ଏବଂ ସେବାୟତଙ୍କ ସହ ଆଲୋଚନା କରି ତୁରନ୍ତ ପ୍ଲାନ ଏଷ୍ଟିମେଟ କରି ପଠାଇବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପାଣ୍ଡିଆନଙ୍କ ଗସ୍ତ ସମୟରେ କେବଳ ସୀମିତ ବ୍ୟକ୍ତିଙ୍କ ମନ୍ଦିର ମଧକୁ ପ୍ରବେଶ ଅନୁମତି ଥିବାବେଳେ ଜିଲ୍ଲାପାଳ, ଏସପି, ବାଲୁଗାଁ ଏସଡିପିଓ, ବାଣପୁର ଆଇଆଇସି, ତହସିଲଦାର, ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ଏଣ୍ଡାଉମେଣ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ, ଏନଏସି ଅଧକ୍ଷ, ଜିଲ୍ଲା ପରିଷଦ ଉପାଧକ୍ଷ ଆଦି ମନ୍ଦିର ମଧ୍ୟରେ ଉପସ୍ଥିତ ରହିଥିଲେ । ପାଣ୍ଡିଆନଙ୍କ ଗସ୍ତ ଅବସରରେ ବାଣପୁର ସହରରେ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ମା ଭଗବତୀ ମନ୍ଦିର ଗସ୍ତ ସାରି ପାଣ୍ଡିଆନ ଜିଲାର ଅନ୍ୟତମ ଶକ୍ତିପୀଠ ଭୁଷଣ୍ଡପୁର ମା' ଉଗ୍ରତାରା ମନ୍ଦିର ପରିଦର୍ଶନ କରିବା ସହିତ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ପ୍ରଶାସନକୁ ସୂଚନା ଦେଇଥିବା ଜଣାପଡିଛି ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ଆଂଟି ରାଗିଂ କର୍ମଶାଳା

କେନ୍ଦ୍ରାପଡ଼ା, ୨୨/୧୧ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳରେ ଏକ ଆଂଟି ରାଗିଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ +୩ ୩ୟ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରୀମାନେ ଯୋଗ ଦେଇଥିଲେ । କର୍ମଶାଳାକୁ ମହାବିଦ୍ୟାଳୟର ଅଧକ୍ଷା ଡ଼ଃ ପ୍ରମିଳାରାଣୀ ବେହେରା ଉଦ୍‌ଘାଟନ କରିବା ସହିତ ରାଗିଂର ଶୂନ୍ୟ ସହନଶୀଳତା ଉପରେ ବକ୍ତବ୍ୟ ରଖିଥିଲେ । ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁ ଓ ପ୍ରଫେସର୍ ଜ୍ୟୋତ୍ସ୍ନାମୟୀ ପତି ରାଗିଂ ସମ୍ବନ୍ଧୀୟ ମୂଲ୍ୟବାନ୍ ତଥ୍ୟ ଓ ଆଇନଗତ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ ।

## ସହର ଉନ୍ନୟନ କାମ ପୋଖରି କାମରେ ଦୁର୍ନୀତିରେ ଦୁର୍ନୀତି ନେଇ ନଗର କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

ବଲାଙ୍ଗୀର, ୨୨/୧୧ (ନି.ପ୍ର): ରାଣୀବନ୍ଧ, କଁଣଗାକଂଟାର ଦୁର୍ବଳ କାମ ଓ ସହରରେ ହେଉଥିବା ସଫେଇ ଦୁର୍ନୀତିକୁ ନେଇ ଆଜି ବଲାଙ୍ଗିର ନଗର କଂଗ୍ରେସ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି । ପୌର ପରିଷଦର ଅପାରଗତା ଓ ଦୁର୍ନୀତ ବିରୁଦ୍ଧରେ ଗର୍ଜିବା ସହିତ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏ ଏସଂକ୍ରାନ୍ତୀୟ ଏକ ଦାବୀପତ୍ର ପ୍ରଦାନ କରିଛି । ନଗର ସଭାପତି ବୁଲୁ ଦାନୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବିକ୍ଷୋଭ ସମାବେଶରେ ଶ୍ରୀ ଦାନୀ କହିଛନ୍ତି ଯେ, ବିଧାୟକ ନରସିଂହ ମିଶ୍ରଙ୍କ ଉଦ୍ୟମ ବଳରେ ୨୯ ଗୋଟି ପୌର ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରି ସୁନ୍ଦର ରାସ୍ତାରେ ପରିଣତ କରାଯାଇଥିଲା । ଲୋକଙ୍କ ପିଇବା ପାଣି ସୁବିଧା ପାଇଁ ବିଧାୟକ ପାଣ୍ଠିରୁ ଟେଙ୍କର ଯୋଗେ ପାଣି ଯୋଗଇ ଦିଆଯାଇଥିଲା । ୧୬ ଗୋଟି ବନ୍ଧକଣ୍ଟାର ଉନ୍ନତି ପାଇଁ ସରକାରଙ୍କ ସହ ଲଢେଇ କରି ଅନୁଦାନ ଅଣାଯାଇଥିଲା । କିନ୍ତୁ ବର୍ତ୍ତମାନର ପୌରପରିଷଦ ସେ ସମସ୍ତ ରାସ୍ତାରେ ଡମ୍ପିୟାର୍ଡ କରି ଅବର୍ଜନା କୁଣ୍ଡରେ ପରିଣତ କରିଛି । ବନ୍ଧକଣ୍ଟାର ଉନ୍ନତି କରିବା ପରିବର୍ତ୍ତେ ସେଠାରେ ଚାଲିଥିବା କାମରେ ପିସି କାରବାର କରି ଲୋକଙ୍କ ପଇସାକୁ ଲୁଟ୍ ? କରୁଛନ୍ତି ତେଣୁ ଏସବୁ ଦୁର୍ନୀତି କାର୍ଯ୍ୟକଳାପ ଉପରେ ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରି ଦୋଷୀ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ନଗର ସଭାପତି ବୁଲୁ ଦାନୀ ନିଜ ବକ୍ତବ୍ୟରେ କହିଛନ୍ତି । ବିଧାୟକଙ୍କ ପୌର ପ୍ରତିନିଧି ଅଜୟ ବାଲି ବର୍ତ୍ତମାନର ପୌର ପରିଷଦକୁ ତିବ୍ର ସମାଲୋଚନା କରିବା ସହ କହିଥିଲେ ଯେ, ରାଣୀବନ୍ଧ ଓ କଁଣଗାକଣ୍ଟା ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଆସିଥିଲେ ହେଁ ନିର୍ମାଣ କାମକୁ ଏପରି ଡିଜାଇନ କରାଯାଇଛି ଯେଉଁଥିରେ ଅର୍ଥ ବାଟମାରଣାର ବାଟ ବାହାରିବ । ଜଳାଶୟର ପୁନଃଉଦ୍ଧାର ପାଇଁ ପଙ୍କ ଉଦ୍ଧାର ଅନିବାର୍ଯ୍ୟ ହୋଇଥିବା ବେଳେ ଠିକାଦାର ସହିତ ସଲା ସୁତୁରା କରି କେବଳ ଗାର୍ଡୱାଲ ନିର୍ମାଣ କରି କାମ ସାରି ଦିଆଯାଉଛି । ପୌର ପରିଷଦର ପ୍ରରୋଚନାରେ ଟେଣ୍ଡର ପ୍ରକ୍ରିୟାକୁ ଏପରି ଭାବେ ପରିଚାଳନା କରାଯାଉଛି, ଯେପରି ଜଣେ ନିର୍ଦ୍ଦିଷ୍ଟ ଠିକାଦାର ହିଁ ସେହି କାମ ହାତେଇବ । ଯଦ୍ୱାରା ସେ ଜଣେ ଠିକାଦାର ପୌର ପରିଷଦ ସହ ମିଶି ସହରରେ ଚାଲିଥିବା ବହୁ କୋଟି ଟଙ୍କାର କାମ ହାତେଇ ସାଧାରଣ କରଦାତାଙ୍କ କଷ୍ଟ ଅର୍ଜିତ ଅର୍ଥ ଲୁଟ କରୁଛି । ପରିସ୍ଥିତି ବିଗିଡିବା ଆଗରୁ ଜିଲ୍ଲାପାଳ ଉପରୋକ୍ତ ଘଟଣାରରେ ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ଶ୍ରୀ ବାଲି ଦାବୀ କରିଥିଲେ । ସହରକୁ ସଫା ସୁତୁରା ଓ ଆବର୍ଜନା ପରିଚାଳନା ପାଇଁ ପୌର ପରିଷଦରୁ ବର୍ଷକୁ କୋଟି କୋଟି ଟଙ୍କାର ବିଲ୍ ହେଉଛି । କିନ୍ତୁ ଆଶ୍ଚର୍ଯ୍ୟର କଥା ସହରର ୨୧ଟି ୱାର୍ଡର ପ୍ରତ୍ୟେକ ଗଳିରେ ଅବର୍ଜନା ଭର୍ତି ହୋଇ ରହିଛି । ଆବର୍ଜନା ଉଠାଇବା ପାଇଁ ବ୍ୟବହୃତ ଅନେକ ବ୍ୟାଟେରି ଗାଡି ଗୁଡିକ ଅଚଳ ହୋଇପଡି ରହିଥିବା ବେଳେ ସେ ଗାଡି ଗୁଡିକ ଉପରେ ମଧ ବିଲ୍ ଉଠୁଛି । ସଦ୍ୟତମ ସରକାରୀ ରିପୋର୍ଟ ଅନୁଯାୟୀ ସହରର ୧୬ ଗୋଟି ବନ୍ଧକଂଟର ପାଣି ମଣିଷ ବ୍ୟବହାର ଉପଯୋଗୀ ନୁହେଁ । ତେଣୁ ଲୋକେ ବାରମ୍ବାର ଭୋଟ ଦେଇ ବିଜୟୀ କରିଥିବା ନିର୍ଦ୍ଦିଷ୍ଟ ଦଳର ପୌର ପରିଷଦ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ସଜାଗ ଅଛି ନା ଲୋକଙ୍କୁ ମରଣଯନ୍ତା ଭିତରକୁ ଠେଲି ଦେଉଛି ଲୋକେ ତାହାର ଜବାବ ମଗନ୍ତୁ । ଆହୁରି ମଧ ମହାରଣୀ ସାଗର ଓ ଲକ୍ଷ୍ମୀ ଯୋରର ସଫେଇ କରିବା ପରିବର୍ତ୍ତେ ଓଲଟା ଖୋଦ ପୌରପାଳିକା ଆବର୍ଜନା ପକାଇ ସେ ଅଂଚଳକୁ ଦୂଷିତ କରୁଛନ୍ତି ବୋଲି ଜିଲ୍ଲା କିଷାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ଜିଲ୍ଲା ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ଉମା ପଣ୍ଡା, ଲୁଲୁ ପଟ୍ଟନାୟକ, ଛାତ୍ର ସଭାପତି, ଅଙ୍କିତ ସାହୁ, ଯୁବ ସଭାପତି ପ୍ରେମ ପ୍ରକାଶ ମିଶ୍ର, ଆକବର ଖାନ, ନାସିର ଖାନ, ଆରତି ପ୍ରତି ନାଗ, ଟୁଲୁ ସେନ, ସମୀର କୁମ୍ଭାର, କାଉନସିଲର ପ୍ରଦୀପ ମିଶ୍ର, ସେବାଦଳ ମୁଖ୍ୟ ଅସିତ ମିଶ୍ର, ବଜରଙ୍ଗ ବନଛୋର, ଲୋପନ ମିଶ୍ର, ଜୟନାରାୟଣ ବହିଦାର ପ୍ରମୁଖ ନିଜ ବକ୍ତବ୍ୟରେ ପୌର ପରିଷଦର କଳା କାରନାମାକୁ ସମାଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ନଗର କଂଗ୍ରେସ ତରଫରୁ ଏକ ଦାବୀପତ୍ର ସହକାରୀ ଜିଲ୍ଲାପାଳ ଦିଲିପ ମାଝିଙ୍କୁ ପ୍ରଦାନ କରାଯାଇଥିଲା ।

## ଶିକ୍ଷକ ଦକ୍ଷତା ବିକାଶ ପ୍ରଶିକ୍ଷଣ

କୋରେଇ, ୨୨/୧୧ (ନି.ପ୍ର): ଯାଜପୁର ସମଗ୍ର ଶିକ୍ଷା ଆନୁକୂଲ୍ୟରେ ୩ୟ ପର୍ଯ୍ୟାୟ ୫ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକଙ୍କର ଏକ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷାଧିକାରୀ ରଂଜନ କୁମାର ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଚଳିତ ମାସ ୧୭ ତାରିଖରୁ ଆରମ୍ଭ ହୋଇଥିବା ଏହି ପଂଚ ଦିବସୀୟ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଛି । ପ୍ରଥମ ଦୁଇ ଦିନ ଶିକ୍ଷକ ମାନଙ୍କ ନେତୃତ୍ୱ ଦକ୍ଷତା ବିକାଶ ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ଅବଶିଷ୍ଟ ତିନି ଦିନ ଡିଜିଟାଲ ଦକ୍ଷତା ବୃଦ୍ଧି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେବିରଜା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମଲିକ, ଡିପିସି କାର୍ଯ୍ୟାଳୟର ଏମଆଇଏସ ପ୍ରୋଗ୍ରାମର ରଜତ କୁମାର ସାହୁ, ଧର୍ମଶାଳା ବ୍ଲକର ଯୋଜନା ସହାୟକ ଆଶିଷ ରଂଜନ ବିଶ୍ୱାଳ ଓ ଏଡିଲିସର ଅଭିଷେକ ପଟ୍ଟନାୟକ ପ୍ରମୁଖ ପ୍ରଶିକ୍ଷକ ଭାବରେ କାର୍ଯ୍ୟ ନିର୍ବାହ କରିଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଂଝାରପୁର, ଦଶରଥପୁର ଓ ବରି ଆଦି ବ୍ଲକର ୫୬ ଜଣ ଶିକ୍ଷକ/ଶିକ୍ଷୟତ୍ରୀ ଯୋଗଦାନ କରିଥିଲେ । ପାଣିକୋଇଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟବାଦୀ ପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ବେହେରା ଓ ପ୍ରଫୁଲ୍ଲ କୁମାର ଦାଶ ସମେତ ସମସ୍ତ ଶିକ୍ଷକ/ ଶିକ୍ଷୟତ୍ରୀ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଆଜି ଉଦଯାପନି ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମର ସ୍ୱାଇଁ ଓ ଶଶିଧର ସିଂହ ଉପସ୍ଥିତ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କୁ ଉଦବୋଧନ ଦେଇ ନେତୃତ୍ୱ ବିକାଶ ଓ ଡିଜିଟାଲ ଦକ୍ଷତା ଆଜିର ସମୟ ପାଇଁ ଏକ ବଡ ଆହ୍ୱାନ, ଏହାହିଁ ପ୍ରଶିକ୍ଷଣ ଶିବିରର ମୁଖ୍ୟ ଉଦ୍ଦେଶ ।

# ଭାବନାର ରାଜ୍ୟ ରାବଣର ସ୍ୱର୍ଣ୍ଣ ଲଙ୍କା

ଶ୍ରୀ ପରେଶ ଚନ୍ଦ୍ର ସାହୁ

ତ୍ରେତୟା ଯୁଗରେ ରାବଣର ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଲା । ବ୍ରହ୍ମାଙ୍କ ବରରେ ବଳୀୟାର ହୋଇ ଦେବତାଙ୍କ ଉପରେ ମଧ ଦାଉ ସାଧିଲା । ଯକ୍ଷ, ରାକ୍ଷସ, ଗନ୍ଧର୍ବ, କୀନ୍ନର, ନାଗ ହାତରେ ତା'ର ମୃତ୍ୟୁ ଭେଦ ନଥିଲା । କେବଳ ମଣିଷ ହାତରେ ତାର ମୃତ୍ୟୁ ହେବ । ସେଥି ପ୍ରତି ତାର ଭ୍ରୂକ୍ଷେପ ନଥିଲା । କାରଣ ସେ ହିଁ ନିଜକୁ ସର୍ବଶ୍ରେଷ୍ଠ ବୋଲି ଭାବୁଥିଲା । ତାର ବରପ୍ରାପ୍ତି ସେତିକିରେ ସୀମିତ ନଥିଲା । ଦେବ ଦେବ ମହାଦେବଙ୍କର ମାନ ଭଙ୍ଗ କରି ଚନ୍ଦ୍ରହାସ ଖଡ଼୍ଗ ସହିତ ଅନେକ ପ୍ରକାର ଅସ୍ତ୍ରବିଦ୍ୟା ମଧ ପ୍ରାପ୍ତ ହୋଇଥିଲା । ମାନବ ଜାତିଙ୍କର ସର୍ବଶ୍ରେଷ୍ଠ ସମ୍ପଦ ମର୍ଯ୍ୟାଦା ତାକୁ ବି ଉଲଙ୍ଘନ କଲା । ଦେବଗଣ ଅତିଷ୍ଠ ହୋଇ ଶ୍ରୀବିଷ୍ଣୁଙ୍କ ଠାରେ ଗୁହାରି କଲେ । ଭଗବାନ ରାବଣର ଅନ୍ତ କରିବା ପାଇଁ ଧରାପୃଷ୍ଠରେ ମଣିଷ ରୂପରେ ଜନ୍ମ ବା ଅବତାର ପାଇଁ ସିଦ୍ଧାନ୍ତ କଲେ ଏବଂ ଦେବତା ମାନଙ୍କୁ ବାନର ହୋଇ ଜନ୍ମ ନେବା ପାଇଁ ଆଦେଶ ଦେଲେ । ଏହାପରେ କ'ଣ ହେଲା ଏବଂ ଭଗବାନ ଶ୍ରୀରାମ କିପରି ରାବଣର ଅନ୍ତ କଲେ ତାହା ସମସ୍ତଙ୍କୁ ଜଣା ।

ତେବେ ପ୍ରଶ୍ନ ଆସେ ରାବଣ କାହିଁକି ଅନ୍ୟମାନଙ୍କ ଦ୍ୱାରା ପରାସ୍ତ ହେଉ ନଥିଲା ଭାବନା । ରାକ୍ଷସ ମାନେ ଭାବନା ସୃଷ୍ଟି କରି ପାରନ୍ତି । ଅନ୍ୟକୁ ନିଜ ଭାବନା ଦ୍ୱାରା ଭସେଇ ଦବାର କ୍ଷମତା ଥାଏ । ସବୁଠୁ ବଡ଼ କଥା ହେଲା ସେ ନିଜସ୍ୱ ଭାବନା ଦ୍ୱାରା ନିଜକୁ ପ୍ରଭାବିତ କରିବା ସହ ଅନ୍ୟକୁ ମଧ ପ୍ରଭାବିତ କରେ । ଆମେ ଜାଣୁ ରାବଣ ନିଜେ ଅନେକ କାବ୍ୟ ତଥା ସ୍ତୋତ୍ର ରଚନା କରିଥିଲା । ନିଜ ସ୍କ୍ରିପ୍ଟରେ ନିଜେ ଡ୍ରାମା କଲା ଭଳିଆ । କେତେବେଳେ **Acting** ଏବଂ ଆଉ କେତେବେଳେ ବାସ୍ତବ କିଛି ଜଣା ପଡୁନଥିଲା । କୌଣସି କାର୍ଯ୍ୟ କରିବା ପୂର୍ବରୁ ମନ୍ତ୍ରୀ ପରିଷଦ ବର୍ଗଙ୍କର ମନ୍ତ୍ରଣା ନେଉଥିଲା । ମାତ୍ର ସିଦ୍ଧାନ୍ତଟି ନିଜର ଥିଲା । ରାକ୍ଷସମାନେ ନିଜର **Script**ରେ ନିଜେ **Acting** କରୁଥିଲାବେଳେ ଗନ୍ଧର୍ବ ମାନେ **Script** ପାଇଁ ଅନ୍ୟ ଉପରେ ନିର୍ଭର କରନ୍ତି ବା ଅନ୍ୟ **Script**ରେ **drama** କରନ୍ତି ଏବଂ ସେଥିରେ ତାଙ୍କର ସମର୍ଥନ ନଥାଏ । ସୁତରାଂ ରାବଣ କେତେବେଳେ ରାକ୍ଷସ ତ କେତେବେଳେ ଗନ୍ଧର୍ବ ହୋଇଯାଉଥିଲା ଏବଂ ନିଜେ ଭିନ୍ନ ଭିନ୍ନ ବେଶ ଧାରଣ କରୁଥିଲା ସହଜରେ ଜଣାପଡୁନଥିଲା ରାବଣର ଗୋଟେ ନାମ ଦଶାନନ । ଆନନ ମାନେ ମୁହଁ । ସୁତରାଂ ସେ କେତେବେଳେ କୋଉ ମୁଣ୍ଡ ନେଇ ତାର ପ୍ରକାଶ ବା ମୁହଁରେ କହୁଥିଲା ତାକୁ ଜାଣିବା ସାଧାରଣ ମଣିଷ ପକ୍ଷରେ ସମ୍ଭବ ନଥିଲା ।

ମଣିଷମାନଙ୍କର ଦୁଇ ମୁଖ୍ୟ ବଂଶ ସୂର୍ଯ୍ୟବଂଶ ଏବଂ ଚନ୍ଦ୍ର ବଂଶ । ସୂର୍ଯ୍ୟବଂଶରେ ମର୍ଯ୍ୟାଦାକୁ ସବୁଠାରୁ ବେଶୀ ଗୁରୁତ୍ୱ ଦିଆଯାଏ । ସୂର୍ଯ୍ୟ ସବୁବେଳେ ଜଳୁଥାଏ ସେହିପରି ଏଇ ବଂଶରେ ମଣିଷ ତ୍ୟାଗକୁ ଅଗ୍ରାଧିକାର ଦିଅନ୍ତି । ସୂର୍ଯ୍ୟଙ୍କର ଗୁଣକୁ **Carry** ବା ଇନ୍‌ହେରେଟ କରି ଜନ୍ମ ନିଅନ୍ତି । ସୂର୍ଯ୍ୟଙ୍କର ପୁତ୍ର ଥିଲେ ମନୁ । ସେଇ ବଂଶରେ ଧ୍ରୁବ ମଧ ଜନ୍ମ ଗ୍ରହଣ କରିଥିଲେ । ପରବର୍ତ୍ତୀ ଅବସ୍ଥାରେ ଇକ୍ଷ୍ୟାକୁ ବଂଶର ଦାୟାଦ ବୋଲି ଏମାନେ ପରିଗଣିତ ହୁଅନ୍ତି । ଭଗୀରଥ, ରଘୁ, ହରିଶ୍ଚନ୍ଦ୍ର, ଦଶରଥ ଆଦି ରାଜାମାନେ ଜନ୍ମ ହୋଇ ବଂଶର ଗାରିମା ବଢ଼ାଇଛନ୍ତି । ରାମଚନ୍ଦ୍ରଙ୍କୁ ରଘୁନାଥ ବୋଲି ମଧ କୁହାଯାଏ । ସେମାନଙ୍କ ଠାରେ ଭ୍ରାତୃଭାବ, ସ୍ନେହ, ପ୍ରେମ, ବିବେକ, ବିଚାରଶକ୍ତି ଆଦି ଗୁଣ ଜଡ଼ିତ ଥିବାର ଦେଖାଯାଏ । ସେମାନଙ୍କ ଜୀବନ ବାସ୍ତବ । ମିଛ ନୁହେଁ କିମ୍ବା ଅଭିନୟ ନୁହେଁ । ଜାନ ଯାଏ ପର ବଚନ ନଯାଏ । ମିଥ୍ୟା ପ୍ରତିଶ୍ରୁତି ତାଙ୍କର ନଥାଏ । ସେମାନେ ରାଜା; ରାଜନୀତି କରନ୍ତି ନାହିଁ । ଚନ୍ଦ୍ରବଂଶୀ ରାଜାମାନେ କିନ୍ତୁ ଓଲଟା । ଆମେ ଜାଣୁ ଶିକ୍ଷାଗ୍ରହଣ ସମୟରେ ଗୁରୁପତ୍ନୀ ଇଲାକୁ ଚନ୍ଦ୍ର ଗର୍ଭବତୀ କରାଇଥିଲେ ଏବଂ ପରିଣାମ ସ୍ୱରୂପ ବୁଧ ଜନ୍ମ ହୋଇଥିଲେ । ଗନ୍ଧର୍ବ ମାନେ ଚନ୍ଦ୍ରଙ୍କ ଗୁଣକୁ ମବକ୍ସକ୍ସଛ କରିଥାନ୍ତି । ଅଭାବଟାକୁ ଅତି ନିକଟରୁ ଦେଖିଥାନ୍ତି । ପୃଥିବୀ ଉପରେ ଲୁଣ୍ଠନ, ଶୋଷଣ ବଢ଼ିଯାଏ । ଅଭାବେ ସ୍ୱଭାବ ନଷ୍ଟ ଭଳିଆ ଚେତନା ଶୂନ୍ୟ ହୋଇ ଭାବନାଯୁକ୍ତ ହୋଇଯାନ୍ତି । ତାଙ୍କ ଠାରେ ଧୈର୍ଯ୍ୟର ଅଭାବ ଘଟେ । ସ୍ଥିତପ୍ରଜ୍ଞତା ନଷ୍ଟ ହୋଇଯାଏ । **Politics** ଆରମ୍ଭ ହୋଇଯାଏ । ଖାଲି ପ୍ରତିଶୃତି ପରେ ପ୍ରତିଶୃତି ଦେଇ ଚାଲନ୍ତି । କେବଳ ଶୁଣାନ୍ତି ମାତ୍ର ଶୁଣନ୍ତି ନାହିଁ ।

ରାବଣ ସେଇୟା ହିଁ କରୁଥିଲା । ମଣିଷ ମାନେ କାମନାକୁ ଜୟ କରି ଜନ୍ମ ହେଉଥିଲା ବେଳେ କାମଯୁକ୍ତ ହୋଇ ଯକ୍ଷ, ରାକ୍ଷସମାନେ ଜନ୍ମ ହୁଅନ୍ତି । ତାଙ୍କର କାମନାର ଅନ୍ତ ଘଟେ ନାହିଁ । ଝିଅ ମାନେ ମଧ କାମାସକ୍ତ ହୋଇଯାନ୍ତି । ବାହା ହୋଇ ସ୍ୱାମୀ ସହ ସାରା ଜୀବନ କେମିତି କଟାଇବେ ପ୍ରସ୍ତୁତ ରହିବା ପରିବର୍ତ୍ତେ ସ୍ୱାମୀ ମରିଗଲେ କେମିତି ଚଳିବେ ସେଇ ହିସାବରେ ନିଜକୁ ପ୍ରସ୍ତୁତ କରନ୍ତି । ହୁଏତ ଭାବୁଥିବେ **One husband ! how boring !** ସୂପର୍ଣ୍ଣଖା କଥା ଚିନ୍ତା କରାଯାଉ । ରାମଚନ୍ଦ୍ରଙ୍କୁ ପ୍ରେମ ଜାଚନା କରି ବିଫଳ ହୋଇ ଲକ୍ଷ୍ମଣଙ୍କୁ **Propose** କଲା । ସେମାନଙ୍କ ଧର୍ମ ହେଲା ପୁଅ ପିଲାକୁ କେମିତି **consume** କରିବ ଏବଂ **utilise** କରିବ । ରାମଚନ୍ଦ୍ର ଓ ଲକ୍ଷ୍ମଣ ତ ସୂର୍ଯ୍ୟବଂଶୀ କ୍ଷତ୍ରିୟ । କେମିତିବା ଏଇ କଥାକୁ ସହଜରେ ଗ୍ରହଣ କରିଥାନ୍ତେ । ଲକ୍ଷ୍ମଣ ସୂର୍ପଣଖା ନାକକୁ କାଟିଲେ ଅର୍ଥାତ ଅପମାନିତ କଲେ । ଏଇୟାବି କହିଥିବେ 'ତାହେଲେ ତମର ସବୁ ଏଇୟା ଚାଲେ' । **proposal** ଟା ତ **accept** କରିବନି ଏମିତି ଅପମାନିତ କରିବା କ'ଣ ଦରକାର ? ସୂପର୍ଣଖା କଥାଟାକୁ ସହଜରେ ଗ୍ରହଣ କରିନଥିଲା । ସେ ନିଜ ସପକ୍ଷରେ ନିଜ ଭିତରେ ଯୁକ୍ତି ବାଢ଼ିଥିବ । ଏଇଟାତ ଆମ ପରମ୍ପରା ।' ପୁଅ ଯେମିତି ଝିଅକୁ ନିଜ ଆଡ଼କୁ ଆଉଜେଇନବା ନୀତି ଅବଲମ୍ବନ କରେ ଝିଅ ମଧ ପୁଅକୁ **propose** କରିବ ଏଥିରେ ଭୁଲ କେଉଁଠି ରହିଲା । ସେ ଅପମାନିତ ହେବା ସହ କ୍ରୋଧାନ୍ୱୀତା ହୋଇଥିଲା । କଥା ରାବଣ ପର୍ଯ୍ୟନ୍ତ ଗଲା । ରାବଣ କ'ଣ କଲା ଆଉ ଆଲୋଚନା କରିବାର ଆବଶ୍ୟକତା ନାହିଁ । ସୀତାଙ୍କର ଅପହରଣ ପରେ ସୁଗ୍ରୀବ ସହ ମିତ୍ରତା ଏବଂ ସମୁଦ୍ରରେ ସେତୁବନ୍ଧ ବାନ୍ଧି ଲଙ୍କାରେ ବିଜୟ ପତାକା ଉଡ଼ାଇଲେ । ରାକ୍ଷସ ପରମ୍ପରାର ଅନ୍ତ ଘଟିଲା । ଭାବନା ରାଜତ୍ୱର ପରିସମାପ୍ତି ଘଟିଲା ।

ବର୍ତ୍ତମାନର ସମୟ କଥା ଚିନ୍ତା କରାଯାଉ । ସ୍ୱାଧୀନତା ପରେ 'ସମ୍ବିଧାନ' ପ୍ରଣୟନ, ପଞ୍ଚ ବାର୍ଷିକ ଯୋଜନାର କାର୍ଯ୍ୟକାରିଣୀ ଗରିବ ହଟାଓ ଯୋଜନା, ବିଭିନ୍ନ ପ୍ରକାରର ମାଗଣା ବଣ୍ଟନ କାର୍ଯ୍ୟକ୍ରମ କ'ଣ ଆମେ ଠିକ୍ କରୁଛୁ । ବିଶେଷ କରି ନାରୀ ଶିକ୍ଷା ଏସବୁ କ'ଣ ? କ୍ଷଣିକ ଭାବନା ନୁହେଁ ତ । ବର୍ତ୍ତମାନ ଆଉ ମର୍ଯ୍ୟାଦା ବୋଲି କିଛି ନାହିଁ । ପୁଅ ଝିଅଙ୍କୁ **living in relationship, allowed** । ଏଇଟା ସୂପର୍ଣଖା ଏବଂ ରାବଣ ମାନଙ୍କ ସପକ୍ଷରେ ଝଙ୍କୃତ୍ତର ନୁହେଁତ । ସେମାନେ ଏକତ୍ର ରହିବେ । ବାହା ହେବାର ଆବଶ୍ୟକତା ନାହିଁ । ଖାଲି ପରସ୍ପରକୁ ଜାଣିବେ । ଆଜି କାଲିତ ନାରୀ ଶିକ୍ଷା ଯୋଗୁଁ ଝିଅମାନେ ଏତେ **smart** ହେଲେଣି 'ପିଲା କେମିତି ଜନ୍ମ କରିବି' ମା'ଙ୍କୁ ପଚାରିବେ ।

ସବୁଠାରୁ ଉଦ୍‌ବେଗ ଜନକ କଥା ହେଉଛି ଝିଅ ପିଲା ସିଗାରେଟ ପିଇଲେଣି, ମଦ ବି ପିଉଛନ୍ତି । କ'ଣ କରାଯିବ ସେଥି ନିମନ୍ତେ ନିଜକୁ ପ୍ରସ୍ତୁତ କରି ରଖିବା ପରିବର୍ତ୍ତେ କ'ଣ କୁହାଯିବ ପ୍ରସ୍ତୁତି ଚଳାଇଛନ୍ତି । ହନୁମାନଙ୍କର ଯେଉଁ ଗୁଣ କ'ଣ କରାଯିବ ସେଥିପାଇଁ ନିଜକୁ ପ୍ରସ୍ତୁତ ରଖିବା ପରିବର୍ତ୍ତେ ଦାରିଦ୍ର୍ୟ ପଞ୍ଚାକ୍ଷର ମ'ଅ କ'ଣ କରିବି ନିମନ୍ତେ ତୟାର ରହୁଛନ୍ତି । ଭାବନା ସ୍ତରରେ ରହି କେତେବେଳେ ରାବଣ ପରି ମୁହଁ/ମୁଣ୍ଡ ହରାଇ ଦଶହରା ହୋଇଯିବେ ତାର ବି ସମ୍ଭାବନା ରହିଛି ଏବଂ ଏହାର ଅନ୍ତିମ ପରିଣତି **headless ereature.** ଫକୀର ମୋହନ ସେନାପତିଙ୍କ ରେବତୀ ଗଳ୍ପରେ ଜେଜେ ମା ବୁଢ଼ିକୁ ସମାଲୋଚନା କରାହୋଇନାହିଁ ବରଂ ନାରୀ ଶିକ୍ଷାର ଆବଶ୍ୟକତା ନାହିଁ ବୋଲି ବିଚାର କରିବା ଉଚିତ । ଦେଶ ବହୁତ ବାଟ ଆଗେଇ ଗଲାଣି । ନାରୀ ଶିକ୍ଷା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଗୋଟେ ପାଗଳାମୀର ପରିଚୟ ବହନ କରିବ ।

ଏଠାରେ ପ୍ରଶ୍ନ ଆସେ ଭାବନା କ'ଣ ? ମଣିଷ କିଛି ଗୋଟେ ପାଇବା ପାଇଁ ମାନସିକ କରେ । ଭାବନାର ଆରମ୍ଭ ଏଇଠୁ ଏବଂ ପୂରଣ ହେଲେ ଭାବନାର ଅନ୍ତ ଘଟେ । ବର୍ତ୍ତମାନ ଯଦି ଜଣେ ଦେଖିବ କେଉଁଠି ହେଲେ ଭାବ ନାହିଁ । ସବୁଠି ଭାବନା । ସତୁରୀ ଦଶକରେ ଦେଖିଲେ ଜଣାଯିବ ଥିଏଟର ଯେତେବେଳେ ହେଉଥିଲା ବହି ସଂଖ୍ୟା କେତେ କମ୍ ଥିଲା । କାଚ ଘର, ଲୁହା ଶିକୁଳି, ଉଲ୍‌କା, ଶେଷ ଶ୍ରାବଣ ଇତ୍ୟାଦି । ବଡ଼ ବଡ଼ ଥିଏଟର ପାର୍ଟି ସହ ଗାଁ ଗହଳିରେ ତାକୁ କରୁଥିଲେ । ଏବେ କିନ୍ତୁ ମାଳ ମାଳ ଲେଖକ, ମାଳ ମାଳ ବହି ଏବଂ ପାଣ୍ଡୁଲିପି । ଦିନେ ସମାଜ ଏଥିରୁ ଶିକ୍ଷାଗ୍ରହଣ କରୁଥିଲା ।ମାତ୍ର ସମାଜ ଏବେ ପ୍ରଭାବିତ । ଭାବନା ଆସିଲା କେଉଁଠୁ । ଅମର କୋଷ ଅନୁସାରେ ମଣିଷ ତିନୋଟି ବର୍ଗରେ ଆତଯାତ କରନ୍ତି । ଯେଉଁ ମଣିଷ ଠାରେ ଦେବତ୍ୱର ପ୍ରକାଶ ହେଲା ସେମାନେ ଦେବତା । ସ୍ୱର୍ଗରେ ବାସ କରନ୍ତି । ଏମାନେ ଅମର । ତାଙ୍କ ସହ ଆତ୍ମା ବିଦ୍ୟମାନ । ଆତ୍ମା ଭାବ ପ୍ରଦର୍ଶନ ଉପରେ ପ୍ରଭାବ ପକାଏ । ଏମାନେଙ୍କୁ ସାଧାରଣତଃ ଭାବନା ଗ୍ରାସ କରେ ନାହିଁ । ଏଠାରେ ପଞ୍ଚ ଭୁତର ସନ୍ତୁଳନ ଠିକ୍ ଥାଏ । ଅଗ୍ନି ତତ୍ତ୍ୱ ଏବଂ ଆକାଶ ତତ୍ତ୍ୱ କମିଗଲେ ମର୍ତ୍ତ୍ୟକୁ ଆସି ଯାଆନ୍ତି ଏବଂ ଏଠାରେ ମନର ପ୍ରକ୍ରିୟା ଚାଲୁ ରହେ । ତଥାପି ଭାବନା ନିଜ ଆୟତ୍ତରେ ଥାଏ । ମାନସିକ ପ୍ରକ୍ରିୟା ଚାଲୁ ରହେ । ମାନସିକ ପ୍ରକ୍ରିୟା ବେଶୀ ମାତ୍ରାରେ ଚାଲିଲେ ଭାବନା ବିତି ଯାଏ ଏବଂ ଯେତେବେଳେ ମନର ମୃତ୍ୟୁ ହୋଇଯାଏ ଶାରୀରିକ ପ୍ରକ୍ରିୟା ଚାଲୁ ରହେ ଏବଂ ସମ୍ପୂର୍ଣ୍ଣ ରୂପରେ ଭାବନାଯୁକ୍ତ ହୋଇଯାଏ ଏବଂ ଅନ୍ୟର ଭାବ ବା ଭାବନା ଦ୍ୱାରା ଅତି ମାତ୍ରାରେ ପ୍ରଭାବିତ ହୁଏ ।

ସୁତରାଂ ଭାବନା ଅବସ୍ଥା ମଣିଷର ଏକ ମାରାତ୍ମକ ସ୍ଥିତି । ଅସାମସ୍ୟ ମିଶ୍ରଣରେ ମଧ ଏହାର ଉତ୍ପତ୍ତି ହୋଇପାରେ । ଆଉ ଏଇ ଅବସ୍ଥା ଅତିମାତ୍ରାରେ ଦୁର୍ବଳ ଅବସ୍ଥା ମଣିଷର ସ୍ଥିତି ପ୍ରଜ୍ଞତା ପାଇଁ । ଜଣେ ମଣିଷ ଭିତରେ ରାମ ହେଉଛନ୍ତ ବିବେକ, ଲକ୍ଷ୍ମଣ ହେଉଛନ୍ତି ଚେତନା ସୀତା ବ୍ରହ୍ମ ବା **heart** । ସୁତରାଂ ଚେତନାକୁ ବଳ ବଉର ରଖି ବିବେକର ପରାମର୍ଶରେ କାର୍ଯ୍ୟକଲେ ଆତ୍ମା ବା ବ୍ରହ୍ମର ସ୍ଥିତି ଦୃଢ଼ ରହିଥାଏ ଏବଂ ପରିଶେଷରେ ଭାବନାକୁ ଦୂରେଇ ରଖି ହୁଏ । କେବଳ ରାକ୍ଷସ ଉପରେ ବିଜୟ ନୁହେଁ ଭାବନା ଉପରେ ମଧ ବିଜୟ ଲାଭ କରିହୁଏ ।

ସମ୍ବଲପୁରର ମୋର ଜଣେ ବନ୍ଧୁ କହୁଥିଲେ, 'ଲଙ୍କାର ସବୁଠାରୁ ସାନ ଅସୁର ଯିଏ ତାର ଖଣ୍ଡାର ଲମ୍ୱା ବାର ହାତ ।' ଅର୍ଥାତ ଏଠାରେ ପିଲାମାନେ ବି ଭାବନା ଯୁକ୍ତ । ପଦେ କହିଲେ ପାଞ୍ଚ ପଦ କହିଦେବେ । ସେମାନଙ୍କର ସୀତାର ଅଭାବ । ସୁନ୍ଦର ପରିକଳ୍ପନାର ଅଭାବ । ଉନ୍‌କେ ଚାହେଁନେ ବାଲୋ କୋଇ ନେହିଁ ହୋତା । କେବଳ ଦେଖଣାହାରୀ । ଅନ୍ୟକୁ ଦେଖି ନିଜକୁ ପ୍ରସ୍ତୁତ କରିବା । ରାବଣ ସ୍ୱର୍ଗକୁ ସିଢ଼ି ବାନ୍ଧି ପାରିଥାନ୍ତା । ଅନେକ କହନ୍ତି ଅଳସୁଆ ବା ହେଳା ପଣର ପାରିଲାନି । ଆଜି କରିବ କାଲି କରିବ କହି ରହିଗଲା । ବାସ୍ତବରେ ସ୍ୱର୍ଗ କଥା ଆମେ ଜାଣିଲୁ । ଯେଉଁଠି ଦେବତ୍ୱର ପ୍ରକାଶ । ତ୍ୟାଗର ବାତାବରଣ । ପରସ୍ପର ପରସ୍ପର ମଧ୍ୟରେ ସହଯୋଗିତା । ସ୍ୱର୍ଗକୁ ସିଢ଼ିର ପ୍ରଥମ ପାହାଚ ହେଉଛି ତ୍ୟାଗ । ରାବଣକୁ ସିଢ଼ିର ପ୍ରଥମ ପାହାଚ ମିଳିଲା ନାହିଁ । ମର୍ତ୍ତ୍ୟରୁ ସ୍ୱର୍ଗକୁ ଯିବାଟା ସହଜ । ରାକ୍ଷସ ପରମ୍ପରାରେ ଗର୍ବ ଅଂହକାରକୁ ପ୍ରାଧାନ୍ୟ ଦିଆଯାଏ । ସେଥିପାଇଁ କୁହାଯାଏ ଅତି ଦର୍ପେ ହତ ଲଙ୍କା । ଆଜି କାଲିର ପୀଢି ତ ' କୁଛବି କେହେ ଦେତେ ହେଁ ତୋ କିସିକୋଭି କେହେ ଦେତେ ହେଁ ।' କିଛି ଗୋଟେ କହିବା ପିଲାମାନେ ବାଲ୍ୟକାଳରୁ ଶିଖୁଛନ୍ତି କିମ୍ବା ତାଙ୍କୁ ଶିକ୍ଷା ଦିଆଯାଉଅଛି । ପିଲାଟି ବାଘକୁ **tiger** କହିଦେଲେ ଆମେ ଗର୍ବ ଅନୁଭବ କରୁଛୁ । ମଣିଷ ଠାରେ ମଣିଷର ସଂଜ୍ଞା ଆଉ ରହୁନାହିଁ । ଭାବନା ବା ଏକ **transition stage** କୁ ଚାଲିଯାଉଛି । ମଧ୍ୟବର୍ତ୍ତୀ କାଳୀନ ଅବସ୍ଥା । **probable** ଅବସ୍ଥାରେ ରହି ଯାଉଛି । **Bold** ବା ଦୃଢ଼ତା ଆସୁନାହିଁ । ନିର୍ଦ୍ଦିଷ୍ଟ ଗୋଟିଏ ମାର୍ଗରେ ଗଲେ ହୁଏତ ସ୍ୱର୍ଗରେ ପହଞ୍ଚି ପାର'। । ମାତ୍ର ସେ ଇତଃସ୍ତତ ହେଉଛି । ସ୍ୱର୍ଗକୁ ଯିବା ତ ଦୂରର କଥା । ମର୍ତ୍ତ୍ୟ ପାଇଁ ମଧ ଉପଯୁକ୍ତ ହୋଇ ପାରୁ ନାହିଁ । ପରିବାର ଭିତରେ ଉତ୍ତମ ବୁଝାବଣାର ଅଭାବ ପରିଲକ୍ଷିତ ହେଉଛି । ନିଜ ଭିତରେ ସୀତାଙ୍କ ଅଭାବ ପରିଲକ୍ଷିତ ହେଉଛି । କୋମଳତା ହଜିଯାଉଛି । ମଣିଷର ସର୍ବଶ୍ରେଷ୍ଠ ଗୁଣ ସରଳତା ରହୁନାହିଁ । ନଦୀ ଯେପରି ସମୁଦ୍ର ଭିତରେ ଲୀନ ହୋଇ ନିଜର ସତ୍ତା ହରାଏ ମଣିଷ ରାକ୍ଷସ ପରମ୍ପରାକୁ ଆପଣାଇ ଲଙ୍କାରେ ପାଦ ଥାପୁଛି ଯେଉଁଠି ରାଜା ରାବଣ । ତେଣୁ ଯଥାର୍ଥରେ ଆମେ କହିପାରୁ ଭାବନାର ରାଜ୍ୟ ରାବଣର ସ୍ୱର୍ଣ୍ଣ ଲଙ୍କା ଯେଉଁଠି ବିବେକର ସତ୍ତା ଲୋପ ପାଇଯାଏ ଏବଂ ଆମେ ନିଜକୁ ସମୁଦ୍ର ଭିତରେ ଆବିଷ୍କାର କରୁ । ମଣିଷ ଉର୍ଦ୍ଧ୍ୱ ପରିବର୍ତ୍ତେ ନିମ୍ନକୁ ପ୍ରାଧନ୍ୟ ଦିଏ । ଗଛର ଗଣ୍ଡି, ଡ଼ାଳ, ପତ୍ର, ଫୁଲ, ଫଳ ବଦଳରେ ଚେର ଆଡ଼କୁ ଅଧିକ ଲକ୍ଷ୍ୟ ରଖେ । ଶୋଷଣ ଲୁଣ୍ଠନ, ଧର୍ଷଣ, ଅପହରଣ ନିତିଦିନିଆ କାର୍ଯ୍ୟ ହୋଇଥାଏ । ଭାବନାର ରାଜତ୍ୱ ରାବଣର ସ୍ୱର୍ଣ୍ଣ ଲଙ୍କା ।

ଅବସରପ୍ରାପ୍ତ ଅତିରିକ୍ତ କୃଷି ନିର୍ଦ୍ଦେଶକ
ମୋ-୯୪୩୭୦୬୮୯୧୯/ ୮୦୧୮୭୩୮୮୪୪

# ଛତୁରେ ରହିଛି ଔଷଧୀୟ ଗୁଣ

## ଡ଼ିପ୍ରେସନ ଦୂର୍ କରି୍ବା ସହ୍ ମନୋବଳକୁ କରେ୍ ଦୃଢ଼



ଅନେକ ଲୋକ ଛତୁ ଖାଇବାକୁ ପସନ୍ଦ କରନ୍ତି । ଏହା କେବଳ ସ୍ୱାଦରେ ଭଲ ନୁହେଁ, ବରଂ ଏହା ଉଦାସୀନତା, ଚିନ୍ତା ଓ ମନୋବଳ ପରିବର୍ତ୍ତନ ଭଳି ମାନସିକ ସମସ୍ୟାକୁ ମଧ ଚିକିତ୍ସା କରିପାରିବ । ଏହି ଯାଦୁକାରୀ ଛତୁରେ ହାଲୁସିନୋଜେନିକ୍ ନାମକ ଏକ ପଦାର୍ଥ ରହିଥାଏ ଯାହା ଆମ ମସ୍ତିଷ୍କକୁ ହାଇପରକନେକ୍ଟେଡ୍ ମସ୍ତିଷ୍କ କରିବା ପାଇଁ କାମ କରେ । ନିକଟରେ ହୋଇଥିବା ଏକ କ୍ଲିନିକାଲ୍ ପରୀକ୍ଷା ଅନୁଯାୟୀ, ଛତୁରେ ମିଳିଥିବା ହାଲୁସିନୋଜେନିକ୍ ପଦାର୍ଥ ଆମ ମସ୍ତିଷ୍କକୁ ସ୍ଥାପିତ ଗଉଇ ସୁଇଚ୍ ସହିତ ବଦଳାଇପାରେ । ମନରେ ଏକ ନକାରାତ୍ମକ ଚିନ୍ତାଧାରା ଆସିବା ମାତ୍ରେ, ଏହି ସୁଇଚ୍ ସକ୍ରିୟ ହୋଇ ମନରେ ଆସୁଥିବା ଖରାପ ଚିନ୍ତାଧାରାର ପ୍ରବାହକୁ ବନ୍ଦ କରିବା କାର୍ଯ୍ୟ ଆରମ୍ଭ କରେ । ଏହି ଅଧ୍ୟୟନ କିଛି ଦିନ ପୂର୍ବରୁ ନେଚର ଚିକିତ୍ସାରେ ପ୍ରକାଶିତ ହୋଇଥିଲା । ଏଥିରେ, କ୍ଲିନିକାଲ୍ ପରୀକ୍ଷଣର ଧାଡ଼ିରେ, ଏହା କୁହାଯାଇଥିଲା ଯେ ଆମକୁ ଡିପ୍ରେସନ୍, ଚିନ୍ତା ଓ ମନୋବୃତ୍ତିର ସମସ୍ୟାରୁ ରକ୍ଷା କରିବା ପାଇଁ psilocybin ଭଳି ସାଇକେଡେଲିକ୍ ପଦାର୍ଥ କିପରି କାମ କରେ । ଏହାର ପ୍ରଭାବ ବୁଝିବା ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ବରୋଗୀଙ୍କୁ କ୍ଲିନିକାଲ୍ ପରୀକ୍ଷଣରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏଥିରେ ଉଭୟ ସୁସ୍ଥ ଏବଂ ଅସ୍ୱାସ୍ଥ୍ୟକର ବ୍ୟକ୍ତି ଅନ୍ତର୍ଭୁକ୍ତ ଥିଲେ । ଏହି କ୍ଲିନିକାଲ୍ ଟ୍ରାଏଲରେ, ବିଶେଷଜ୍ଞମାନେ ଦେଖିଲେ ଯେ ଛତୁରେଥିବା ସିଲୋସିବିନ୍ ନେବା ପରେ, ଅଂଶଗ୍ରହଣକାରୀଙ୍କ ମସ୍ତିଷ୍କର ତାର ଅଧିକ ସକ୍ରିୟ ହୋଇଗଲା । ସୁସ୍ଥ ପଦାର୍ଥର ମସ୍ତିଷ୍କ ଏହି ପଦାର୍ଥ ସହିତ ହାଇପରାକ୍ଟିଭ୍ ହୋଇଗଲା । ଯେଉଁମାନେ ଉଦାସୀନତା, ଚିନ୍ତା କିମ୍ବା ମନୋବଳ ପରିବର୍ତ୍ତନରେ ପୀଡିତ ଥିଲେ ସେମାନେ ଆରାମ ପାଇଲେ । ନକାରାତ୍ମକ ଚିନ୍ତାଧାରା କିମ୍ବା ଖରାପ ଚିନ୍ତାଧାରା ହଠାତ୍ ତାଙ୍କ ମନରେ ଅଟକି ଗଲା । ଏହି ବିଷୟରେ, ମେଡିସିନ୍ ?ର ୟୁସି ସାନ ଡିଏଗୋରେ ସାଇକ୍ରେଟକ ବିଭାଗର ଡ଼ା. ହେଭା ଆର୍ଟିନ୍ କହିଛନ୍ତି ଯେ କ୍ଲିନିକାଲ୍ ପରୀକ୍ଷଣରେ ପ୍ରକାଶ ପାଇଥିବା ତଥ୍ୟ ଏହା ସ୍ପଷ୍ଟ କରେ ଯେ ଛତୁ ଉଦାସୀନତା କିମ୍ବା ମୁଡ୍ ସୁଇଙ୍ଗ୍ ଭଳି ସମସ୍ୟାର ଚିକିତ୍ସା କରିପାରିବ । ତଥାପି, ଏହା ଏପର୍ଯ୍ୟନ୍ତ ଅଧିକ ଅଧ୍ୟୟନ ଆବଶ୍ୟକ କରେ ।

# ଘରେ୍ ଝଟାପଟ ପ୍ରସ୍ତୁତ କରନ୍ତୁ ଚିକେନ ପିଆଜ କଷା



**ଆବଶ୍ୟକ ସାମଗ୍ରୀ:** ଚିକେନ, କଟା ପିଆଜ, ହଳଦୀ ଗୁଣ୍ଡ, ଲୁଣ, ଲଙ୍କାଗୁଣ୍ଡ, କଟା ଟମାଟୋ, ତେଲ, ଗରମ ମସଲା ଓ କଞ୍ଚା ଲଙ୍କା ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବଜାରରୁ କିଛି ଚିକେନ ଆଣନ୍ତୁ । ତାକୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ । ପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେବା ପରେ ସେଥିରେ କଟା ପିଆଜ ପକାନ୍ତୁ । ପିଆଜ ଭଲଭାବରେ ଭାଜି ହେବା ପରେ କଟା କଞ୍ଚା ଲଙ୍କା ଓ ଚିକେନ ପକାଇ କଷନ୍ତୁ । ଏହାପରେ ହଳଦୀ ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଲଙ୍କାଗୁଣ୍ଡ, କଟା ଟମାଟୋ ପକାଇ ଭଲ ଭାବେ ଗୋଳାନ୍ତୁ । ଚିକେନ ଭଲ ଭାବରେ କଷି ହୋଇଗଲା ପରେ ସେଥିରେ ଅଳ୍ପ ପାଣି ଦେଇ ତାକୁ ଘୋଡ଼ାଇ ଦିଅନ୍ତୁ । ଚିକେନରୁ ପାଣି ମରିଗଲା ପରେ ଗରମ ମସଲା ପକାଇ ତାକୁ ଓଲ୍ଟାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ ପିଆଜ କଷା ।

# ଯୋଗଦ୍ୱାରା ସାଇନସର ଉପଚାର

**ସାଇନସ ହେଉଛି ନାକ ସମ୍ବନ୍ଧିତ ଏକ ସମସ୍ୟା । ଏହି ସମସ୍ୟା ଥଣ୍ଡା ପାଗରେ ଅଧିକ ହୋଇଥାଏ । ନାକ ବନ୍ଦ ହେବା, ମୁଣ୍ଡ ଓ ଅଧକପାଳୀ ବିନ୍ଧା ପରି ସମସ୍ୟା ହୋଇଥାଏ ନାକରୁ ପାଣି ବାହାରିଯିବା ଆଦି ଏହାର ପ୍ରମୁଖ ଲକ୍ଷର । ଏହା ବ୍ୟତୀତ ହାଲୁକା ଜ୍ୱର, ଆଖି ପଲକରେ ଯନ୍ତ୍ରଣା ହେବା, ଅବସାଦ କାରଣରୁ ଚେହେରା ଫୁଲିଯିବା । ଆଗାମୀ ଦିନରେ ଏହି ରୋଗ ଆଜମା, ଦମା ପରି ଗଭୀର ବେମାରୀରେ ପରିଣତ ହୁଏ । କିନ୍ତୁ ଯୋଗ ଦ୍ୱାରା ଏହି ରୋଗରୁ ମୁକ୍ତି ପାଇହେବ ।**



**ସୂର୍ଯ୍ୟ ନମସ୍କାର-** ସୂର୍ଯ୍ୟ ନମସ୍କାର ସବୁ ଆସନ ମଧ୍ୟରେ ମୁଖ୍ୟ ଆସନ ବୋଲି ବିଚାର କରାଯାଏ । ଏହାଦ୍ୱାରା ସାଇନସ ସମସ୍ୟାରୁ ମୁକ୍ତି ମିଳିଥାଏ । ପ୍ରତ୍ୟହ ଏହି ଆସନ କରିବା ଦ୍ୱାରା ଶରୀରକୁ ଉର୍ଜା ମିଳିବା ସହ ଭିଟାମିନ ଡି ମଧ ମିଳିଥାଏ । ୧୨ ମୁଦ୍ରା ବିଶିଷ୍ଟ ଏହି ଆସନ ସାଇନସରୁ ମୁକ୍ତି ଦେବା ସହ ଅବସାଦକୁ କମ କରି ଓଜନ ହ୍ରାସ କରିଥାଏ ।

**ପର୍ଶ୍ଚିମୋତ୍ତାନାସନ-** ଏହି ଆସନ କରିବା ବହୁତ ସହଜ । ଏହା କରିବା ସମୟରେ କ୍ଲାନ୍ତି ଲାଗେ ନାହିଁ । ଏହା ସାଇନସ ସହ ଅନିଦ୍ରାର ଉପଚାର ପାଇଁ ମଧ ସାହାଯ୍ୟ କରିଥାଏ । ଏହି ଆସନ କରିବା ପାଇଁ ପ୍ରଥମେ ଆପଣ ସିଧା ବସନ୍ତୁ ଓ ଦୁଇ ପାଦକୁ ସିଧା ଯୋଡ଼ି ରଖି ଦୁଇ ହାତକୁ ଉପରକୁ ଉଠାନ୍ତୁ ଓ ଅଣ୍ଟା ସିଧା ରଖନ୍ତୁ । ଏହାପରେ ଦୁଇପାଦର ଆଙ୍ଗୁଠିକୁ ହାତରେ ଛୁଇଁବାକୁ ଚେଷ୍ଟା କରନ୍ତୁ । ଧ୍ୟାନ ରଖିବେ ଏହି ସମୟରେ ଆଣ୍ଠୁ ଯେପରି ମୋଡ଼ି ହୋଇ ନରୁହେ । ଏହା ସହ ପାଦ ମଧ ଭୂମିରୁ ଉପରକୁ ଉଠାଇବେ ନାହିଁ ।

# ଶୀତଦିନେ ଏପରି୍ ନିଅନ୍ତୁ ତ୍ୱଚାର୍ ଯତ୍ନ୍, ମୁଲାୟମ ସହ୍ ଗ୍ଲୋ କରି୍ବ ସ୍କିନ



**ଆମେ ସାଧାରଣତଃ ଖରା ,ବର୍ଷା ଶୀତ ସବୁ ସମୟରେ ସୁନ୍ଦର ଦେଖାଯିବା ପାଇଁ ଚାହୁଁ । ଆମ ତ୍ୱଚା ସବୁବେଳେ ଗ୍ଲୋ କରୁ ବୋଲି ଆମେ କେତେ ପ୍ରକାର ଯତ୍ନ ମଧ ନେଉ । ତେବେ ସ୍କିନ ଟୋନ ଯାହା ହେଉ ନା କାହିଁକି, ତାହା ସବୁବେଳେ ନରମ ଏବଂ ଚମକୁଥିବା ଦରକାର । ଯେଉଁମାନେ ନିଜ ତ୍ୱଚାର ଯତ୍ନ ନିଅନ୍ତି ସେମାନଙ୍କ ମୁହଁ ମେକଅପ ହେଉ କି ବିନା ମେକଅପ ସେମାନଙ୍କ ତ୍ୱଚା ସୁନ୍ଦର ଦେଖାଯାଇଥାଏ । ବର୍ତ୍ତମାନର ସମୟ ଚାଲିଛି ଶୀତ ଦିନ ତେଣୁ କିପରି ଓ୍ୱିଣ୍ଟର ସ୍କିନ କେୟାର କରି ନିଜ ତ୍ୱଚାର ଯତ୍ନ ନେବେ ଚାଲନ୍ତୁ ଜାଣିବା ।**

♦ ମୁହଁକୁ ସଫା କରିବା ପାଇଁ ମଶ୍ଚରାଇଜିଂ କ୍ଲିଂଜର ବ୍ୟବହାର କରନ୍ତୁ । ଏହା ସ୍କିନକୁ ସଫା କରିବା ସହ ଡ୍ରାଏନେସରୁ ରକ୍ଷା କରିଥାଏ । ଏହାସହ କ୍ଲିଂଜିଂ କରିବା ଦ୍ୱାରା ମୃତ ସ୍କିନ ଗୁଡିକ ସଫା ହୋଇଯାଏ ଏବଂ ମୁହଁ ଟାଣିହେବା, ଫାଟିବା ଆଦିରୁ ମଧ ରକ୍ଷା କରିଥାଏ ।

♦ ଶୀତଦିନେ ଚେହେରା ଶୁଷ୍କ ନ ଦେଖାଯିବା ପାଇଁ ଭଲ ହାଇଡ୍ରେସନର ଆବଶ୍ୟକ ହୋଇଥାଏ । ତେଣୁ ଦିନକୁ କେବଳ ଗୋଟେ ଥର ମଶ୍ଚରାଇଜର ଲଗାଗଲେ କାମ ଚଳିବନି, ଏହାକୁ ୨-୩ଥର ଲଗାନ୍ତୁ । ତେବେ ଧ୍ୟାନ ଦିଅନ୍ତୁ ଯଦି ଆପଣଙ୍କ ସ୍କିନ ତେଲିଆ ଅଛି ତେବେ ସ୍କିନ ପାଇଁ ହାଇଡ୍ରେସନ ଦରକାର ନାହିଁ । ସେଥିପାଇଁ ମୁହଁ ଧୋଇବାପରେ ଥରେ ଏବଂ ଅଳ୍ପ ମଶ୍ଚରାଇଜର ଲଗାନ୍ତୁ ।

♦ ଶୀତଦିନେ ଅଳ୍ପ ଖରା ହେଉ କି ଅଧିକ ଖରା, ଆପଣ ସନସ୍କ୍ରିନ ଲଗାଇବା ନିହାତି ଆବଶ୍ୟକ । କାରଣ ଶୀତଦିନେ ୟୁଭିଏ ଲେଭୁଲ ଅଧିକ ରହିଥାଏ ଯାହା ସ୍କିନ ପାଇଁ ଅଧିକ କ୍ଷତିକାରକ ।

♦ ସପ୍ତାହକୁ ବା ପ୍ରତି ୧୫ ଦିନରେ ଥରେ ଫେସ ପ୍ୟାକ ଲଗାଇବା ନିହାତି ଆବଶ୍ୟକ । ଏହାକୁ ଲଗାଇଲେ ଏହା ସ୍କିନକୁ ଅଧିକ ପୋଷଣ ଦେଇଥାଏ । ଘରେ ଦହି , ମହୁ, ହଳଦୀ, ବେସନର ଏକ ଫେସ ପ୍ୟାକ ଲଗାନ୍ତୁ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୨୩ ନଭେମ୍ବର ୨୦୨୨, ବୁଧବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପୁର୍ନର୍ବିଚାର କରାଯାଉ...

ଉଚ୍ଚତର ନ୍ୟାୟାଳୟଗୁଡ଼ିକରେ ଅର୍ଥାତ ସୁପ୍ରିମ୍‌କୋର୍ଟ ଏବଂ ହାଇକୋର୍ଟଗୁଡ଼ିକରେ ବିଚାରପତିମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ସମ୍ପର୍କିତ ପ୍ରସଙ୍ଗ ପୁଣିଥରେ ଚର୍ଚ୍ଚାକୁ ଆସିଛି, ବିଶେଷତଃ କେନ୍ଦ୍ର ଆଇନ୍ ମନ୍ତ୍ରୀ କିରେନ୍ ରିଜିଜୁଙ୍କ ଏ ବାବଦରେ କେତେକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ପ୍ରଦନା କରିବାପରେ। ମନ୍ତ୍ରୀଙ୍କ ମନ୍ତବ୍ୟ ପରେ ପରେ ଜଣେ ଆଇନଜୀବୀ ରାଷ୍ଟ୍ରୀୟ ନ୍ୟାୟିକ ନିଯୁକ୍ତି ଆୟୋଗ ପ୍ରତିଷ୍ଠା କରିବା ବାବଦରେ ସରକାରଙ୍କ ଦ୍ୱାରା ସମ୍ବିଧାନରେ ଅଣାଯାଇଥିବା ସଂଶୋଧନକୁ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ୨୦୧୫ରେ କରାଯାଇଥିବା ଖାରଜର ପୁନର୍ବିଚାର କରିବାକୁ ଆନୁଷ୍ଠାନିକକ ଭାବରେ ସୁପ୍ରିମ୍‌କୋର୍ଟରେ ନିବେଦନ କରିଥିଲେ। ଏନ୍‌ଜେଏସି ପ୍ରତିଷ୍ଠାକୁ ନେଇ ସରକାର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଉପରେ ଅସନ୍ତୁଷ୍ଟ ରହି ଆସିଥିଲେ। ବିଚାରପତିମାନଙ୍କ ନିଯୁକ୍ତି ନିମନ୍ତେ ପୂର୍ବର କଲେଜିୟମ ବ୍ୟବସ୍ଥା କାଏମ୍ ରହିଥିଲା। ସମ୍ପ୍ରତି ଭାରତର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ କଲେଜିୟମ୍ ବ୍ୟବସ୍ଥାର ପୁନର୍ବିଚାର କରିବା ନିମନ୍ତେ ସହମତି ପ୍ରକାଶ କରିଛନ୍ତି। ଏହାର ଅର୍ଥ, ସମୟକ୍ରମେ ଏନ୍‌ଜେଏସିର ପୁନରୁଦ୍ଧାର କରିବାକୁ ଚାହୁଁଥିବା ରିଟ୍ ପିଟିସନ୍ ସମ୍ପର୍କରେ କୋର୍ଟଙ୍କ ଦ୍ୱାରା ବିଚାର କରାଯିବ। ଏହା ମଧ୍ୟ ପୁଣିଥରେ ସେଇ ଏନ୍‌ଜେଏସି ବନାମ କଲେଜିୟମ୍ ବ୍ୟବସ୍ଥା ବିତର୍କକୁ ଉଜାଗର କରିବ। ୨୦୧୪ରେ ସମ୍ବିଧାନରେ ୯୯ତମ ସଂଶୋଧନ ପରେ ଏନ୍‌ଜେଏସି ପ୍ରତିଷ୍ଠା ହୋଇଥିଲା। ଏହି ଆୟୋଗ ଛଅ ଜଣ ବ୍ୟକ୍ତିଙ୍କୁ ନେଇ ଗଠିତ ହୋଇଥିଲା। ସେମାନେ ହେଉଛନ୍ତି- ଭାରତର ପ୍ରଧାନ ବିଚାରପତି, ସୁପ୍ରିମକୋର୍ଟର ଦୁଇଜଣ ସର୍ବବରିଷ୍ଠ ବିଚାରପତି, କେନ୍ଦ୍ର ଆଇନ୍ ମନ୍ତ୍ରୀ ଏବଂ ଦୁଇଜଣ 'ବିଶିଷ୍ଟ ବ୍ୟକ୍ତି'। ଏହି ବିଶିଷ୍ଟ ବ୍ୟକ୍ତି ଦୁଇଜଣ ତିନି ବର୍ଷ ପାଇଁ ମନୋନୀତ ହେବାର ବ୍ୟବସ୍ଥା ଥିଲା। ପରନ୍ତୁ ସର୍ତ୍ତ ଥିଲା ଯେ ସେମାନେ ପୁନଃ-ମନୋନୀତ ହୋଇପାରିବେ ନାହିଁ। ବିଶିଷ୍ଟ ବ୍ୟକ୍ତି ଦୁଇଜଣଙ୍କୁ ପ୍ରଧାନ ବିଚାରପତି, ପ୍ରଧାନମନ୍ତ୍ରୀ ଏବଂ ଲୋକସଭାରେ ଥିବା ବିରୋଧୀ ଦଳର ନେତାଙ୍କୁ ନେଇ ଗଠିତ ଏକ କମିଟି ମନୋନୀତ କରିବାର ବ୍ୟବସ୍ଥା ଥିଲା। ଏହି ଆୟୋଗଙ୍କର ଯର୍ଥାର୍ଥତା ସମ୍ପର୍କରେ ସୁପ୍ରିମ୍‌କୋର୍ଟର ଚ୍ୟାଲେଂଜ କରାଯାଇଥିଲା, ଯାହା ଚାରି-ଏକ ମତ ଆଧାରରେ କାଟ ଖାଇ ଯାଇଥିଲା। ସେ ସମୟରେ ସରକାର ଯୁକ୍ତି ଦର୍ଶାଇଥିଲେ ଯେ ବିଚାରପତିମାନେ ବିଚାରପତିମାନଙ୍କୁ ନିଯୁକ୍ତ କରିବା ଏକ ସୁସ୍ଥ ପରମ୍ପରା ନୁହେଁ। ସରକାରଙ୍କର ଏହି ମତରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ନିକଟରେ କେନ୍ଦ୍ର ଆଇନ ଏବଂ ନ୍ୟାୟ ମନ୍ତ୍ରୀ କିରେନ୍ ରିଜିଜୁ କଲେଜିୟମ୍ ବ୍ୟବସ୍ଥାକୁ 'ଅସ୍ୱଚ୍ଛ' କହିଥିଲେ। ବସ୍ତୁତଃ, ସେ ଏକଥା ମଧ୍ୟ ଦୃଢ଼ କଣ୍ଠରେ କହିଥିଲେ, 'ବର୍ତ୍ତମାନ ସମୟରେ ବିଚାରପତିମାନେ କଲେଜିୟମ୍ ବ୍ୟବସ୍ଥାକୁ ନେଇ ସନ୍ତୁଷ୍ଟ ନୁହନ୍ତି', ଅର୍ଥାତ ଅଧିକାଂଶ ବିଚାରପତି ତାଙ୍କ କଥାରେ ସହମତ। ପୁନଶ୍ଚ, ସେ ଆହୁରି ମଧ୍ୟ କହିଥିଲେ ଯେ ବିଚାରପତିମାନେ ଯେତେବେଳେ ବିଚାରପତିମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ପାଇଁ ମନୋନୟନ କରିବାର ବ୍ୟବସ୍ଥା ରହିବ, ସେତେବେଳେ ରାଜନୀତି କରାଯିବାର କଥା ଉଠିଥାଏ। କେବଳ ଏତିକି ନୁହେଁ, ସେ ଏହା ମଧ୍ୟ କହିଛନ୍ତି, 'ବିଚାର ବିଭାଗରେ ଯେଉଁ ରାଜନୀତି ହେଉଛି, ତା' ତୁଳନାରେ ଆମ ରାଜନେତାମାନଙ୍କ ରାଜନୀତି କିଛି ନୁହେଁ।

ସରକାରଙ୍କ କଥାରେ ମଧ୍ୟ କିଛି ବିଚାର କରିବା ଭଳି ପ୍ରସଙ୍ଗ ରହିଛି। ସମ୍ପ୍ରତି ଭଙ୍ଗ ହୋଇଥିବା ଏନ୍‌ଜେଏସିର ତିନି ଜଣ ସଦସ୍ୟ ଅର୍ଥାତ ଅଧା ସଂଖ୍ୟକ ସଦସ୍ୟ କେବଳ ଶୀର୍ଷସ୍ଥାନୀୟ ବିଚାରପତି ଥିଲେ; ଅନ୍ୟ ଦୁଇଜଣ ସଦସ୍ୟ ମଧ୍ୟ ଏମିତି ଏକ ଉପାୟରେ ନିଯୁକ୍ତ ହୋଇଥିଲେ ଯେଉଁଥିରେ ସରକାରଙ୍କ ପ୍ରତିନିଧିତ୍ୱ ଗୌଣ ଥିଲା। ଏହି ପଦ୍ଧତିରେ ଗଠିତ ଏନ୍‌ଜେଏସି ଯଥେଷ୍ଟ ସ୍ୱଚ୍ଛ ମନରେ ହେଉଥିଲେ ସୁଦ୍ଧା ସର୍ବୋଚ୍ଚ ନ୍ୟାୟାଳୟ ତାକୁ ଖାରଜ କରି ଦେଇଥିଲେ। ବର୍ତ୍ତମାନର ପ୍ରଧାନ ବିଚାରପତି କଲେଜିୟମ୍ ବ୍ୟବସ୍ଥାର ପୁନର୍ବିଚାର କରିବାକୁ ରାଜି ହୋଇଥିବାବେଳେ ତାଙ୍କ ପୂର୍ବର ପ୍ରଧାନ ବିଚାରପତି ନ୍ୟାୟମୂର୍ତ୍ତି ୟୁୟୁ ଲଳିତ କଲେଜିୟମ ବ୍ୟବସ୍ଥା 'ଠିକ୍' ଥିବାରୁ ଏଥିରେ କୌଣସି ପ୍ରକାରର ପରିବର୍ତ୍ତନ ଆବଶ୍ୟକ ନାହିଁ ବୋଲି ସ୍ପଷ୍ଟ କରି ଦେଇଥିଲେ। ମନେହୁଏ, ସତେ ଯେପରି ନ୍ୟାୟିକ ବ୍ୟବସ୍ଥାର ଶୀର୍ଷସ୍ଥାନୀୟ ବିଚାରପତିମାନେ ବିଚାରପତି ନିଯୁକ୍ତି ବ୍ୟବସ୍ଥାରେ ପରିବର୍ତ୍ତନକୁ ବିରୋଧ କରୁଛନ୍ତି। ଏହାର କାରଣ, ସମ୍ଭବତଃ ସେମାନେ ଆଶଙ୍କା କରୁଛନ୍ତି ଯେ ଏଭଳି ହେଲେ ନ୍ୟାୟିକ ବ୍ୟାପାରରେ ସରକାର ଅଯଥା ହସ୍ତକ୍ଷେପ କରିବେ। ବିଗତ କିଛିବର୍ଷ ମଧ୍ୟରେ ବିଶ୍ୱାସ ହାନିର ମାତ୍ରାରେ ବୃଦ୍ଧି ଘଟିବା ଦେଖାଯାଇ ଆସୁଛି, କାରଣ ସରକାର ସାମ୍ବିଧାନିକ ଏବଂ ବୈଧାନିକ ଅନୁଷ୍ଠାନଗୁଡ଼ିକଠାରୁ ଆରମ୍ଭ କରି ସମସ୍ତ ସଂସ୍ଥାରେ ତାଙ୍କ ପ୍ରତି ଅନୁକୂଳ ମନୋଭାବ ପୋଷଣ କରୁଥିବା ବ୍ୟକ୍ତିବିଶେଷଙ୍କୁ ଭର୍ତ୍ତି କରିବାକୁ ଉଦ୍ୟମ କରୁଛନ୍ତି ବୋଲି ଧାରଣାଟିଏ ସୃଷ୍ଟି ହୋଇଛି। ଏଭଳି ଧାରଣା ଯେ ସମ୍ପୂର୍ଣ୍ଣ ଅମୂଳକ, ତାହା କହିବା ସହଜ ନୁହେଁ। ତେବେ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଏହା ଶୁଭ ସୂଚନା ନୁହେଁ। ତେଣୁ କଲେଜିୟମ୍ ବ୍ୟବସ୍ଥାର ପୁନର୍ବିଚାର କରି ଦେଶର ପ୍ରଧାନ ବିଚାରପତି ମିଳାମିଶାର ଉଦ୍ୟମକୁ ସମ୍ଭାବନାପୂର୍ଣ୍ଣ କରିଛନ୍ତି। ଆଶା କରାଯାଉ, ସୁଖଦ ସମାଧାନର ପନ୍ଥାଟିଏ ନିଶ୍ଚୟ ବାହାରିବ।

## କୋଣାର୍କ ଉତ୍ସବ ଏକ ସାଂସ୍କୃତିକ ପରିବାର ଓ ବିଶ୍ୱ ଭ୍ରାତୃତ୍ୱର ପରିଭାଷା

ଭାଗିରଥୀ ସ୍ୱାଇଁ

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ହେଉଛି କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ସଂସ୍କୃତିର ପ୍ରାଣକେନ୍ଦ୍ର। ଯାହା ନିଜର ପ୍ରାଚୀନ କଳା ଓ ଐତିହ୍ୟର ପରିଭାଷା ପାଇଁ ବିଶ୍ୱ ବିଦିତ। କୋଣାର୍କର ସୂର୍ଯ୍ୟ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଓ ସଂସ୍କୃତିର ଗୌରବର ଗାଥା ପାଇଁ ଓଡ଼ିଶା ରାଜ୍ୟ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। କଳା ଓ ସଂସ୍କୃତିର ପ୍ରାଣକେନ୍ଦ୍ର କୋଣାର୍କ ଠାରେ ଦେଶବିଦେଶର ବିଶିଷ୍ଟ ନୃତ୍ୟାଙ୍ଗନାମାନଙ୍କୁ ନେଇ ସାଂସ୍କୃତିକ ଭବନାର ପରିସ୍ଫୁଟ କରିବା ସହ ଏକ ଭାତୃତ୍ୱ ଭାବନା ସୃଷ୍ଟି କରିବାର ଲକ୍ଷ୍ୟ ନେଇ ୧୯୮୯ ମସିହାରେ କୋଣାର୍କ ଉତ୍ସବର ଆୟୋଜନ କରିଥିଲେ। ଓଡ଼ିଶାର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ଭାଷା ଓ ସଂସ୍କୃତି ବିଶାରଦ, ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ, ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗୀୟ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବଳିଷ୍ଠ ଉଦ୍ୟମ ଓ ପ୍ରଘାତ ପ୍ରଚେଷ୍ଟା ଯୋଗୁଁ କୋଣାର୍କ ଉତ୍ସବର ଅଙ୍କୁରୋଦମ ସମ୍ଭବପର ହୋଇପାରିଛି କୋଣାର୍କ ସୂର୍ଯ୍ୟ ମନ୍ଦିରର ପାଦଦେଶରେ ମୁକ୍ତାକାଶ ରଙ୍ଗମଂଚ ଠାରେ କୋଣାର୍କ ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ଏହି ଉତ୍ସବ କଳା ଓ ସଂସ୍କୃତିର ପ୍ରାଣକେନ୍ଦ୍ର ସୂର୍ଯ୍ୟ ମନ୍ଦିରର ପାଦଦେଶରେ ଆୟୋଜିତ ହେଉଥିବାରୁ ସଂସ୍କୃତିର ଲୋକପ୍ରିୟତା ବୃଦ୍ଧି ପାଇବାରେ ସହାୟକ ହୋଇପାରିଛି। ଯାହା ସମଗ୍ର ବିଶ୍ୱର ଭ୍ରମଣକାରୀ ପର୍ଯ୍ୟଟକମାନଙ୍କ ମନରେ ଉତ୍ସାହ ଓ ସଂସ୍କୃତି ପ୍ରତି ଏକ ଭାବାବେଗ ସୃଷ୍ଟି କରିପାରିଛି। ଯେଉଁଥିପାଇଁ କୋଣାର୍କ ଉତ୍ସବ ଆନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ଏକ ମାଇଲ ଖୁଂଟ ସଦୃଶ। କୋଣାର୍କ ଉତ୍ସବକୁ ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମ ଓ ଓଡ଼ିଶୀ ଗବେଷଣା କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଦୀର୍ଘ ୩୩ ବର୍ଷ ଧରି ଆୟୋଜିତ ହୋଇଆସୁଛି। ମାତ୍ର ୧୯୯୯ ମସିହାର ମହାବାତ୍ୟାର କରାଳ ତାଣ୍ଡବ ଲୀଳା ଯୋଗୁଁ ଏହି ଉତ୍ସବ ଆୟୋଜନ କରିବା ସମ୍ଭବପର ହୋଇପାରିନଥିଲା। ଏହି ଉତ୍ସବ ଡ଼ିସେମ୍ବର ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇ ଆସୁଛି। କୋଣାର୍କ ଉତ୍ସବ ଏକ ସାଂସ୍କୃତିକ ପରିବାର ଭାବେ ଚିତ୍ରଣ କରାଯିବା ସହ ଏହି ବିଶ୍ୱ ଭାତୃତ୍ୱ ଭାବନାର ପରିଭାଷା ଭାବେ ବିଦିତ କରାଯାଇପାରେ। ଦେଶ ବିଦେଶର ଖ୍ୟାତି ସଂପନ୍ନ ନୃତ୍ୟଶିଳ୍ପୀ ଓ କଳାକାରମାନଙ୍କର ସମ୍ମେଳନରେ ପରିବେଷଣ କରାଯାଉଥିବା ଭାରତନାଟ୍ୟମ, କୁଚୁପୁଡ଼ି, ଓଡ଼ିଶୀ, କଥକ, ମଣିପୁରୀ, ମୋହିନୀଆଟ୍ଟମ୍, ଛଉନୃତ୍ୟ ପ୍ରଭୃତି ଶାସ୍ତ୍ରୀୟ ନୃତ୍ୟ କଳାର ସମ୍ଭାର କୋଣାର୍କ ନୃତ୍ୟାଶାଳାକୁ ଆନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିପାରିଛି।

ପାଂଚ ଦିବସୀୟ ଏହି ଉତ୍ସବ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ସମୂହର ଏକ ସମ୍ମେଳନ। ଏହି ଉତ୍ସବ କଳା ଓ ସଂସ୍କୃତିର ପ୍ରାଣକେନ୍ଦ୍ର କୋଣାର୍କ ପାଇଁ ଏକ ସାଂସ୍କୃତିକ ଉପାଦାନ ସଦୃଶ ଭାବେ ବିବେଚନା କରାଯାଇପାରେ। ୧୯୮୯ ମସିହାରେ ଆୟୋଜିତ କୋଣାର୍କ ଉତ୍ସବରେ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନ ଓ ସାଥି କଳାକାରମାନଙ୍କ ଦ୍ୱାରା ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଉତ୍ସବ ଆୟୋଜନ ଦ୍ୱାରା ଦେଶ ବିଦେଶର ଖ୍ୟାତି ସଂପନ୍ନ କଳାକାରମାନଙ୍କ ସମ୍ମେଳନ ଏକ ସାଂସ୍କୃତିକ ପରିବାର ଭାବେ ଗଢ଼ି ତୋଳିବାରେ ସହାୟକ ହୋଇପାରିଛି। ଯାହା ଆନ୍ତର୍ଜାତୀୟ ସାଂସ୍କୃତିକ ବନ୍ଧୁତ୍ୱ ଓ ଭାତୃତ୍ୱ ଭାବନା ସୃଷ୍ଟିର ଏକ ପରିଭାଷା ସଦୃଶ। କୋଣାର୍କ ଉତ୍ସବର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି ଆନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବ। ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଲଳିତ କଳା ଏକାଡ଼େମୀ ମିଳିତ ଆନୁକୂଲ୍ୟରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୨୦୧୫ ମସିହା ଠାରୁ ଆୟୋଜିତ ହେଉଛି। ବାଲୁକାକଳାର ପ୍ରସାର ପ୍ରଚାର କରି ଶିଳ୍ପୀମାନଙ୍କୁ କଳା ପ୍ରତିପାଦନ କରିବା ପାଇଁ ଏକ ପ୍ରେରଣା ଯୋଗାଇବାରେ ସହାୟକ ହୋଇପାରିଛି। ଏହି ଉତ୍ସବରେ ୩୦ଜଣ ଦେଶୀୟ ଓ ୧୦ଜଣ ବିଦେଶୀ ବାଲୁକାକଳାକାରମାନଙ୍କୁ ନେଇ ପ୍ରାଚୀନ ବାଲୁକାର ଗୌରବମୟ ଅଧ୍ୟାୟକୁ ଉଜ୍ଜୀବିତ ରଖିବାରେ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛି।

ଏହି ଉତ୍ସବ ଆୟୋଜନ ହେବା ଦ୍ୱାରା ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ଘଟିବା ସହ ଭ୍ରମଣକାରୀ ପର୍ଯ୍ୟଟକମାନଙ୍କ ପାଇଁ ସାଂସ୍କୃତିକ ମାନଦଣ୍ଡ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିପାରିଛି। ସାଂସ୍କୃତିକ ବନ୍ଧୁତ୍ୱପୂର୍ଣ୍ଣ ଭାବନା ଓ ବିଶ୍ୱ ଭାତୃତ୍ୱର ମହାକୁମ୍ଭର ସମ୍ଭାର କୋଣାର୍କ ଉତ୍ସବ ମାନ ଦିନକୁ ଦିନ ବିକଶିତ ହେବାରେ ଲାଗିଛି। ଯାହା ପର୍ଯ୍ୟଟନ ଶିଳ୍ପ ପାଇଁ ଏକ ମାଇଲଖୁଂଟ ବୋଲି ଅଭିହିତ କରାଯାଇପାରେ। ଏହି ଉତ୍ସବ ଆୟୋଜିତ ହେଉଥିବା ସୂର୍ଯ୍ୟ ମନ୍ଦିର ପାଦଦେଶର ମୁକ୍ତାକାଶ ରଙ୍ଗମଂଚ ଉତ୍ସବ ସମୟରେ ନବବଧୂର ବେଶରେ ସୁସଜ୍ଜତିତ ହେବାର ଦୃଶ୍ୟ ବେଶ ମନୋରମ। ଯାହା ପର୍ଯ୍ୟଟକମାନଙ୍କ ମନକୁ ବିମୋହିତ କରିବାରେ ଏକ ଯାଦୁକରୀ ସ୍ପର୍ଶ ପରି ମନେ ହୁଏ। ରଙ୍ଗ ବେରଙ୍ଗର ଝୋଟି, ଚିତା, ଉଜ୍ଜ୍ୱଳ ଆଲୋକମାଳା, ପଟ୍ଟଚିତ୍ର ସାଙ୍ଗକୁ ନୃତ୍ୟାଙ୍ଗନାମାନଙ୍କ ନୁପୂରର ରୁଣଝୁଣୁ ଶବ୍ଦରେ କଳା ଓ ସଂସ୍କୃତିର ପରିଭାଷାକୁ ପରିସ୍ଫୁଟ କରିଥାଏ। ଯାହା ସୂର୍ଯ୍ୟ ମନ୍ଦିର ଗାତ୍ରରେ ଶିଳ୍ପୀମାନଙ୍କ ଦ୍ୱାରା ଖୋଦିତ ପ୍ରସ୍ତର ମୂର୍ତ୍ତୀ ସମୂହ ଉତ୍ସବ ସମୟରେ ଶାସ୍ତ୍ରୀୟ ନୃତ୍ୟାଙ୍ଗନାମାନଙ୍କ ସହ ତାଳ ଲୟ ଓ ଛନ୍ଦରେ ନୃତ୍ୟ ପରିବେଷଣ କରି ଜୀବନ୍ତ ହୋଇ ଉଠିଛି। ଏହି ଆନ୍ତର୍ଜାତୀୟ ଉତ୍ସବ କୋଣାର୍କକୁ ଗୌରବାନ୍ୱିତ କରିବା ସହ କଳା, ସ୍ଥାପତ୍ୟ, ଐତିହ୍ୟ ଓ ସଂସ୍କୃତିକୁ ବିଶ୍ୱ ବିଦିତ କରିବାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଅଛି।

+ କୋଣାର୍କ, ପୁରୀ
ମୋ-୯୪୩୮୦୪୦୮୭୧

## ନିଶାମୁକ୍ତ କ୍ୟାମ୍ପସ୍

ଶରତ କୁମାର ସାହୁ

ଆଜିକାଲି ରାସ୍ତାଘାଟରେ, ବଜାରରେ ସ୍କୁଲ କଲେଜ ଫାଟକ ପାଖରେ, ଏପରିକି ଅଧିକାଂଶ ସହରର ରାସ୍ତାକଡ଼ ପାନ ଦୋକାନ ଓ ଚା'ଖଟିରେ ମଧ୍ୟ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟର ମୁକ୍ତ ବଜାର ଚାଲିଛି। ଖବରକାଗଜରେ ଓ ଅନ୍ୟାନ୍ୟ ସମ୍ବାଦ ମଞ୍ଚରେ ନିଶା ଦଲାଲମାନେ ବହୁ ସଂଖ୍ୟାରେ ଧରାପଡୁଥିବାର ଖବର ପ୍ରାୟ ପ୍ରତ୍ୟେକ ଦିନ ଦେଖିବାକୁ ମିଳୁଛି। ବସ୍ତାବସ୍ତା ଗଞ୍ଜେଇ, ପ୍ୟାକେଟ ଭରା ହେରୋଇନ, ଅଫିମ ଓ ବ୍ରାଉନ ସୁଗର ଆଦି ଅବକାରୀ ପୁଲିସ ଦ୍ୱାରା ଧରାପଡ଼ିବା ସାମାନ୍ୟ କଥା ହୋଇଗଲାଣି। ଓଡ଼ିଶାର ଦକ୍ଷିଣାଞ୍ଚଳ ପାହାଡ଼ିଆ ଜିଲ୍ଲା ମାନଙ୍କରେ ଚୋରା ଗଞ୍ଜେଇ ଚାଷ ବ୍ୟାପକ ରୂପେ ଚାଲିଥିବା ଦେଖାଯାଏ। ଦୁଃଖର କଥା ଯେ ଏ ସବୁ ନିଶାଦ୍ରବ୍ୟ ଆମର କୋମଳମତି ଯୁବପିଢ଼ିମାନଙ୍କ ପାଇଁ ମରଣଯନ୍ତା ପାଲଟୁଛି। ସ୍କୁଲ, କଲେଜ ଫାଟକ ପାଖରେ ଓ ଚା' ଦୋକାନ ମାନଙ୍କରେ ଚକଲେଟ ପୁଡ଼ିଆ ପରି ଏହା ଆରାମରେ ମିଳିପାରୁଛି। ଏହି ଯନ୍ତାରେ ଥରେ ପଡ଼ିଗଲେ ଆଉ ମୁକୁଳିବାର ବାଟ ପ୍ରାୟ ନଥାଏ। ତେଣୁ ପରିସ୍ଥିତି କେତେ ଭୟଙ୍କର, ତାହା ଆମକୁ ବୁଝିବାକୁ ପଡ଼ିବ। ଆମର ଯୁବ ଶକ୍ତି ଏଭଳି ବିପଦରେ ପଡ଼ିଲେ ସେମାନଙ୍କର ଭବିଷ୍ୟତ ଯେ ଅନ୍ଧକାରମୟ ଏବଂ ଦେଶର ବିକାଶ ଯେ ବାଧାପ୍ରାପ୍ତ ହେବ ଏଥିରେ ସନ୍ଦେହ ନାହିଁ।

ଖୁସିର କଥା ଯେ ଓଡ଼ିଶା ସରକାର ଗତବର୍ଷ ଅଗଷ୍ଟ ମାସ ଠାରୁ 'ହ୍ୱାଇଟ ସ୍ୱାଇଡର' (ଧଳା ବୁଢ଼ିଆଣୀ) ନାମରେ ଏକ ବିଶେଷ ନିଶାଦ୍ରବ୍ୟ ବିରୋଧୀ ଅଭିଯାନ ଆରମ୍ଭ କରିଛନ୍ତି। ଅବକାରୀ ଗୁଇନ୍ଦା ତଥା ସାଧାରଣ ଜନତାଙ୍କ ଠାରୁ ସୂଚନା ଭିତ୍ତିରେ ବହୁ ନିଶା ମାଫିଆ ଧରାପଡ଼ିଲେଣି। ଦିନକୁ ଦିନ ଏହିଭଳି କଡ଼ାକଡ଼ି ତନଖି ଚାଲିଛି ଏବଂ କୋଟି କୋଟି ଟଙ୍କାର ଧଳା ଜହର ବା ହେରୋଇନ ଓ ବ୍ରାଉନ ସୁଗାର ଧରାପଡ଼ିସାରିଲାଣି। ଅବଶ୍ୟ ଏଥିରେ ଆନ୍ତଃରାଜ୍ୟ ମାଫିଆ ଗୋଷ୍ଠୀ ଅନ୍ତର୍ଭୁକ୍ତ। ଆମ ରାଜ୍ୟରେ ରାଜ୍ୟ ସରକାରଙ୍କ ହ୍ୱାଇଟ ସ୍ୱାଇଡର ଅଭିଯାନ ସହିତ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟ ଜଗି ରହିଛନ୍ତି ଏବଂ ବହୁ ପୂର୍ବରୁ ସଂଗଠିତ ଭାବେ କାମ କରୁଥିବା ନିଶାମୁକ୍ତି ଅଭିଯାନ ମଧ୍ୟ ସକ୍ରିୟ ରହିଛି। ନିକଟରେ ଗଣେଶ ପୂଜା, ଦଶହରା, ଲକ୍ଷ୍ମୀପୂଜା, କାଳୀପୂଜା ସରିଛି। ଏବେ ବାଲିଯାତ୍ରାର ଭିଡ଼। ଏଭଳି ପର୍ବପର୍ବାଣୀ ମାନଙ୍କରେ ସ୍ୱାଭାବିକ ଭାବେ ଲୋକଗହଳିର ଫାଇଦା ନେଇ ନିଶା ମାଫିଆମାନେ ଅଧିକ ସକ୍ରିୟ ହେଉଛନ୍ତି। ତେଣୁ ସମସ୍ତେ ବ୍ୟକ୍ତିଗତ ଭାବେ ସତର୍କ ରହିବା ସହିତ ଏ ବିଷୟରେ କର୍ତ୍ତୃପକ୍ଷଙ୍କୁ ଖବର ଦେବା ଉଚିତ। ଯେଉଁମାନେ ମେଳା, ମହୋତ୍ସବ ଓ ପୂଜା ଆଦି ଆୟୋଜନ ଓ ପରିଚାଳନା କରୁଛନ୍ତି, ସେମାନଙ୍କର ମଧ ନିଶା ମାଫିଆଙ୍କ ଉପରେ ସତର୍କ ଦୃଷ୍ଟି ରଖି ନିଶା ସାମଗ୍ରୀ କାରବାରକୁ ଯଥାସମ୍ଭବ ହ୍ରାସ କରିବାର ଗୁରୁଦାୟିତ୍ୱ ରହିଛି। ସେଠାରେ ଦାୟିତ୍ୱରେ ଥିବା ମୁତୟନ ହୋଇଥିବା ପୁଲିସ ଓ ପ୍ରଶାସନିକ କର୍ମଚାରୀଙ୍କୁ ଏ କ୍ଷେତ୍ରରେ ଆହୁରି ସତର୍କ ରହିବାକୁ ପଡ଼ିବ।

ସୂଚନା ଅନୁସାରେ କ୍ୟାମ୍ପସକୁ ଡ୍ରଗ୍ସ, ତମାଖୁ ଓ ମଦ୍ୟପାନମୁକ୍ତ ସୁନିଶ୍ଚିତ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁରୁ ସମସ୍ତ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ଅଧୀନରେ ଥିବା ସରକାରୀ ଓ ଅନୁଦାନପ୍ରାପ୍ତ କଲେଜର କୌଣସି ପ୍ରଫେସର, ଅଧ୍ୟାପକ କିମ୍ବା କର୍ମଚାରୀମାନେ ଯଦି ମଦ୍ୟପାନ/ ନିଶା ସେବନ କରି କ୍ୟାମ୍ପସକୁ ଆସନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ବ୍ୟବସ୍ଥା ରହିଛି। ଆଇନ ଅନୁଯାୟୀ କ୍ୟାମ୍ପସ ନିକଟରୁ ତମାଖୁ ଦୋକାନ ହଟାଇବା ଲାଗି ପୁଲିସ ସହାୟତାରେ ଚଢ଼ଉ କରାଯିବାକୁ ନିଷ୍ପତ୍ତି ହୋଇଥିଲା। କୋଟପା ଆଇନ-୨୦୦୩ ଅନୁଯାୟୀ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଗାଇଡ଼ଲାଇନର ସଂଶୋଧନ ନିୟମକୁ କଡ଼ାକଡ଼ି ଲାଗୁ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଏ କ୍ଷେତ୍ରରେ ଜାତୀୟ ସେବା ଯୋଜନା (ଏନଏସଏସ) ସଦସ୍ୟଙ୍କୁ ଗୁରୁଦାୟିତ୍ୱ ଦିଆଯାଇଥିଲା। ପନ୍ଦର ଦିନ କିମ୍ବା ମାସକୁ ଅତିକମରେ ଥରେ ସଚେତନତା କାର୍ଯ୍ୟକ୍ରମ କରିବାକୁ କୁହାଯାଇଥିଲା। କେତେକ ଶିକ୍ଷାନୁଷ୍ଠାନରେ କାଁ ଭାଁ ସଚେତନତା କାର୍ଯ୍ୟକ୍ରମକୁ ଛାଡ଼ିଦେଲେ ନିଶା ରୋକିବା ପାଇଁ କ୍ୟାମ୍ପସ ଗୁଡ଼ିକରେ ଆଖି ଦୃଶିଆ ପଦକ୍ଷେପ ନିଆଯାଉନି।

ନିଶାମୁକ୍ତ କ୍ୟାମ୍ପସର ସାଇନଏଜ ମଧ ଶିକ୍ଷାନୁଷ୍ଠାନଗୁଡ଼ିକରେ ଦେଖିବାକୁ ମିଳୁନି। ଫଳରେ ବେଧଡ଼କ ଭାବେ ସବୁଠି ନିଶା ସେବନ ଚାଲିଛି। ଶିକ୍ଷାନୁଷ୍ଠାନ ନିକଟ ଅଞ୍ଚଳକୁ ନିଶାଡ଼ିମାନେ ସୁରକ୍ଷିତ ସ୍ଥାନ ଭାବି ନେଇଛନ୍ତି। ସଂଖ୍ୟାଧିକ ଶିକ୍ଷାନୁଷ୍ଠାନ ନିକଟରେ ନିଶା କାରବାର ଚାଲିବା ସହ ଶିକ୍ଷାନୁଷ୍ଠାନ ପରିସର ଭିତରେ ମଧ ଅନେକ ଜାଗାରେ ନିଶାଡ଼ିଙ୍କ ଆଡ୍ଡା ଜମୁଛି। ଏହା ଛାତ୍ରଛାତ୍ରୀଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇବା ସହିତ ଶିକ୍ଷାନୁଷ୍ଠାନର ବାତାବରଣକୁ କଳୁଷିତ କରୁଛି। ଏକ ରିପୋର୍ଟ ଅନୁଯାୟୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନଗୁଡ଼ିକରେ ଯେତେ ଲୋକ ମଦ କିଣୁଛନ୍ତି ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତରୁ ଅଧିକଙ୍କ ବୟସ ୨୫ ବର୍ଷରୁ କମ। ସେହିଭଳି ଅନେକ ଯୁବକ ଓ ଛାତ୍ର ଗଞ୍ଜେଇକୁ ନିଶା କରୁଛନ୍ତି। ଛୋଟମୋଟ ପାନଦୋକାନ ଟୁଙ୍ଗୀରେ ଏହା ବିକ୍ରି ହେଉଥିବା ବେଳେ କିଛି ଅସାଧୁ ନିଶା ବେପାରୀ ନିଜ ପକେଟରେ ଏହା ରଖି ଗ୍ରାହକଙ୍କୁ ଯୋଗାଇ ଦେଉଛନ୍ତି। ଫଳରେ ଛାତ୍ରଛାତ୍ରୀଙ୍କୁ ନିଶା ବେପାରୀ ଟାର୍ଗେଟ କରୁଥିବାରୁ ଯୁବ ସମାଜ ଭିତରେ ନିଶାର ପ୍ରସାର ଘଟି ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଓଡ଼ିଶା ଅବକାରୀ ଅଧିନିୟମରେ ମଦ ବ୍ୟବସାୟ ଲାଗି ଯେଉଁ ସ୍ଥାନ ଓ ବ୍ୟକ୍ତିଙ୍କ ଉପରେ କଟକଣା ରହିଛି, ବସ୍ତୁତଃ ସେହି ନିଷିଦ୍ଧାଞ୍ଚଳଗୁଡ଼ିକରେ ସଂଖ୍ୟାଧିକ ନିଶା ଦୋକାନ ଚାଲିଛି। ୨୦୧୩ ଏପ୍ରିଲରେ ରାଜ୍ୟ ସରକାର ଘୋଷଣା କରିଥିବା ରାଜ୍ୟ ଯୁବନୀତିରେ ଯୁବପିଢ଼ି ମଧରେ ନିଶା ଓ ଅନ୍ୟ ମାଦକ ଦ୍ରବ୍ୟ ପ୍ରସାର ନେଇ ଉଦବେଗ ପ୍ରକାଶ କରାଯିବା ସହିତ ନିଶାମୁକ୍ତ ଗ୍ରାମ ପ୍ରତିଷ୍ଠା ଲାଗି କୁହାଯାଇଥିଲେ ମଧ ନିଶା ନିବାରଣ ପାଇଁ ଆନ୍ତରିକତା ଅଭାବରୁ ଯୁବନୀତିର ଏହି ଆଭିମୁଖ୍ୟ ସଫଳ ହେବା ପରିବର୍ତ୍ତେ ବିଫଳ ହେଉଛି।

ଯଦି ଆମେ ଆମର ଭବିଷ୍ୟ ପିଢ଼ିକୁ ଏକ ନିଶ୍ଚିତ ମୃତ୍ୟୁଯନ୍ତାରୁ ରକ୍ଷା କରିବାକୁ ଚାହୁଁଥିବା, ତେବେ ଏହି 'ଧଳା ବୁଢ଼ିଆଣୀ' ବନାମ 'ମାଟିଆ ଚିନି' ଅଭିଯାନରେ ରାଜ୍ୟ ଅବକାରୀ ବିଭାଗ ସହିତ ଖୋଲାଖୋଲି ସହଯୋଗ କରିବା ଅତ୍ୟାବଶ୍ୟକ। ପାଖ ପଡ଼ୋଶୀରେ, ବଜାରରେ, ଦୋକାନରେ ଯେଉଁଠି ବି ନିଶା ଦ୍ରବ୍ୟ କାରବାରର ଆଭାସ ମିଳିବ, ତାହା ଆମେ ସରକାରଙ୍କ ଦ୍ୱାରା ବିଶେଷ ଭାବେ ପ୍ରଚାରିତ ହ୍ୱାଟସଆପ ନଂ ୭୦୭୭୭୯୮୧୧୧ରେ ତତ୍‌କ୍ଷଣାତ ଜଣାଇବା ଦରକାର। ନ ହେଲେ ଧୀରେ ଧୀରେ ଏହି ଧଳା ଓ ମାଟିଆ ଜହର ଅକ୍ଟୋପସର ପଞ୍ଝା ବିସ୍ତାର କରି ଆମ ଯୁବ ସମାଜକୁ କବଳିତ କରିଦେବ। ସଭ୍ୟ ସମାଜରେ ଜନଜାଗୃତି ସବୁପ୍ରକାର ଦୁର୍ନୀତି ଓ ଦୁଷ୍କର୍ମକୁ ବିରୋଧ କରିବା ପାଇଁ ସବୁଠାରୁ ପ୍ରଭାବୀ ଶକ୍ତି ଭାବେ ଯୁଗେ ଯୁଗେ ପରିଚିତ। ଆମେ ଆଜି ସେହି ଶକ୍ତିକୁ ଆହ୍ୱାନ କରୁଛୁ ଯେ ଆମ ରାଜ୍ୟକୁ ଓ ଦେଶକୁ ନିଶା ଅଜଗରର କବଳରୁ ମୁକ୍ତି ଦେବା ପାଇଁ ସମସ୍ତେ ଅଣ୍ଟା ଭିଡ଼ି ଧଳା ବୁଢ଼ିଆଣୀ ବନାମ ମାଟିଆ ଚିନି ଅଭିଯାନର ସ୍ୱଂୟସେବକ ଓ ସୈନିକ ଭାବେ ସମାଜ ରକ୍ଷା ପାଇଁ ଆଗେଇ ଆସନ୍ତୁ।

+'ଉପକରଣ ହାଉସ',
ଚଣ୍ଡୀଖୋଲ, ଯାଜପୁର,
ମୋ : ୯୪୩୭୦୫୧୫୪୩




### ଶୀତ ଆସେ...

ଆଦ୍ୟାଶା ମହାପାତ୍ର

ଶୀତ ଆସେ
ବେପରୱା ସମ୍ରାଟ ପରି
ଅହେତୁକ ଅସ୍ମିତାର ଆଚରଣ ନେଇ
ଜୀବନ ତ ଏଇମିତି
ଏକ ଅଶ୍ୱସ୍ତି ଉତ୍କଣ୍ଠା
ଯେ ସାମ୍ନା କରି ପାରିଲା
ସେ ପିନ୍ଧିବ ଜୟମାଲ୍ୟ
ଯେ ବିବଶ ହେଲା
ସେ ସହିବାକୁ ବାଧ ସବୁକିଛି
ଦୁଃଖ ଦୁର୍ଦ୍ଦିନକୁ ଆଦରି
ନେବ ମଥାପାତି
ଭୁଲିଯିବାକୁ ହେବ ସାଫଲ୍ୟ
ଶୀତ କେବେ ମିଛ କହେ ନାହିଁ
ସତ ପରି ସେ ବିବାକ୍ ଫୁଙ୍ଗୁଳା
ସହାନୁଭୂତି ବିହୀନ
ରୁକ୍ଷ ତା'ର ସ୍ୱର
ବକ୍ତବ୍ୟ ବି ସ୍ପଷ୍ଟ
ଘଟ ଛାଡ଼ିବା ପୂର୍ବରୁ
ସଂକେତ ଦେଲା ପରି
ଗୋଟାପଣେ ଚରମ ବାସ୍ତବ
ଶୀତ ଶତ୍ରୁ ମିତ୍ର ସଂବୋଧନ ଉର୍ଦ୍ଧ୍ୱରେ
ଆଇନ୍ ଭଳି ସଂବେଦନଶୀଳ
ମହାକାଳର ପ୍ରତିଭୂ
ପିଲା ବୁଢ଼ା ସବୁରି ଦେହ ମନରେ
ଆଙ୍କିଦିଏ
ସମୟର ଜାଜ୍ୱଲ୍ୟମାନ ଚିହ୍ନ
ଶୀତ ଆସେ ବର୍ଷଟିଏ ପରେ
ନିଜର ଅସ୍ତିତ୍ୱ ଜାହିର କରେ
କିଛି ଖୁସି ବାଣ୍ଟିବାକୁ
କିଛି କୋହ ସାଉଁଟିବାକୁ
ଜୀବନର ପରମ ସତ୍ୟ
ବୁଝାଇଦେବାକୁ...!!!

+ନୂଆପଡା , କଟକ

### ଶିଶିର ବିନ୍ଦୁ

ନୂତନ କୁମାର ବେହେରା

ହିମେ କାର୍ତ୍ତିକ ମାର୍ଗଶିର
ପରିବେଶ ଲାଗେ ସ୍ୱଚ୍ଛ ସୁନ୍ଦର
ପ୍ରକୃତି ହୁଏ ମନୋରମ
ନେତ୍ରେ ଦିଶେ ରମ୍ୟ ଅନୁପମ
ହସି ଉଠେ ଧରଣୀରାଣୀ
ଅନୁଭବ ହୁଏ ଅବତରୀ ଆସିଛନ୍ତି
ମର୍ତ୍ତ୍ୟ ଭୁବନେ ସ୍ୱୟଂ
ଲକ୍ଷ୍ମୀ ଠାକୁରାଣୀ
ମୁଣ୍ଡ ନୁଆଇଁ ପାଚି ଆସେ ଧାନ
କ୍ଷେତ ସବୁ ଦିଶେ ସୁନେଲି ବର୍ଣ୍ଣ
କିଆରିରେ ସୋରିଷ ଫୁଲର ହସ
ମନକୁ କରେ ହରଷ ସୁନ୍ଦର ସରସ
ସୁଲୁ ସୁଲୁ ଶୀତଳ ପବନ
ଶୀତ ସିହରଣେ ଉଲ୍ଲସିତ ହୁଏ ପ୍ରାଣ
କଅଁଳ ଖରାରେ ଉଷୁମ ତେଜେ
ଭାବମୟ ହୁଏ ସାରା ଦିବସ
ନଇଁ ଆସିଲେ ସଞ୍ଜ
କ୍ଲାନ୍ତ ଦେହ ଉଦାସ
ବିଶ୍ରାମ ନିଏ ସପନର ଶେଜେ
ଉଇଁ ଆସେ ଫୁଲେଇ ଜହ୍ନ
ପ୍ରାଣପ୍ରିୟା ପରି ସରାଗେ ହସି ହସି
ଢାଳି ଦିଏ ତା ଅନୁରାଗ
ଚୁନା ଚୁନା ଜୋଛନା ପଡ଼ଇ ଖସି
ପାଇ ତାର କୋମଳ ଶୀତଳ ପରଶ
ଉଜାଗର ରୁହନ୍ତି ଗଛର ପତର ଘାସ
ଭାବାବେଗର ସ୍ୱପ୍ନ ବିଳାସେ
ରିକ୍ତ ତନୁ ସିକ୍ତ ହୁଏ ମଧୁ ରସେ
ସେ ଶିଶିର ବିନ୍ଦୁ ବୁଣିଦିଏ ଇନ୍ଦୁ
ଘନ ରଜନୀ ସାଥେ ସଜନୀ
ଲାଗନ୍ତି ସ୍ଥଳଦେଶେ ଅବା ସପ୍ତସିନ୍ଧୁ
ଟପଟପ କାକର ପଡ଼େ ଝରି
ନିଦ ଅଳସେ ସପନ ଆସେ ଅସୁମାରୀ
ସରି ଆସେ ରାତି ନାଶି ଅରାତି
ଅନ୍ଧାର ଯାଏ ଦୂରକୁ ଘୁଞ୍ଚି
ନବ ଉତ୍ସାହ ଆନନ୍ଦରେ ଶଯ୍ୟା ତେଜି
ଜୀବନ ରଖେ ଆଶାକୁ ତାର ସଞ୍ଚି
ଅନାଇଁ ଦେଖେ ଯେବେ ଶିଶିର ବିନ୍ଦୁ
ଟିକି ଟିକି ଘାସର ପତରରେ
ଝଲସେ ମଣି ମୁକ୍ତା ସମ
ବାଳ ସୂରୁଜ କିରଣ ବରଣେ
ଚୁପି ଚୁପି କହେ ନୀରବରେ
ସାଇତି ରଖ ସ୍ମରଣେ
ହସେ ଜୀବନ ଆଲୋକ ପ୍ରକାଶେ
ପର ହୁଏ ନିଜର ସୁନ୍ଦର ଆଚରଣେ
' ମୁଁ ଶିଶିର ବିନ୍ଦୁ ନିମିଷକର..
ଝରି ଯିବି...ହସ ଟିକେ ଦେଇ,
ହସୁଥିବ ଏ ଜଗତ
ହୃଦୟରୁ ଅଜାଡ଼ି ଦେଲେ ଶ୍ରଦ୍ଧା
ନିର୍ମଳ ମନରେ ନିର୍ବିକାର ହୋଇ...'।

+ ବାରିପଦା,ମୟୂରଭଞ୍ଜ

### ଆକାଶର ଶୂନ୍ୟତା

ପ୍ରଦ୍ୟୁମ୍ନ ପଟ୍ଟନାୟକ

ଜୀବନ ପଥରେ ଛାଡ଼ି ଦେଇଯାଏ
ସମୟ ତା ପାଦ ଚିହ୍ନ
ନୀଳ ଆକାଶର ଶୂନ୍ୟତକୁ ଚାହିଁ
ଝୁରୁଛି କୁହୁଳା ମନ ।
ସ୍ମୃତିର ପାଉଛେ ବସି ପଢୁଥାଇ
ମୋ ମନର ଇତିହାସ
ଲେଖାଅଛି ଯେତେ ଦୁଃଖ ଯାତନା
କଳଙ୍କ ଓ ପରିହାସ
ଲୁହକୁ ଲୁଚାଇ ଅଭିନୟ କରି
ହୋଇଲିଣି ଅବସନ୍ନ ।
ଉଦାସୀ ଆଖିରେ ନୀରବତା ମୋର
ଓଠକୁ ଦେଇଛି ସିଇଁ
ପଥର ବୁକୁକୁ ହସ କାନ୍ଦ ଆଉ
କେବେଠୁଁ ପାରୁନି ଛୁଇଁ
ଲମ୍ବି ଲମ୍ବି ଯାଏ ବିନିଦ୍ର ରଜନୀ
ଦେଖୁନାହିଁ ଏବେ ସ୍ୱପ୍ନ।

+୧୦୧- ପ୍ରକାଶ ଦୀପ ଟାୱାର
ଜୟଦୁର୍ଗା ନଗର,
ଭୁବନେଶ୍ୱର-୭୫୧୦୦୬
ମୋ: ୯୯୬୮୨୮୦୮୯୬

### ଶୀତ ଆସିଛି ଗୀତ ଗାଉଛି

ଅମରନାଥ ବାରିକ୍

ଶୀତ ଆସିଛି ଗୀତ ଗାଉଛି
ଶିଶିର ବିନ୍ଦୁ ସାଥେ
ସୁନେଲି ଆଭା ମନରେ ଲୋଭା
ସକାଳ ଫୁଲ ରଥେ ।
ହସେ ବଗିଚା ଘାସ ଗାଲିଚା
ସବୁଜ ରଙ୍ଗ ଧାରେ
ଶିମିଳି ଫୁଲ ବଡ଼ ଡଉଲ
ଦିଶଇ ଗଛ ଡାଳେ ।
ଲାଗଇ ମଜା ବାଦାମ ଭଜା
ନିଆଁ ପାଖରେ ସଞ୍ଜେ
ଆଇମା ଗପ ଜେଜେଙ୍କ ଜପ
ଶୁଣିଲେ ପ୍ରାଣ ରଞ୍ଜେ ।
ତତଲା ଭାତ ଶୁଣରେ ମିତ
ଖାଇଲେ ଲାଗେ ଭଲ
ତା' ସାଥେ ଘିଅ ଆଳୁ ଚକଟା
ଅମୃତ ସମ ତୁଲ ।
ଶୀତରେ ପୁଣ ଗରମ କୋଣ
କମ୍ବଳ ପଡେ ଖୋଜା
ସରିଲେ ଶୀତ ଆସେ ବସନ୍ତ
ଗାଏ କୋକିଳ ରଜା ।
ଶୀତରେ ସତେ ମିଳଇ ଯେତେ
ତଟକା ଶାଗ ଫଳ
ଖାଇବା ଏହି ଋତୁରେ ସେହି
ମଧୁର କନ୍ଦ ମୂଳ ।
ଯିବାନି ଡରି ଶୀତରେ ଥରି
କରିବା ପାଇଁ ସ୍ନାନ
ନଡରି କଲେ ଗାଧୁଆ ପିଲେ
ନିଶ୍ଚଳ ରୁହେ ମନ ।
ଜାଣିଲେ ଧନ ଏ ଶୀତ ଦିନ
ଆମ ପାଇଁ ସୁନ୍ଦର
ଏ ଦିନେ ବାବୁ ମିଳଇ ସବୁ
କୁସୁମ ପରକାର ।
ଉଠରେ ପିଲେ ଯିବାରେ ଭଲେ
କରିବା କଷରତ
କଲେ ନିଇତି ଦୃତରେ ଗତି
ଉଭେଇ ଯିବ ଶୀତ ।
ସକାଳୁ ଆଖି ଖୋଲେନା ସଖି
ନିଦରୁ ଉଠିବାକୁ
ଶୀତ ଆସିଛି ଗୀତ ଗାଉଛି
ଆମକୁ ଡାକିବାକୁ ।

+କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା-୭୫୫୦୧୧
ମୋ: ୯୫୪୦୩୦୮୦୯୫

# ରାଜସ୍ୱ ଡିଭିଜନର ପୁନର୍ଗଠନ: ଉତ୍ତରାଂଚଳ ଅଧୀନକୁ ଆସିଲା ବୌଦ୍ଧ ଓ ନୂଆପଡ଼ା




ଭୁବନେଶ୍ୱର,୨୨/୧୧ (ନି.ପ୍ର): ରାଜ୍ୟ ସରକାର ଆଜି ରାଜସ୍ୱ ଡିଭିଜନର ପୁନର୍ଗଠନ କରିଛନ୍ତି । ଦକ୍ଷିଣାଂଚଳ ରାଜସ୍ୱ ଡିଭିଜନ ଅଧୀନରେ ଥିବା ବୌଦ୍ଧ ଓ ନୂଆପଡ଼ା ଜିଲ୍ଲାକୁ ଉତ୍ତରାଂଚଳ ଡିଭିଜନ ଅଧୀନକୁ ଆଣିଛନ୍ତି । ତେବେ କେନ୍ଦ୍ରାଂଚଳ ଡିଭିଜନରେ କୌଣସି ପରିବର୍ତ୍ତନ କରାଯାଇନି । ଆଜି ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତି ଅନୁସାରେ, ୧୯୯୩ ମସିହାରୁ ପ୍ରଶାସନିକ କାର୍ଯ୍ୟ ନିମନ୍ତେ ବ୍ରହ୍ମପୁରସ୍ଥିତ ଦକ୍ଷିଣାଂଚଳ ରାଜସ୍ୱ ଡିଭିଜନ କାର୍ଯ୍ୟାଳୟର ଅଧୀନରେ ୧୦ଟି ରାଜସ୍ୱ ଜିଲ୍ଲା କାର୍ଯ୍ୟ କରୁଥିଲା । ମାତ୍ର ଆଜି ଏହାର ପୁନର୍ଗଠନ କରି ବୌଦ୍ଧ ଓ ନୂଆପଡ଼ା ଜିଲ୍ଲାକୁ ଦକ୍ଷିଣାଂଚଳ ଡିଭିଜନରୁ ବାଦ୍ ଦିଆଯାଇଛି ଓ ଏହି ରାଜସ୍ୱ ଡିଭିଜନ ଅଧୀନରେ ମୋଟ ୮ଟି ଜିଲ୍ଲା ରହିବ । ସେଗୁଡ଼ିକ ହେଲା- ଗଞ୍ଜାମ, ଗଜପତି, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ ଓ ରାୟଗଡ଼ା । ସେହିପରି ସମ୍ବଲପୁରସ୍ଥିତ ଉତ୍ତରାଂଚଳ ରାଜସ୍ୱ ଡିଭିଜନ କାର୍ଯ୍ୟାଳୟ ଅଧୀନରେ ପୂର୍ବରୁ ୧୦ଟି ଜିଲ୍ଲା ଥିବାବେଳେ ଏବେ ସଂଶୋଧିତ ନିର୍ଦ୍ଦେଶନାମା ଅନୁସାରେ ଏହାର ପ୍ରଶାସନିକ କ୍ଷମତା ମୋଟ ୧୨ଟି ରାଜସ୍ୱ ଜିଲ୍ଲା ରହିବ । ସେଗୁଡ଼ିକ ହେଲା- ଅନୁଗୁଳ, ବରଗଡ଼, ବଲାଙ୍ଗିର, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଝାରସୁଗୁଡ଼ା, କେନ୍ଦୁଝର, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ରହିବ । କେନ୍ଦ୍ରାଂଚଳ ରାଜସ୍ୱ ଡିଭିଜନ ଅଧୀନରେ ଥିବା ୧୦ଟି ଜିଲ୍ଲା ପୂର୍ବବତ ରହିଛି। ଜିଲ୍ଲା ପୁନର୍ଗଠନ ପାଇଁ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ କରିଥିବା ରାଜ୍ୟ ସରକାର ରାଜସ୍ୱ ଡିଭିଜନର ପୁର୍ନଗଠନ ମାଧ୍ୟମରେ ଏଭଳି ପ୍ରଶାସନିକ ପଦକ୍ଷେପ ନେଇଥିବା ବିଭାଗ ସୂତ୍ରରୁ ସୂଚନା ମିଳିଛି ।

# ୩ଦଫା ଦାବିରେ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ଉଦଳାର ବିକ୍ଷୋଭ




ଉଦଳା-ତା.୨୨/୧୧ (ନି.ପ୍ର)- ଆଜି ଦିବା ୧୦ ଘଟିକା ସମୟରେ ମିଳିତ ପ୍ରାଥମିକ ମହାସଂଘ ଉଦଳା, ମୟୂରଭଞ୍ଜର ବ୍ଲକ ସ୍ତରୀୟ ଶିକ୍ଷକ ସମାବେଶ ୩ଦଫା ଦାବୀ ନେଇ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଏକ ସଭାର ଆୟୋଜନ ଉଦଳା ଧୁମୁସା ପଡ଼ିଆରେ କରାଯାଇଥିଲା । ପ୍ରଥମ ଦାବୀ ଠିକା ନିଯୁକ୍ତି ଉଚ୍ଛେଦ କରିବା ସହିତ ସେହି ସମୟକୁ ମୂଳ ଚାକିରିରେ ମିଶାଇ ୬ ବର୍ଷର ୬ଟି ଇନକ୍ରୀମେଣ୍ଟ ପ୍ରଦାନ କରିବା, ୨ୟ ଦାବୀ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା ଓ ୩ୟ ଦାବୀ ନୂତନ ପେନସନ ଉଚ୍ଛେଦ କରି ପୁରାତନ ପେନସନ ଘୋଷଣା କରିବା । ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଉକ୍ତ ଦାବୀ ଗୁଡ଼ିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଏକ ଶୋଭାଯାତ୍ରା ମାଧ୍ୟମରେ କପ୍ତିପଦା -ଉଦଳା ଉପଖଣ୍ଡର ଉପଜିଲ୍ଲାପାଳ ଏବଂ ଗୋଷ୍ଠୀ ଶିକ୍ଷାଅଧିକାରୀ ଉଦଳାଙ୍କୁ ପ୍ରଦାନ କରାଯାଇଥିଲା । ରାଜ୍ୟ ସରକାର ୨୦୧୩ ପରବର୍ତ୍ତୀ ଶିକ୍ଷକ ନିଯୁକ୍ତିକୁ ଉଚ୍ଛେଦ କରି ନିୟମିତ କରିବା ପାଇଁ ନିର୍ଦ୍ଦେଶନାମା ଜାରୀ କରିଥିଲେ ହେଁ ପ୍ରାଥମିକ ଶିକ୍ଷକ ଏଥିରୁ ବଞ୍ଚିତ ହେବା ଅତ୍ୟନ୍ତ ଦୁଃଖଦପୂର୍ଣ୍ଣ ବୋଲି କହିଥିଲେ । ଯଦି ସରକାର ଆମର ଦାବୀ ମାନିବେ ନାହିଁ ତେବେ ଭୁବନେଶ୍ୱର ଠାରେ ଏକ ବିରାଟ ଆନ୍ଦୋଳନ ଚଳିତ ନଭେମ୍ବର ମାସ ୨୭ ତାରିଖରେ କରିବାକୁ ଚେତାବନୀ ଦେଇଥିଲେ । ମିଳିତ ଶିକ୍ଷକ ସଂଘର ସଭାପତି ବିରେନ୍ଦ୍ର ନାଥ ମଢ଼େଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଆନ୍ଦୋଳନରେ ଜିଲ୍ଲା ସଭାପତି ହରେକୃଷ୍ଣ ବାରିକ, ରାଜ୍ୟ ସଂସଦ ସଂଯୋଜକ ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ଜିଲ୍ଲା ସଂଯୋଜକ ଶିବନାରାୟଣ ମହାନ୍ତ, ଜିଲ୍ଲା ମିଡ଼ିଆ ସଂଯୋଜକ ଗଦାଧର ବାରିକ, ଖୁଣ୍ଟା ବ୍ଲକ ସଭାପତି ଅଜୟ ମହାନ୍ତ ତଥା ବ୍ଲକ ସଂପାଦକ ଲାଲ ମୋହନ ମାର୍ଣ୍ଡି, କୋଷାଧକ୍ଷ ପ୍ରଭାତ କୁମାର ଶଙ୍ଖୁଆ, କାର୍ଯ୍ୟକାରୀ ସଭାପତି ଅଜୟ କୁମାର ପଣ୍ଡା, ସଂଗଠନ ସଂପାଦକ ଆଦ୍ୟେଶା ଦାସ ଏବଂ ବ୍ଲକର ଲଳିତ ବେହେରା, ଶାନ୍ତନୁ କୁମାର ଦାସ, ପ୍ରଶାନ୍ତ କୁମାର ପଟ୍ଟନାୟକ, ରବିକାନ୍ତ ମହାପାତ୍ର, ଦୈତାରୀ ବିନ୍ଧାଣୀ, ବିଜୟ କୁମାର ବେହେରା, ଅସୀମା ଅରୁନ୍ଧତୀ, ଲିପିକା ପଟ୍ଟନାୟକ, ରମେଶ ଚନ୍ଦ୍ର ସାହୁ, ତପନ ମିଶ୍ର, ଭାଗ୍ୟଧର ଦାସ, ଆଲୋକ ପରିଡ଼ା, ରବିନ୍ଦ୍ର ସରେନ୍, ଦୁଲାରାମ ଟୁଡ୍ଡୁ, ନବୀନ ହେମ୍ବ୍ରମ, ବାସନ୍ତୀ ହେମ୍ବ୍ରମ, ନବୀନ ବେହେରା, କୃଷ୍ଣଚନ୍ଦ୍ର ମହାନ୍ତ, ଗୌରକିଶୋର ବିନ୍ଧାଣୀ ଏବଂ ୨୦୦୧ରୁ ଏପର୍ଯ୍ୟନ୍ତ ନିଯୁକ୍ତ ହୋଇଥିବା ସମସ୍ତ ପ୍ରାଥମିକ ଶିକ୍ଷକ ଉପସ୍ଥିତ ଥିଲେ । ଶେଷରେ ଶିକ୍ଷକ ଲାଲମୋହନ ମାର୍ଣ୍ଡ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଦ୍‌ବେଗଜନକ ଭାବେ ବଢ଼ୁଛି ନବଜାତ ଶିଶୁ ମୃତ୍ୟୁ ହାର




ଭୁବନେଶ୍ୱର,୨୨/୧୧ (ନି.ପ୍ର): ଗର୍ଭଧାରଣର ୭ ମାସରେ ଜନ୍ମ ହେଉଥିବା ଶିଶୁଙ୍କ ମୃତ୍ୟୁ ହାର(ଷ୍ଟିଲ ବାର୍ଥ ରେଟ) ଉଦ୍‌ବେଗଜନକ ଭାବେ ବଢ଼ିବାରେ ଲାଗିଛି। ରାଜ୍ୟରେ ଏଭଳି ସ୍ଥିତିକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଚିନ୍ତାରେ ପଡ଼ିଛି। ଏହାକୁ କିପରି କମାଇ ହେବ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମାନସ ମନ୍ଥନ ଆରମ୍ଭ ହୋଇଛି। ସୂଚନା ମୁତାବକ ବର୍ତ୍ତମାନ ରାଜ୍ୟରେ ଏଭଳି ମୃତ୍ୟୁ ହାସ ପ୍ରତି ୧୦୦୦ ରେ ୧୦ ଥିବାବେଳେ, ଜନ୍ମର ୭ଦିନ ମଧ୍ୟରେ ପ୍ରତି ୧୦୦୦ରେ ୨୦ ଶିଶୁଙ୍କ ମୃତ୍ୟୁ ହେଉଛି। ଯେତେବେଳେ କି ଜନ୍ମର ୨୮ ଦିନ ଭିତରେ ୧୦୦୦ ଶିଶୁ ମଧ୍ୟରୁ ୨୮ ଜଣଙ୍କ ମୃତ୍ୟୁ ହେଉଛି। ଏହି ମୃତ୍ୟୁ ସଂଖ୍ୟା ହ୍ରାସ କରିବା ଲାଗି ବିଶେଷଜ୍ଞ ମାନଙ୍କୁ ନେଇ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବୈଠକ ଆରମ୍ଭ ହୋଇଛି। ଦିଲ୍ଲୀ, ପଶ୍ଚିମବଙ୍ଗ ଭଳି କମ୍ ଶିଶୁ ମୃତ୍ୟୁ ହାର ଥିବା ରାଜ୍ୟର ବିଶେଷଜ୍ଞଙ୍କ ପରାମର୍ଶ ଏଠାରେ ନିଆଯାଇଛି। ରାଜ୍ୟରେ ଷ୍ଟିଲ ବାର୍ଥ ରେଟକୁ ୩ ଓ ନବଜାତ ମୃତ୍ୟୁ ସଂଖ୍ୟା ୧୨କୁ କମାଇବା ଲାଗି ଟାର୍ଗେଟ ରଖାଯାଇଛି। ଏନେଇ ଖୁବ୍ ଶୀଘ୍ର ରୋଡ ମ୍ୟାପ ପ୍ରସ୍ତୁତ କରାଯିବ ବୋଲି ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ। ଡ. ପାଣିଗ୍ରାହୀ କହିଛନ୍ତି, ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ମାନସ ମନ୍ଥନରେ ବିଭିନ୍ନ ମେଡିକାଲ କଲେଜର ବିଭାଗୀୟ ମୁଖ୍ୟ, ବିଭିନ୍ନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ରାଜ୍ୟ ତଥା ରାଜ୍ୟ ବାହାର ବିଶେଷଜ୍ଞ ଯୋଗଦେଇଥିଲେ। ଏଭଳି ଶିଶୁ ମୃତ୍ୟୁ ହାରର କାରଣ ଏଠାରେ ଖୋଜା ଯାଇଥିଲା। ଯେଉଁଥିରୁ ଜଣାପଡ଼ିଛି ଯେ, ଆଧୁନିକ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ସତ୍ତ୍ୱେ କରାଯାଉଥିବା ବିଭିନ୍ନ ଅବହେଳା ନିମନ୍ତେ ଏଭଳି ଶିଶୁ ମୃତ୍ୟୁ ହାର ବଢ଼ିଛି। ଶିଶୁ ଗର୍ଭରେ ରହିବା ପରଠୁ ଏହାର ଦେଖାରଖାରେ ତଳସ୍ତରରେ କର୍ମଚାରୀ ଠିକ୍ ଭାବେ କାମ କରୁ ନ ଥିବା, ଶିଶୁ ଜନ୍ମ ବେଳେ ଆବଶ୍ୟକ ସମସ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉ ନ ଥିବା, କମ୍ ଓଜନର ଶିଶୁ ଜନ୍ମ ହେବା, ଅପରିପକ୍ୱ ଶିଶୁ ଜନ୍ମ ହେବା ଓ ସଂକ୍ରମଣ ଏହାର ମୁଖ୍ୟ କାରଣ ହୋଇଛି। ଏହି ଚ୍ୟାଲେଞ୍ଜକୁ ସାମ୍ନା କରିବା ନିମନ୍ତେ କମ୍ୟୁନିଟି ଚେକ୍‌ଅପ୍ ଓ ମେଡିକାଲ ଫ୍ୟାସିଲିଟିକୁ ସୁଦୃଢ଼ କରିବା ନିମନ୍ତେ ମତାମତ ମିଳିଛି। କେରଳ, ଦିଲ୍ଲୀ, ତାମିଲନାଡୁ, ମହାରାଷ୍ଟ୍ର, ଜମ୍ମୁ ଓ କଶ୍ମୀର, ପଞ୍ଜାବ ପ୍ରଭୃତି ୬ ରାଜ୍ୟ ଏଭଳି ଶିଶୁ ମୃତ୍ୟୁ ହାର ଏସ୍‌ଡିଜି ପୋଲ୍ ଲକ୍ଷ୍ୟ ଧାର୍ଯ୍ୟ ମୁତାବକ ୧୨ ତଳେ ରହିଛି। ତେଣୁ ଏହି ରାଜ୍ୟମାନଙ୍କରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବୈଠକରେ ଯୋଗଦେଇଥିବା ବିଶେଷଜ୍ଞମାନେ ମତ ରଖିଥିଲେ। ଏହାକୁ ଦେଖି ଆଗକୁ ଓଡ଼ିଶାରେ ଏଭଳି ଶିଶୁ ମୃତ୍ୟୁ ହାର ରୋକିବାକୁ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି।

# ଏମକେସି ହାଇସ୍କୁଲରେ ଡକ୍ଟର ସରୋଜ ନାୟକଙ୍କୁ ସମ୍ବର୍ଦ୍ଧନା



ମୟୂରଭଞ୍ଜ,୨୨/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ସର୍ବ ପୁରାତନ ଉଚ୍ଚ ବିଦ୍ୟାଳୟ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଡକ୍ଟର ସରୋଜ ନାୟକଙ୍କୁ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ବାରିପଦା ରେ ସହକାରୀ ପ୍ରଫେସର ଭାବେ ନିଯୁକ୍ତ ହେବା ପରିପ୍ରେକ୍ଷୀରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୁଞ୍ଜବାଳା ମହାନ୍ତଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଭାପତି ପୂର୍ଣ୍ଣେନ୍ଦୁ କୁମାର ଦାସ, ଉପସଭାପତି ସିଦ୍ଧାର୍ଥ କରମହାପାତ୍ର, ସମ୍ପାଦକ ରଞ୍ଜନ ବାନାର୍ଜୀ, କୋଷାଧକ୍ଷ ପ୍ରଦୀପ କୁମାର ପାଣିଗ୍ରାହୀ, ବରିଷ୍ଠ ସଦସ୍ୟ ପ୍ରଦୀପ କିଶୋର ମହାନ୍ତି, ତିମିର କୁମାର ଘୋଷ ବିଦ୍ୟାଳୟ ପରିଚାଳନା ସଦସ୍ୟ ଏସକେ ଲାଇକୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୂଚନା ଯୋଗ୍ୟ ଡକ୍ଟର ନାୟକ ଦୀର୍ଘ ତେର ବର୍ଷ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରୂପେ କାର୍ଯ୍ୟ କରି ବିଭିନ୍ନ ବିଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ପାଇଁ ସଫଳତା ଆଣିଥିଲେ ।

# ସାପ କାମୁଡ଼ାକୁ ନେଇ ଚିନ୍ତା, ସଚେତନ କରିବ ଉଚ୍ଚସ୍ତରୀୟ କମିଟି



ଭୁବନେଶ୍ୱର,୨୨/୧୧ (ନି.ପ୍ର): ଚିନ୍ତା ବଢ଼ାଇଲା ସାପ କାମୁଡାଜନିତ ମୃତ୍ୟୁ। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ବେଳେ ଅଧିକାଂଶ ଲୋକ ସାପ କାମୁଡାର ଶିକାର ହୋଇ ଅକାଳରେ ମୃତ୍ୟୁମୁଖରେ ପଡୁଛନ୍ତି। ଏହାର ଗୁରୁତ୍ୱକୁ ହୃଦବୋଧ କରି ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ୬ଜଣିଆ ସଦସ୍ୟଙ୍କୁ ନେଇ ଗଠନ କରିଛି ଉଚ୍ଚସ୍ତରୀୟ କମିଟି। ଏହି କମିଟିରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଏମ୍ସ ନିର୍ଦ୍ଦେଶକ, ଏସସିବି ପ୍ରତିନିଧି, ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ବୈଜ୍ଞାନିକ, ବିଶ୍ୱବ୍ୟାଙ୍କ ପ୍ରତିନିଧି, ସ୍ନେକ ହେଲ୍ପ ଲାଇନ୍ ମୁଖ୍ୟ ଶୁଭେନ୍ଦୁ ମଲ୍ଲିକ ପ୍ରମୁଖ ସାମିଲ ହୋଇଛନ୍ତି । ସାପ କାମୁଡାରୁ ବର୍ତ୍ତିବା ପାଇଁ ଲୋକଙ୍କୁ ସଚେତନ କରିବା ସହିତ ସ୍ୱାସ୍ଥ୍ୟ କର୍ମୀଙ୍କୁ ଏ ସମ୍ପର୍କରେ ଟ୍ରେନିଂ ଦିଆଯିବ ବୋଲି ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏନେଇ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, ଅଧିକାଂଶ ସାପ କାମୁଡ଼ା ଘଟଣା ବନ୍ୟା, ବାତ୍ୟା ପରେ ହେଉଛି । ହେଲେ ସେଥିମଧ୍ୟରୁ ପ୍ରାୟ ୩୦% ମୃତ୍ୟୁ ଛାନିଆ ଯୋଗୁ ହେଉଛି। ସାପ କାମୁଡ଼ା ଲୋକେ ଚାଲିକି ଯିବା ଉଚିତ ନୁହେଁ, ସେମାନଙ୍କୁ ବୋହିକି ମେଡିକାଲ ନେବା କଥା। ଏସବୁ କଥା ଲୋକଙ୍କ ନିକଟରେ ପହଞ୍ଚାଇଲେ ବହୁ ଜୀବନ ବଞ୍ଚି ପାରିବ । ଏହାବାଦ ବିଭିନ୍ନ ଡାକ୍ତରଖାନାରେ ସାପ କାମୁଡ଼ା ଇଞ୍ଜେକସନ୍ ଉପଲବ୍ଧ କରାଇବା ଓ ତାହା କିପରି ରୋଗୀଙ୍କ ଉପରେ ପ୍ରୟୋଗ କରାଯିବ ସେ ନେଇ ଡାକ୍ତରଙ୍କୁ ପ୍ରଶିକ୍ଷଣ ଦିଆଯିବ ।

# ଡିସେମ୍ବର ସୁଦ୍ଧା ହାତୀ ମୃତ୍ୟୁ ରୋକିବାକୁ ଚୂଡ଼ାନ୍ତ ହେବ ଆକ୍ସନ ପ୍ଲାନ୍



କଟକ,୨୨/୧୧ (ନି.ପ୍ର): ରାଜ୍ୟର ସମସ୍ତ ହାତୀ କରିଡ଼ରକୁ ଚିହ୍ନଟ କରାଯିବ। ହାତୀ ଚଳ ପ୍ରଚଳ କରୁଥିବା ଅଞ୍ଚଳରେ ଏହି କରିଡ଼ର ଗୁଡ଼ିକୁ ଚିହ୍ନଟ କରାଯାଇ ସ୍ଥାନୀୟ ଜନସାଧାରଣଙ୍କୁ ହାତୀ ସୁରକ୍ଷା ପ୍ରସଙ୍ଗରେ ସଚେତନ କରାଯିବ। ହାତୀ ମୃତ୍ୟୁ ରୋକିବା ଲାଗି ପ୍ରସ୍ତୁତ କରାଯାଇଥିବା ଆକ୍ସନ ପ୍ଲାନକୁ ଆସନ୍ତା ଡିସେମ୍ବର ସୁଧା ପୂର୍ଣ୍ଣାଙ୍ଗ ରୂପ ଦିଆଯିବ। ଏହି ଆକ୍ସନ ପ୍ଲାନରେ ଥିବା ବିଭିନ୍ନ ପ୍ରସଙ୍ଗକୁ ଡିସେମ୍ବର ସୁଦ୍ଧା ସଫଳ ରୂପାୟନ କରାଯିବ ବୋଲି ଜଏଣ୍ଟ ଟାସ୍କ ଫୋର୍ସ ପକ୍ଷରୁ ଆଜି ହାଇକୋର୍ଟରେ ସତ୍ୟପାଠ ଜରିଆରେ ଦର୍ଶା ଯାଇଛି। ରାଜ୍ୟରେ ହାତୀ ମୃତ୍ୟୁ ଉଦ୍‌ବେଗଜନକ ଭାବେ ବଢ଼ୁଥିବାରୁ ଏହାକୁ ନେଇ ହାଇକୋର୍ଟରେ ହୋଇଥିବା ମାମଲାରେ କୋର୍ଟ ଏହି ସତ୍ୟପାଠକୁ ଗ୍ରହଣ କରିବା ସହ ଆଜି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଏହି ମାମଲାରେ ଆସନ୍ତା ଜାନୁଆରୀ ୧୮ ସୁଦ୍ଧା ଆକ୍ସନ ପ୍ଲାନର ରୂପାୟନ ନେଇ ରିପୋର୍ଟ ଦେବ ଜଏଣ୍ଟ ଟାସ୍କ ଫୋର୍ସ। ବିଦ୍ୟୁତ୍ ଆଘାତ ଜନିତ ହାତୀ ମୃତ୍ୟୁ ଏବଂ ରେଳ ଦୁର୍ଘଟଣା ଜନିତ ହାତୀ ମୃତ୍ୟୁ ରୋକିବା ପାଇଁ ଉଦ୍ୟମ କରାଯିବ। ଏ ନେଇ ବିଦ୍ୟୁତ୍ ବିତରଣ କମ୍ପାନୀଙ୍କ ସହ ଆଲୋଚନା ଜାରି ରହିଛି। ରେଳବାଇ ସହ ଆଲୋଚନା କରି ହାତୀ କରିଡ଼ରରେ ରେଳ ଦୁର୍ଘଟଣା ଜନିତ ହାତୀ ମୃତ୍ୟୁ ରୋକିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ଜଏଣ୍ଟ ଟାସ୍କ ଫୋର୍ସର ସତ୍ୟପାଠରେ ଦର୍ଶାଯାଇଛି। ଅନ୍ୟପଟେ ଜଏଣ୍ଟ ଟାସ୍କ ଫୋର୍ସରେ ବିଶିଷ୍ଟ ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ ଏବଂ ଡକ୍ଟର ବିଶ୍ୱଜିତ୍ ମହାନ୍ତିଙ୍କୁ ସାମିଲ କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ଜେଟିଏଫ ଦ୍ୱାରା ପ୍ରସ୍ତୁତ ଆକ୍ସନ ପ୍ଲାନ ବିଷୟ ଗୁଡ଼ିକ ଉପରେ କେତେଦୂର କାର୍ଯ୍ୟ କରାଯାଇଛି ସେ ନେଇ ଜଣେଇବା ପାଇଁ କୋର୍ଟ କହିଛନ୍ତି। ସେପଟେ ହାତୀ ଶିକାରକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ହାତୀ ଶିକାରକୁ ନେଇ ଦାୟର ସମସ୍ତ ମାମଲାର ଦ୍ରୁତ ବିଚାର ପାଇଁ ପଦକ୍ଷେପ ନେବାକୁ ଜେଟିଏଫ ସଦସ୍ୟ ତଥା ଅତିରିକ୍ତ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜେଟିଏଫର ସମସ୍ତ ସଦସ୍ୟ ଆଜି ଭିସି ଜରିଆରେ ଉପସ୍ଥିତ ଥିଲେ। ଏହା ସହ ଭିସି ଜରିଆରେ ସାମିଲ ହୋଇ ବନ୍ୟପ୍ରାଣୀ ବିଶେଷଜ୍ଞ ଡାକ୍ତର ସୁକୁମାର ଅନେକ ପରାମର୍ଶ ଦେଇଥିଲେ। କର୍ଣ୍ଣାଟକ ଏବଂ ଇଷ୍ଟ ସେଣ୍ଟ୍ରାଲ ଏଲିଫାଣ୍ଟ ଆକ୍ସନ ପ୍ଲାନକୁ ତର୍ଜମା କରି ସେହି ଆଧାରରେ ପଦକ୍ଷେପ ନେବାକୁ ଜେଟିଏଫକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଆସନ୍ତା ଜାନୁଆରୀ ୧୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣୀ ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଏନେଇ ହାତୀ ମୃତ୍ୟୁ ନେଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଆବେଦନକାରୀଙ୍କ ଓକିଲ ଆଶିଷ ମିଶ୍ର ସୂଚନା ଦେଇଛନ୍ତି।

# ନାକଟିଡଙ୍ଗରେ ପର୍ବତାରୋହଣ କାର୍ଯ୍ୟକ୍ରମ

ଜୟପୁର,୨୨/୧୧ (ନି.ପ୍ର): ତରୁଣ ପ୍ରଜ୍ଞା ଭାରତୀ ଜୟପୁର ତରଫରୁ ନାକଟିଡଙ୍ଗର ପର୍ବତାରୋହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜୟପୁର ମଡର୍ଣ୍ଣ ଇଂରାଜୀ ବିଦ୍ୟାଳୟ, ବିକ୍ରମ ଦେବ ମହାବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ କୋରାପୁଟର ଛାତ୍ର ଛାତ୍ରୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରାୟ ୨୫୦ ଜଣ ଛାତ୍ର ଛାତ୍ରୀ ଏବଂ ସର୍ବସାଧାରଣ ପୁରୁଷ ଓ ମହିଳା ଯୋଗଦାନ କରି ପର୍ବତାରୋହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଡ. ଗଙ୍ଗାଧର ନନ୍ଦ, ସଂପାଦକ ଯଜ୍ଞେଶ୍ୱର ପଣ୍ଡା ଓ ନିରଞ୍ଜନ ପାଣଗ୍ରାହୀ ଶୁଭାରମ୍ଭ କରିଥିଲେ। ଏହି କାର୍ଯକ୍ରମରେ ଉପସଭାପତି ମୀନକେତନ ଦାଶ, ସବିତା ତ୍ରିପାଠୀ, କେ.ତିରୁପତି ପାତ୍ର, ଅଜୟ କୁମାର ମଲ୍ଲିକ, ରବୀନ୍ଦ୍ର କୁମାର ମହାରଣା, ରୀତାଞ୍ଜଳୀ ଡାକୁଆ, ଲିପିକା ଦଳେଇ, ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ହେମନ୍ତ କୁମାର ଚନ୍ଦ, ସୁବାସ ଚନ୍ଦ୍ର ପଣ୍ଡା, ବିମଳକାନ୍ତ ଜେନା ପ୍ରମୁଖ ମାର୍ଗ ଦର୍ଶକ ଭାବେ କାର୍ଯ୍ୟ ପରିଚାଳନା କରିଥିଲେ। ସମସ୍ତ ଅଂଶଗ୍ରହଣ କାରୀଙ୍କୁ ବାର୍ଷିକ ଉତ୍ସବରେ ପ୍ରଂଶସାପତ୍ର ପ୍ରଦାନ କରାଯିବ ବୋଲି ସଭାପତି ସୂଚନା ଦେଇଥିଲେ।

# ଇନରହ୍ୱିଲ କ୍ଲବ ଉଦଳାର କାର୍ଯ୍ୟକଳାପ ପ୍ରଶଂସନୀୟ : ଚେୟାରମ୍ୟାନ



ଉଦଳା-ତା.୨୨/୧୧ (ନି.ପ୍ର)- କେବଳ ମହିଳା ମାନଙ୍କୁ ନେଇ ଉଦଳାରେ ଗଢ଼ି ଉଠିଥିବା ଇନରହ୍ୱିଲ କ୍ଲବକୁ ଜିଲ୍ଲା ଚେୟାରମ୍ୟାନ ଟି. ଚିରିବି ଚଳିତ ନଭେମ୍ବର ୨୧ ତାରିଖ ସୋମବାର ଦିନ ପରିଦର୍ଶନରେ ଆସିଥିଲେ । ପ୍ରକାଶ ଥାଉକି ଟି. ଚିରିବି ବର୍ତ୍ତମାନ ୩ଟି ରାଜ୍ୟର ଚେୟାରମ୍ୟାନ ଦାୟିତ୍ୱରେ ଅଛନ୍ତି । ଉଦଳାରେ ଇନରହ୍ୱିଲ କ୍ଲବ ସେବା ଯୋଗାଇଦେବା କ୍ଷେତ୍ରରେ ଯେଉଁଭଳି ଉଦ୍ୟମ ଜାରୀ ରଖିଛି ତାହା ବାସ୍ତବରେ ପ୍ରଶଂସନୀୟ ବୋଲି ଚେୟାରମ୍ୟାନ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ସ୍ଥାନୀୟ ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ଏକ ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ କ୍ଲବର ସଭାପତି ଜୟନ୍ତି ପଟ୍ଟନାୟକ ଅଧ୍ୟକ୍ଷତା କରିବା ସହ ଉଦଳାରେ ଇନରହ୍ୱିଲ କ୍ଲବର କାର୍ଯ୍ୟକଳାପ ସଂପର୍କରେ ବିସ୍ତୃତ ବର୍ଣ୍ଣା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୁର୍ବତନ ସଭାପତି ରାଜଲକ୍ଷ୍ମୀ ମହାନ୍ତି, ସମ୍ପାଦିକା ମିନାକ୍ଷୀ ମହାନ୍ତି ପ୍ରମୁଖ ମଞ୍ଚାସୀନ ଅତିଥି ଭାବରେ ଯୋଗ ଦେଇ ଗରିବ ଲୋକଙ୍କ ମୁଖରେ ହସ ଫୁଟାଇଲେ ଯେଉଁ ଆନନ୍ଦ ମିଳେ ତାହାକୁ ପଇସାରେ ତୁଳନା କରାଯାଇପାରିବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଏହି ଅବସରରେ ସୁଶ୍ରୀ ରେଖା ବେହେରାଙ୍କ ଦ୍ୱାରା ପ୍ରଦର୍ଶୀତ ଯୋଗାସନରେ ମୁଗ୍ଧ ହୋଇ ଆଗାମୀ ଦିନରେ ତାଙ୍କୁ ରାଜ୍ୟ ସ୍ତରରେ ସମ୍ବର୍ଦ୍ଧିତ କରାଯିବ ବୋଲି ଚେୟାରମ୍ୟାନ ଘୋଷଣା କରିଥିଲେ। ପ୍ରାରମ୍ଭରେ ମମତା ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମମତା ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । ଉଦଳା କ୍ଲବର ସମସ୍ତ ସଦସ୍ୟା କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

# ଚିଟଫଣ୍ଡ କମ୍ପାନୀ ଶାରଳା ରିଅଲକନର ସମ୍ପତ୍ତି ନିଲାମ ଉପରେ ରହିତାଦେଶ



କଟକ,୨୨/୧୧ (ନି.ପ୍ର): ଚିଟଫଣ୍ଡ କମ୍ପାନୀ ଶାରଳା ରିଅଲକନର ସମ୍ପତ୍ତି ନିଲାମ ଉପରେ ହାଇକୋର୍ଟଙ୍କ ରହିତାଦେଶ। ପ୍ରାୟ ୧୬ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ନିଲାମ ଉପରେ ଏହି ରହିତାଦେଶ ଜାରି ହୋଇଛି। ଆସନ୍ତା ୨୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି କୋର୍ଟ। ଚିଟଫଣ୍ଡ କେଲଙ୍କାରୀରେ ସମ୍ପୃକ୍ତ ଚିଟଫଣ୍ଡ କମ୍ପାନୀ ସାରଳା ରିଅଲକନ ପ୍ରାଇଭେଟ୍ ଲିମିଟେଡ ନାମକ ଚିଟଫଣ୍ଡ କମ୍ପାନୀର ସମ୍ପତ୍ତି ବାଜ୍ୟପ୍ତି ପାଇଁ ଗତ ଅକ୍ଟୋବର ୧୫ ତାରିଖରେ କଟକ ସ୍ୱତନ୍ତ୍ର ଚିଟଫଣ୍ଡ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୧୩ କୋଟି ୮୦ ଲକ୍ଷ ୬୯ ହଜାର ୮୭୫ ଟଙ୍କାର ଜମି, ୧୩ ଲକ୍ଷ ୧୦ ହଜାର ୩୧୬ ଟଙ୍କା ବ୍ୟାଙ୍କ ବାଲେନ୍ସ, ୩ ଲକ୍ଷ ୨୫ ହଜାର ୬୦୦ ନଗଦ ଟଙ୍କା ଏବଂ ସ୍କର୍ପିଓ, ପାଜେରୋ, ବିଏମବ୍ଲୁ, ଫର୍ଚୁନର ଭଳି ୪ ଟି ଦାମୀ କାର ବାଜ୍ୟପ୍ତି ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ ଏହି ସମ୍ପତ୍ତି ର ପରିମାଣ ବହୁତ ଅଧିକ ହେବ ବୋଲି ସଂସ୍ଥାର ଓକିଲ କହିଛନ୍ତି। ବାଜ୍ୟପ୍ତି ସମ୍ପତ୍ତିକୁ ସର୍ବସାଧାରଣରେ ନିଲାମ କରାଯାଇ ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଦେବା ପାଇଁ ସ୍ୱତନ୍ତ୍ର ଚିଟଫଣ୍ଡ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଚିଟଫଣ୍ଡ କୋର୍ଟଙ୍କ ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ତ ହୋଇଥିଲା ସଂସ୍ଥା। ସାରଳା ରିଅଲ କନ ଏକ ରିଅଲ ଇଷ୍ଟେଟ କମ୍ପାନୀ ହୋଇଥିବାରୁ ଏହି ମାମଲାର ଶୁଣାଣି ରେରା କୋର୍ଟରେ କରିବାକୁ ପାର୍ଥନା କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା କମ୍ପାନୀ। ପ୍ରାରମ୍ଭିକ ଶୁଣାଣିରେ କୋର୍ଟ ଆବେଦନକୁ ଗ୍ରହଣ କରି ସମ୍ପତ୍ତି ନିଲାମ ଉପରେ ଆନ୍ତରୀଣ ରହିତାଦେଶ ଜାରି କରିଛନ୍ତି।

# ମାନବସମ୍ବଳ ଓ କୌଶଳ ବିକାଶ କ୍ଷେତ୍ରରେ ଓଡ଼ିଶା ଆଗୁଆ ରାଜ୍ୟ : ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଯୁବଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ଏବଂ ନିରନ୍ତର ପ୍ରଗତିରେ ସେମାନଙ୍କ କ୍ରିୟାଶୀଳ ଭୂମିକାକୁ ଉନ୍ନତ କରିବା କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି । ଆଜି ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏକ କର୍ମଶାଳାରେ ଯୋଗଦେଇ ଶ୍ରୀ ମହାପାତ୍ର ଉପରୋକ୍ତ ମର୍ମରେ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶାର ପଦକ୍ଷେପଗୁଡ଼ିକ ନେଇ ଆଲୋକପାତ କରିଛନ୍ତି ।

'ବିକଶିତ ଭାରତ: ଦିଗନ୍ତ ପହଁଚ' ଶୀର୍ଷକ ଏହି କର୍ମଶାଳାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ବିକଶିତ ଭାରତ ଓ ମାନବସମ୍ବଳ ବିକାଶ ଦିଗରେ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ନେଇ ମୁଖ୍ୟ ଶାସନ ସଚିବ ବକ୍ତବ୍ୟ ରଖିଥିଲେ । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମଧ୍ୟ ବକ୍ତବ୍ୟ ରଖି ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ସରକାର ଅନେକାନେକ ପଦକ୍ଷେପ ନେଇ ରାଜ୍ୟରେ ଦକ୍ଷତା ବିକାଶ ପରିମଣ୍ଡଳର ସୃଷ୍ଟି ଉପରେ ଆଲୋକପାତ କରିଥିଲେ ।

ଏହି କର୍ମଶାଳାରେ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ହିମାଚଳ ପ୍ରଦେଶ, ଗୋଆ, ଜାମ୍ମୁ ଓ କାଶ୍ମୀର, ପଞ୍ଜାବ, ତ୍ରିପୁରା, ଉତରାଖଣ୍ଡ, ଉତରପ୍ରଦେଶ ଓ ପଶ୍ଚିମବଙ୍ଗ, ମଣିପୁର ତଥା କେନ୍ଦ୍ର ଶାସିତ ଅଞ୍ଚଳ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଡାମନ-ଡିଉ-ଦାଦ୍ରା-ନଗର ହାବେଲୀ, ଲାକ୍ଷାଦ୍ୱୀପ, ଲାଦାକର ପ୍ରତିନିଧିମାନେ ଯୋଗଦେଇ ଦକ୍ଷତା ବିକାଶ ସୃଷ୍ଟି ନେଇ ସେମାନଙ୍କ ବକ୍ତବ୍ୟ ଉପସ୍ଥାପନ କରିଥିଲେ । କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରାଳୟର ଶାସନ ସଚିବ ଅତୁଲ ତିୱାରୀ ମଧ୍ୟ ବକ୍ତବ୍ୟ ରଖିଥିଲେ । କର୍ମଶାଳା ଆରମ୍ଭରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣ ଦେଇ ରାଜ୍ୟରେ ଦକ୍ଷତା ବିକାଶ କ୍ଷେତ୍ରରେ ବୈପ୍ଳବିକ ପରିବର୍ତନ ହୋଇଥିବା ଦର୍ଶାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ରେଘୁ ଜିଙ୍କ ସମେତ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅପରାହ୍ନର ଉଦ୍‌ଯାପନ ଅଧିବେଶନ ପରେ ପ୍ରତିନିଧି ଦଳ ଜଟଣୀସ୍ଥିତ ଦକ୍ଷତା ବିକାଶ ପ୍ରତିଷ୍ଠାନ ଓ ମଂଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ତଥ୍ୟ ସଂପର୍କରେ ଅବଗତ ହୋଇଥିଲେ ଏବଂ ଉଭୟ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ ।

# ବିଧାନସଭା ଆଗରେ ଧାରଣା ଦେବେ ନିଖିଳ ଓଡ଼ିଶା ଆଇ.ସି.ଡି.ଏସ୍. ରାତ୍ର ଜଗୁଆଳ ଓ ପିଅନ ମହାସଂଘ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ରାଜ୍ୟର ୩୧୪ଟି ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଆଇ.ସି.ଡି.ଏସ୍. ପ୍ରକଳ୍ପରେ ରାତ୍ର ଜଗୁଆଳ / ପିଅନ ପଦବୀରେ କର୍ମଚାରୀମାନେ କାମ କରିଆସୁଛନ୍ତି । ଦୀର୍ଘ ୨୦/୨୫ ବର୍ଷ ଧରି କାମ କରୁଥିଲେ ସୁଦ୍ଧା ସେମାନେ ସରକାରୀ ଆଇନ୍ ଅନୁଯାୟୀ ନିୟମିତ ଦରମା ପାଉନାହାନ୍ତି । ଏହି ପ୍ରସଙ୍ଗରେ ମହିଳା ଓ ଶିଶୁ ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ଏଥିରେ ଯଦି କୌଣସି ସୁଫଳ ନ ମିଳେ ତାହେଲେ ବାଧ୍ୟ ହୋଇ ମହାସଂଘ ପକ୍ଷରୁ ଡିସେମ୍ବର ୧୫ ତାରିଖ ଦିନ ବିଧାନସଭା ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ମହାସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଲୋହିଆ ଭବନଠାରେ ଆଜି ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇ ଏହି ନିଷ୍ପତ୍ତି ନିଆଯାଇଛି । ମହାସଂଘ ପକ୍ଷରୁ କୁହା ଯାଇଛି ଯେ - ଆଇ.ସି.ଡି.ଏସ୍. ପ୍ରକଳ୍ପକୁ ଯାଉଥିବା କଣ୍ଟିଜେନ୍‌ସି ପାଣ୍ଠିରୁ ପ୍ରକଳ୍ପ ଅଧିକାରୀଙ୍କ ଦୟା ଅନୁସାରେ ସେମାନେ ଦରମା ପାଇଥାନ୍ତି । ବହୁ କର୍ମଚାରୀ ୩/୫ ବର୍ଷ ଧରି ଯେଉଁ କିଛି ସ୍ୱଳ୍ପ ଦରମା ପାଉଥିଲେ ତାହା ମଧ୍ୟ ପାଇନାହାନ୍ତି । ସରକାରୀ ମଜୁରୀ ୩୨୬ ଟଙ୍କା ଓଡ଼ିଶା ସରକାର ଘୋଷଣା କରିଥିବା ସତ୍ତ୍ୱେ ସେମାନଙ୍କୁ ୨୮୬ ଟଙ୍କା ସ୍ଥଳ ବିଶେଷରେ ୨୧୬ ଟଙ୍କା ମଜୁରୀ ଦିଆଯାଉଛି ତାହା ପୁଣି ୬ ମାସକୁ ଥରେ । ସେହି ଗରିବ ଲୋକମାନେ ଆଜିର ମହଙ୍ଗା ଯୁଗରେ ବହୁ ଅସୁବିଧାରେ ନିଜର ଗୁଜୁରାଣ ମେ ।ଉଛନ୍ତି । ଅତୀତରେ ବିଧାନସଭା ଆଗରେ ଧାରଣା ଦେଇଥିବା ବେଳେ ତତ୍କାଳୀନ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ୫-ଟି' ଶାସନ ସଚିବଙ୍କ ହସ୍ତକ୍ଷେପ ଫଳରେ ସେମାନଙ୍କୁ କିଛି କିଛି ପଇସା ଦିଆଯିବା ସାଙ୍ଗେ ୨୮୬ ଟଙ୍କା ଲେଖା ଦୈନିକ ମଜୁରୀ ଦିଆଯାଉଅଛି, କିନ୍ତୁ ତାହା ସମୁଦ୍ରକୁ ସଙ୍ଖେ । ଦୀର୍ଘ ୬ ବର୍ଷରୁ ଅଧିକ ସମୟ ଧରି ଚାକିରୀ କରିଥିବା ପିଅନ ଓ ରାତ୍ର ଜଗୁଆଳମାନଙ୍କୁ ଖାଲି ପଡ଼ିଥିବା ପଦବୀରେ ନିୟମିତ ନିଯୁକ୍ତି ଦେବା, ଦୈନିକ ମଜୁରୀ ୩୨୬ ଟଙ୍କା ଭାବରେ ସେମାନଙ୍କୁ ନିୟମିତ ପ୍ରତି ମାସରେ ଦରମା ଦେବା, ଅବସର ଗ୍ରହଣ କରିଥିବା ଏବଂ ଚାକିରୀ କାଳ ଭିତରେ ମୃତ୍ୟୁବରଣ କରିଥିବା ୱାଚ୍‌ମ୍ୟାନ୍ ଓ ପିଅନମାନଙ୍କୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କା ଏକକାଳୀନ ସହାୟତା ପ୍ରଦାନ କରିବା ଏବଂ ସେମାନଙ୍କର ଜୀବନ ବୀମା ଓ ଇପିଏଫ୍ ପ୍ରଭୃତି ସ୍ୱତନ୍ତ୍ର ଭାବରେ ଜମା କରିବା ଦାବିରେ ଆଗାମୀ ଡିସେମ୍ବର ୧୫ ତାରିଖ ଦିନ ବିଧାନସଭା ସମ୍ମୁଖରେ ରାଜ୍ୟର ସମସ୍ତ ପିଅନ ଓ ରାତ୍ର ଜଗୁଆଳମାନେ ଧାରଣା ଦେବାକୁ ଆଜି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ମହାସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଲୋହିଆ ଭବନଠାରେ ଆଜି ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇ ଏହି ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ପ୍ରଥମେ ମହିଳା ଓ ଶିଶୁ ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପାଇଁ ନିଷ୍ପତ୍ତି ହୋଇଛି ।

## ବିଧାନସଭା ପକ୍ଷରୁ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଓଡ଼ିଶା ବିଧାନସଭା ପରିସରରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କର ୧୨୩ତମ ଜୟନ୍ତୀ ପାଳିତ ହୋଇଯାଇଛି । ବାଚସ୍ପତି ବିକ୍ରମ କେଶରୀ ଆରୁଖ ନବଉତ୍କଳର ନିର୍ମାତା ଡ. ମହତାବଙ୍କ ପ୍ରତିମୂର୍ତିରେ ପୁଷ୍ପଗୁଚ୍ଛ ଦେଇ ଓଡ଼ିଶା ମାଟିର ଏହି ସୁଯୋଗ୍ୟ ସନ୍ତାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜ୍ଞାନ ଓ କାରିଗରୀ, ସରକାରୀ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସରକରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାନସଭା ସଚିବ ଦାଶରଥୀ ଶତପଥୀ ଏବଂ ବିଧାନସଭାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଡ. ମହତାବଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବିଧାନସଭାର ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଡ. ମହତାବଙ୍କ ଜୀବନୀ ଆଧାରିତ ସଂଗୀତ ପରିବେଷଣ କରାଯାଇଥିଲା ।

# ଚାଷୀ ହତ୍ୟାକାରୀ ବିଜେପି ଚାଷୀଙ୍କ ପାଇଁ ରାଜଧାନୀରେ ଆନ୍ଦୋଳନ କରିବା ହାସ୍ୟାସ୍ପଦ : ମିଳିତ କୃଷକ ସଂଗଠନ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ପଦ୍ମପୁର ଉପନିର୍ବାଚନ ବେଳେ ଚାଷୀଙ୍କ କୌଣସି ନିର୍ଦ୍ଦଷ୍ଟ ସାମୟିକ ସମସ୍ୟା ନଥିଲା ବେଳେ କେବଳ ଚାଷୀମାନଙ୍କୁ ଭ୍ରମିତ କରିବା ପାଇଁ ଚାଷୀ ହତ୍ୟାକାରୀ ବିଜେପି ମିଛ ଚାଷୀ ଆନ୍ଦୋଳନ କରିବା ହାସ୍ୟାସ୍ପଦ ବୋଲି କୃଷକ ସଂଗଠନ ପକ୍ଷରୁ କୁହାଯାଇଛି । ସଂଗଠନର ନେତୃବୃନ୍ଦ କହିଛନ୍ତି ଯେ, ଦେଶର ଯଦି କୌଣସି ଦଳ ଚାଷୀଙ୍କ ସମ୍ପୂର୍ଣ୍ଣ ବିରୋଧୀ ଥାଏ, ତେବେ ସେ ହେଉଛି ବିଜେପି ଦଳ । ଯେଉଁ ଦଳ ମଧ୍ୟ ପ୍ରଦେଶର ମନସୋର ଠାରୁ ଆରମ୍ଭ କରି ଉତର ପ୍ରଦେଶର ଖେରୀ ଯାଏ ଚାଷୀଙ୍କୁ ଜିପ୍ ଚକାତଳେ ମାରିବା ସହ ଗୁଳି ଚଳାଇ ନିଜ ହାତକୁ ରକ୍ତରଞ୍ଜିତ କରିଛି । ଉତର ପ୍ରଦେଶରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ପୁଅ ଯେଉଁଭଳି ଆନ୍ଦୋଳନରତ ଚାଷୀଙ୍କ ଉପରେ ଜିପ୍ ଚଢାଇ ସେମାନଙ୍କୁ ହତ୍ୟା କଲେ ଏହାଠାରୁ ବର୍ବୋରଚିତ ଚାଷୀ ଆକ୍ରମଣ କେବେ ବି ସ୍ୱାଧୀନତା ପରେ ଚାଷୀମାନଙ୍କ ଉପରେ ହୋଇନାହିଁ । ସେହିଭଳି କୃଷି ଓ କୃଷକ ବିନାଶକାରୀ କଳା କାନୁନ ଆଣି ସାରା ଦେଶରେ ଚାଷୀଙ୍କ ସମ୍ପତି ଓ ଅଧିକାରକୁ କର୍ପୋରେଟ ହାତକୁ ଟେକିଦେବା ପାଇଁ ଉଦ୍ୟମ କରି ୭୦୦ ଚାଷୀଙ୍କର ଦିଲ୍ଲୀ ଆନ୍ଦୋଳନରେ ମୃତ୍ୟୁର କାରଣ ପାଲଟିଥିବା ବିଜେପି ଏବେ ଚାଷୀଙ୍କ ସପକ୍ଷରେ ଆନ୍ଦୋଳନ କରୁଛି । ସବୁଠାରୁ ହାସ୍ୟାସ୍ପଦ କଥା ହେଲା ଯେ, ପଦ୍ମପୁର ନିର୍ବାଚନକୁ ଆଖିଆଗରେ ରଖି କେବଳ ଚାଷୀଙ୍କ ମତ କିଭଳି ବିଜେଡ଼ି ବିରୁଦ୍ଧରେ ଯାଉ ସେଥିପାଇଁ ଏହି ପ୍ରାୟୋଜିତ ଆନ୍ଦୋଳନ । ମଣ୍ଡିରେ ଧାନ କଟନୀ ଛଟନୀ ବେଳେ, ଜମି ଶୁଖିଲା ପଡ଼ିଥିବା ବେଳେ ଚାଷୀ ଉତ୍ପାଦର ଉଚିତ ଦାମ ପାଇଁ ଆନ୍ଦୋଳନ ବେଳେ ବିଜେପି ନେତାଙ୍କ ଦେଖା ନଥାଏ ।

ବିଜେପି ସରକାର କର୍ପୋରେଟମାନଙ୍କୁ ଲକ୍ଷ ଲକ୍ଷ କୋଟି ଟଙ୍କା ରିହାତି ଦେଲାବେଳେ ଚାଷୀମାନଙ୍କ ପାଇଁ ଆଗଭର ହେଲା ବେଳେ ଚାଷୀଙ୍କୁ ନଗଣ୍ୟ ସହାୟତା ଦେଇ ବ୍ୟାପକ ପ୍ରଚାର ଚଳାଇଛନ୍ତି । ଏଭଳି ଦଳ ଓ ଚାଷୀ ହତ୍ୟାକାରୀ ପ୍ରତି ପଦ୍ମପୁରର ଭୋଟରମାନେ ସଚେତନ ହେବା ପାଇଁ ଚାଷୀ ବଂଚାଅ ଅଭିଯାନ ଓ ଚାଷୀ ଏକତା ମଂଚ ପକ୍ଷରୁ ଚାଷୀନେତା ଅରୁଣ ଜେନା, ସୁଦର୍ଶନ ପ୍ରଧାନ ଓ ସଂଗ୍ରାମ କିଶୋର ଅପରାହ୍ନରେ ଲୋହିଆ ଏକାଡ଼େମୀଠାରେ ଅନୁଷ୍ଠିତ ଏକ ସମ୍ବାଦିକ ସମ୍ମିଳନୀରେ ଆହ୍ୱାନ ଦେଇଛନ୍ତି । ବୁଢା ବାଘ ମାଳି ପକାଇ ଯେଭଳି ବସେ, ରାଜଧାନୀରେ ବିଜେପି ନେତାଙ୍କ ଧାରଣା ସେଭଳି ବୋଲି କହିଛନ୍ତି ।

## ଜନଜାତୀୟ ଗୌରବ ଦିବସ-୨୦୨୨ ଉଦ୍‌ଯାପିତ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ସ୍ଥାନୀୟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ନଭେମ୍ବର ୧୫ ତାରିଖରୁ ଆରମ୍ଭ ହୋଇଥିବା ସପ୍ତାହ ବ୍ୟାପୀ 'ଜନଜାତୀୟ ଗୌରବ ଦିବସ-୨୦୨୨' ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏହି ସମାରୋହରେ ୭୫ ଜଣ ଜନଜାତି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏତଦ୍‌ବ୍ୟତୀତ ୩ଟି ଆଦିବାସୀ ନୃତ୍ୟ ଆୟୋଜନ, ଜନଜାତି ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ଉପରେ ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ, ୧୨ଟି ଜନଜାତି ଗୋଷ୍ଠୀଙ୍କର କଳା ଓ କଳାବସ୍ତୁ ପ୍ରଦର୍ଶନୀ ଅନୁଷ୍ଠିତ ହେବା ସହ ସମଗ୍ର ଅନୁଷ୍ଠାନକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା । ଆଜି ଏହି ଉଦ୍‌ଯାପନୀ ଦିବସରେ ଅନୁଷ୍ଠାନର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ପୂର୍ବତନ ନିର୍ଦ୍ଦେଶିକା ଶ୍ରୀମତୀ ସୁମିତା ଦାସ, ଯୁଗ୍ମ ନିର୍ଦ୍ଦେଶିକା କଳ୍ପନା ପଟ୍ଟନାୟକ, ଉପନିର୍ଦ୍ଦେଶକ ମାନସ ମହାପାତ୍ର ଓ ଶ୍ରୀମତୀ ଆରତୀ ମଲ୍ଲ, ଉପସ୍ଥିତ ରହି ଅନୁଷ୍ଠାନର ୨୯ ଜଣ ସଫେଇ କର୍ମଚାରୀଙ୍କୁ ୨୦୦୦ ଟଙ୍କା ଲେଖାଏଁ ଅର୍ଥରାଶି, ସାଲ୍ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏତଦ୍‌ବ୍ୟତୀତ ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ୨୫ ଜଣ ଜନଜାତି କଳାକାରଙ୍କୁ ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

# ପ୍ରଭାତ ତ୍ରିପାଠୀ ଭିନ୍ନ ଭିନ୍ନ ଜାଗାରେ ସ୍ଥାନ ଦେଖି ମନ୍ତବ୍ୟ ଦେଉଛନ୍ତି : କଂଗ୍ରେସ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଐତିହାସିକ କଟକ ବାଲିଯାତ୍ରା ପ୍ରସଙ୍ଗରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ବେରୁଣ୍ଡା ପକ୍ଷୀ ଭଳି ସମାନ ଘଟଣାରେ ଦୁଇଟି ଭିନ୍ନ ଭିନ୍ନ ଜାଗାରେ ସ୍ଥାନ ଦେଖି ମନ୍ତବ୍ୟ ଦେଉଛନ୍ତି ବୋଲି ବରିଷ୍ଠ କଂଗ୍ରେସ ନେତା ଡ. ଦେବାଶିଷ ପଟ୍ଟନାୟକକହିଛନ୍ତି ।

ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି କଟକ ବାଲିଯାତ୍ରା ସରିଥିବାବେଳେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ବାଲିଯାତ୍ରାର ସ୍ୱଚ୍ଛତାକୁ ପ୍ରଶ୍ନ କରି କଟକ ଜିଲ୍ଲାପାଳଙ୍କୁ ଟାର୍ଗେଟ କରିଥିଲେ । ଏଥିସହ ମଂଚ ପରିଚାଳନାକୁ ଅନିୟମିତତା, ଅତିଥିଚୟନ, ସମ୍ବର୍ଦ୍ଧିତ ପ୍ରତିଭା ଚୟନ ଏକ ନିର୍ଦ୍ଧିଷ୍ଟ ଗୋଷ୍ଠି କରିବା ଏବଂ ପ୍ଳଟ ଆବଂଟନରେ ଦୁର୍ନିତିର ଗନ୍ଧ ହେଉଥିବା କହି ସଂପୂର୍ଣ୍ଣ ଜିଲ୍ଲା ପ୍ରଶାସନକୁ ଟାର୍ଗେଟ କରିବା ସହିତ ସରକାରଙ୍କ ଦ୍ୱାରା ସ୍ପେଷିଆଲ ଅଡ଼ିଟ୍ ଦାବି କରିଥିଲେ । ଅବାଂଛିତ ଲୋକ ଯଦି ଜିଲ୍ଲା ପ୍ରଶାସନକୁ ଦେଖାଇ ରାଜ୍ୟ ସରକାର ଓ ୫ଟି କୁ କାଠ ଗଡ଼ାକୁ ଟାଣନ୍ତି ତେବେ ୫ଟିର ସ୍ୱଚ୍ଛତା କେତେ ବୋଲି ପ୍ରଶ୍ନ କରି ପୂର୍ବରୁ ୨/୩ ଥର ଦଳରୁ ନିଲମ୍ବିତ ହୋଇଥିବା ନେତା ଆଜି ଦଳର ଏବଂ ରାଜ୍ୟ ସରକାରଙ୍କ ରାଜ୍ୟ ପରିଚାଳନାର ଦକ୍ଷତାକୁ ପ୍ରଶ୍ନ କରୁଛନ୍ତି ବୋଲି କହିଥିଲେ । ବାଙ୍କୀ ମହୋତ୍ସବ ପରିଚାଳନାରେ ଦଳୀୟ ଥଇଥାନ ସହ କଟକ ବାଲିଯାତ୍ରାକୁ ନେଇ ପ୍ରଭାତ ଉଠାଇଥିବା ମନ୍ତବ୍ୟ କ'ଣ ବାଙ୍କୀ ମହୋତ୍ସବ ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି ଦେବାଶିଷ ସୂଚନା ଦେଇଥିଲେ । କଟକ ବାଲିଯାତ୍ରା ମଂଚରେ ଦଳୀୟକରଣ ଏବଂ ନିର୍ଦ୍ଧିଷ୍ଟ ରାଜନୈତିକ ଦଳର ସଂଗିତକୁ ପ୍ରଭାତ ତ୍ରିପାଠୀ ଆପତି ଉଠାଇ ଥିବାବେଳେ ୨୦୧୯ ବାଙ୍କୀ ମହୋତ୍ସବ ମଂଚ ଯାହାକି ବାଙ୍କୀର କଳା ସାହିତ୍ୟ ଓ ସଂସ୍କୃତିର ମଂଚ ବୋଲି ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଏବଂ ତାଙ୍କର ଦଳ କହି ବୁଲନ୍ତି । ବାଙ୍କୀ ମହୋତ୍ସବ ପରି କଳା, ସାହିତ୍ୟ ମଂଚରେ ଦଳୀୟ ଗୀତ ବାଜିଲେ ଓ ନିଜେ ନାଚିଲେ ଆପତି ନଥିବା ବେଳେ କଟକ ବାଲିଯାତ୍ରାକୁ କାହିଁକି ଆପତି କଲେ ବୋଲି ପ୍ରଶ୍ନ କରିଛନ୍ତି ଦେବାଶିଷ । ତେବେ ପ୍ରଭାତଙ୍କ ଦାବିକୁ ଗୁରୁତ୍ୱ ଦେଇ ବାଙ୍କୀ ମହୋତ୍ସବର ପରିଧିକୁ ରାଜ୍ୟ ସରକାର ତଦନ୍ତ ପରିସରଭୁକ୍ତ କରି ଦୁଇ ପ୍ରକାର କଥାକୁ ଅନୁଶୀଳନ କରିବା ସହ ଯଦି ସରକାର ପାରନ୍ତି ତେବେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ପ୍ରଭାତଙ୍କ ବାଙ୍କୀରେ ଗୋଟେ କଥା ଏବଂ ରାଜ୍ୟରେ ସମାନ ପ୍ରସଙ୍ଗରେ ଆଉ ଗୋଟେ କଥା ରାଜ୍ୟ ସରକାର ଭଲ ଭାବେ ହୃଦୟଙ୍ଗମ କରିବା ଆବଶ୍ୟକ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ମନୋରଞ୍ଜନ ଦାଶ, ରଜନୀ ମହାନ୍ତି ଓ ନିଶିକାନ୍ତ ମିଶ୍ର ଉପସ୍ଥିତ ଥିଲେ ।

# ରାଜ୍ୟ ଗ୍ରନ୍ଥାଗାର ପକ୍ଷରୁ ଜୟନ୍ତୀ ଅବସରରେ ଡକ୍ଟର ମହତାବଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଓଡ଼ିଶାର ଚଳନ୍ତି ପାଠାଗାର କୁହାଯାଉଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ବମ୍ବେ ପ୍ରଦେଶର ରାଜ୍ୟପାଳ, ଓଡ଼ିଶାରେ ଗଡ଼ଜାତ ମିଶ୍ରଣର କର୍ଣ୍ଣଧାର ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୩ତମ ଜୟନ୍ତୀ ତାଙ୍କ ନାମରେ ନାମିତ ଭୁବନେଶ୍ୱରର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ଗିରିଜା ଶଙ୍କର ମହାପାତ୍ର, ଜୟନ୍ତ ପରିଡ଼ା, ଉଇ ଫର ଭୁବନେଶ୍ୱର ସଭ୍ୟବୃନ୍ଦ, ଗ୍ରନ୍ଥାଗାରିକ ସସ୍ମିତା ମିଶ୍ର, ସଂଘମିତ୍ରା ସାହୁ, ପଦ୍ମନାଭ ଜେନା, କୁକୁମିନା ଦାସ, ରୁଦ୍ରପ୍ରସାଦ ବେହେରା, ବିଦ୍ୟାଧର ପଣ୍ଡା, ସଲିତା ପାତ୍ର, କଣ୍ଡମଣି ବିଶ୍ୱାଳ, ସୁବର୍ଣ୍ଣ ପଣ୍ଡାଙ୍କ ସମେତ ଗ୍ରନ୍ଥାଗାର କର୍ମଚାରୀମାନେ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବିଧାୟକ ସାମଲ ଡକ୍ଟର ମହତାବଙ୍କ ପାଇଁ ଆଜି ରାଜ୍ୟର ସାହିତ୍ୟ, ସଂସ୍କୃତିର ବିକାଶ ସାଧନ ହୋଇପାରିଛି । ରାଜ୍ୟର ରାଜନୀତି କ୍ଷେତ୍ରରେ ସେ ଥିଲେ ମାର୍ଗଦର୍ଶକ ତାଙ୍କ ନୀତି ଆଦର୍ଶରେ ଯୁବ ସମାଜ ଅନୁପ୍ରାଣିତ ହେବା ଆବଶ୍ୟକ । ଶ୍ରୀ କାନୁନ୍‌ଗୋ ତାଙ୍କ ବକ୍ତବ୍ୟରେ ଖଣ୍ଡବିଖଣ୍ଡିତ ବିଭିନ୍ନ ଗଡ଼ଜାତକୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ?ଙ୍କ ସହ ମିଶି ଓଡ଼ିଶାରେ ମିଶାଇଥିବାରୁ ଓ ପ୍ରଥମ ଗଡ଼ଜାତ ଭାବରେ ନୀଳଗିରି ଓଡ଼ିଶାରେ ମିଶ୍ରଣ ହୋଇ ପରବର୍ତୀ ଅବସ୍ଥାରେ ଅଖଣ୍ଡ ଓଡ଼ିଶା ପ୍ରଦେଶ ଗଠନ କେବଳ ମହତାବଙ୍କ ଦୂରଦର୍ଶିତାରୁ ସମ୍ଭବ ହୋଇପାରିଥିଲା । ତେଣୁ ତାଙ୍କୁ ମରଣୋତର ଭାବରେ ଭାରତରନ୍ନରେ ଭୂଷିତ କରିବା ଆବଶ୍ୟକ । ଅନ୍ୟବକ୍ତାମାନେ ଡକ୍ଟର ମହତାବ ଓଡ଼ିଶାର ଇତିହାସ ରଚନା କରିବା ସହିତ ବହୁ ଉପନ୍ୟାସ, ପ୍ରବନ୍ଧ ରଚନା କରି ଓଡ଼ିଶାର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ଦୈନିକ ଖବରକାଗଜ ପ୍ରଜାତନ୍ତ୍ର, ସାହିତ୍ୟ ପତ୍ରିକା ଝଙ୍କାର, ଶିଶୁ ପତ୍ରିକା ମୀନା ବଜାର ପ୍ରକାଶନ କରି ଓ ବିଷୁବ ମିଳନ ମାଧ୍ୟମରେ ରାଜ୍ୟର ସାହିତ୍ୟିକ ପ୍ରକାଶକ, ଲେଖକ ଓ ବୁଦ୍ଧିଜୀବୀମାନଙ୍କୁ ଏକତ୍ର କରି ରାଜ୍ୟର ସାରସ୍ୱତ ଜଗତରେ ଏକ ନୂତନ ଆନ୍ଦୋଳନ ଆରମ୍ଭ କରିଥିଲେ । ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠା କରି ସେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲେ, ଯାହାଫଳରେ କ୍ଷୁଦ୍ର ସହର ଭୁବନେଶ୍ୱର ଆଜି କାୟା ମେଲାଇ କଟକ, ପିପିଲି, ଖୋର୍ଦ୍ଧା, ଜଟଣି, ବାଲିଅନ୍ତା, ବାଲିପାଟଣା, ବାରଙ୍ଗକୁ ଲାଗି ଏକ ବୃହତ୍ ସହରର ରୂପ ନେଲାଣି ସେଥିପାଇଁ ସେ ଚିରସ୍ମରଣୀୟ ବୋଲି ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଉଇ ଫର ଭୁବନେଶ୍ୱର ତରଫରୁ ପଂଚାନନ କାନୁନ୍‌ଗୋ, ପ୍ରଫୁଲ୍ଲ ସାମଲ, ଲକ୍ଷ୍ମୀଧର ବେହେରା, ଜଗନ୍ନାଥ ବିଶୋଇ ଓ ଲକ୍ଷ୍ମୀକାନ୍ତ ବାରିକଙ୍କୁ ଡକ୍ଟର ମହତାବ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଉପେନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ପାଠାଗାରରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଉପରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।

# ବିଧାନସଭାରେ ଭିଡିଓ କନଫରେସିଂ ଦ୍ୱାରା ବିଧାୟକମାନେ ଭାଗ ନେବା ବ୍ୟବସ୍ଥାକୁ ବିଜେପିର ବିରୋଧ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ସର୍ବଦଳୀୟ ବୈଠକରେ ବିଧାନସଭାରେ ଭିଡିଓ କନଫରେସିଂ ଦ୍ୱାରା ବିଧାୟକମାନେ ଭାଗ ନେବା ବ୍ୟବସ୍ଥାକୁ ଭାରତୀୟ ଜନତା ପାର୍ଟି ବିରୋଧ କରିଛି । ମୁଖ୍ୟମନ୍ତ୍ରୀ କିପରି ବିଧାନସଭା ନ ଆସିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ଏପରି ବ୍ୟବସ୍ଥା କରାଯାଉଛି ବୋଲି ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ବିଧାୟକମାନେ ବିଧାନସଭା ଗାରିମା ରକ୍ଷା କରିବା ପାଇଁ ବିଧାନସଭାରେ ଆସି ବସନ୍ତୁ ବୋଲି ସେ ଦାବି କରିଛନ୍ତି । ସେ କହିଛନ୍ତି ଦେଶର ସଂସଦ ଠାରୁ ଆରମ୍ଭ କରି ଅନ୍ୟ କୌଣସି ରାଜ୍ୟର ବିଧାନସଭାରେ ଏହାର ନିଦର୍ଶନ ନାହିଁ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ମୁଲତବୀ ପ୍ରସ୍ତାବ ସବୁବେଳେ ମୁଖ୍ୟ ବିରୋଧୀ ଦଳ ହିଁ ଦେଇଥାଏ । ସେଥିପାଇଁ ମୁଖ୍ୟ ବିରୋଧୀ ଦଳ ହିସାବରେ ବିଜେପି କେବଳ ସେ ସୁଯୋଗ ଦେବା ପାଇଁ ସର୍ବଦଳୀୟ ବୈଠକରେ ଦାବି କରିଛି ବିଜେପି ।

# ଲାୟନ୍ସ ଆଇଡଲ ୨୦୨୨-୨୩

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ପ୍ରତିବର୍ଷ ପରି ଚଳିତବର୍ଷ ଲାୟନ୍ସ ଇଂଟରନ୍ୟାସନାଲ ଜିଲ୍ଲା-୩୨୨-ସି୪ ଦ୍ୱାରା ଲାୟନ୍ସ ଆଇଡଲ ୨୦୨୨-୨୩ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଓ ଚୂଡାନ୍ତ ପର୍ଯ୍ୟାୟ ଯଥାକ୍ରମେ ଚଳିତ ମାସ ୧୨ ଓ ୨୦ ତାରିଖରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ଭବନଠାରେ ଜିଲ୍ଲା ଚେୟାର ପରସନ ଲାୟନ ସଂଯୁକ୍ତା ପତ୍ରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଏହି ଉଚ୍ଚକୋଟୀର ପ୍ରତିଯୋଗିତାରେ ଭୁବନେଶ୍ୱରର ବିଭିନ୍ନ ସ୍କୁଲ୍ କଲେଜର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଚୂଡ଼ାନ୍ତ ପର୍ଯ୍ୟାୟକୁ ଜୁନିୟର ଗ୍ରୁପରୁ ୨୫ଜଣ ଓ ସିନିୟର ଗ୍ରୁପରୁ ୧୪ଜଣଙ୍କୁ ମନୋନୀତ କରାଯାଇଥିଲା । ବିଚାରକ ମଣ୍ଡଳୀ ମଧ୍ୟରେ ଓଡ଼ିଶାର ସୁନାମଧନ୍ୟ ଗାୟକ ସୌରଭ ନାୟକ, ସଂଗୀତା ମିଶ୍ର (ପମି) ଓ ଶୈଳେନ୍ଦ୍ର ପାତ୍ର ବିଜୟୀ ପ୍ରତିଯୋଗୀଙ୍କୁ ମନୋନୀତ କରିଥିଲେ । ଜୁନିୟର ଗ୍ରୁପରେ 'ଲାୟନ୍ସ ଆଇଡଲ ୨୦୨୨-୨୩' ପ୍ରଥମ ସ୍ଥାନ ସିକୃତୀ, ଦ୍ୱିତୀୟ ସ୍ଥାନ ବୈଷ୍ଣବୀ ଓ ନିର୍ଜୀସେସ ସାହୁ ତୃତୀୟ ସ୍ଥାନ ଗ୍ରହଣ କରି ଯଥାକ୍ରମେ ଟ. ୫୦୦୦/-, ଟ.୩୦୦୦/- ଓ ଟ. ୨୦୦୦/- ପୁରସ୍କାର ପାଇଥିଲେ । ସେହିପରି ସିନିୟର ଗ୍ରୁପରେ 'ଲାୟନ୍ସ ଅଇଡଲ ୨୦୨୨-୨୩' ପ୍ରଥମ ସ୍ଥାନ ଅଙ୍କିତ ଦାସ, ଦ୍ୱିତୀୟ ସ୍ଥାନ ପ୍ରଦ୍ୟୁମ୍ନ, ତୃତୀୟ ସ୍ଥାନ ରଞ୍ଜିତ କାବେ ପାଇବା ସଙ୍ଗେ ସଙ୍ଗେ ଯଥାଥ୍ରମେ ଟ. ୫୦୦୦/-, ଟ.୩୦୦୦/- ଓ ଟ.୨୦୦୦/- ପୁରସ୍କାର ପାଇଥିଲେ । ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ସହ ପୁରସ୍କୃତ କରାଯାଇଥିଲା । ଏହି ଆନୁକୂଲ୍ୟରେ ଓଡ଼ିଶାର ସୁନାମଧନ୍ୟ ତଥା ବହୁମୁଖୀ ପ୍ରତିଭା ସମ୍ପନ୍ନ ଗାୟକ ସୁବାସ ଚନ୍ଦ୍ର ଦାଶ ଓ ଗାୟିକା ଅନସୂୟା ନାଥଙ୍କୁ ସମ୍ମାନିତ କରାଯାଇଥିଲା । ଲାୟନ୍ସ ଜିଲ୍ଲା ୩୨୨ସି୪ର ଜିଲ୍ଲା ଗଭର୍ଣ୍ଣର ଲାୟନ ସୁରେଶ ଚନ୍ଦ୍ର ନାୟକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ନିଜ ଅଭିଭାଷଣରେ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଉପସ୍ଥିତ ସମସ୍ତ ଶ୍ରୋତାଗଣଙ୍କୁ ଲାୟନ୍ସ କ୍ଲବର ସମାଜସେବା ବିଷୟରେ ଅବଗତ କରାଇଥିଲେ ।

# ଅନ୍ତର୍ଜାତୀୟ ବାଣିଜ୍ୟ ମେଳା : କୃଷି ବିଭାଗ ଷ୍ଟଲରେ ମିଳିବ ଗୁଡ଼ରେ ପ୍ରସ୍ତୁତ ମାଣ୍ଡିଆ ଲଡ୍ଡୁ ଓ ଆରିସା

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨/୧୧ (ନି.ପ୍ର): ନୂଆଦିଲ୍ଲୀସ୍ଥିତ ପ୍ରଗତି ମୈଦାନରେ ଆୟୋଜିତ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ଆଜି ଅଷ୍ଟମ ଦିବସ । ସୁନ୍ଦରଗଡ଼ ଜିଲ୍ଲାର ଦିବ୍ୟଜ୍ୟୋତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ମିଲେଟ ଜାତୀୟ ଶସ୍ୟ ମାଣ୍ଡିଆ, ସୁଆଁ, କାଙ୍ଗୁ, ବାଜରା ଆଦିରୁ ପ୍ରସ୍ତୁତ ବିସ୍କୁଟ, ପାସ୍ତା, ମିକ୍ସଚର, ଭୁଜିଆ, ଗାଣ୍ଠିଆ ପାଇଁ ଗ୍ରାହକମାନଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଉଛି । ଷ୍ଟଲରେ ଉତ୍ପାଦଗୁଡିକୁ ଚାଖିବାର ବ୍ୟବସ୍ଥା କରାଯାଇଥିବାରୁ ଦର୍ଶକମାନେ ନିଜ ପସନ୍ଦ ମୁତାବକ ଉତ୍ପାଦ କିଣୁଥିବା ପରିଲକ୍ଷିତ ହେଉଛି । ବିସ୍କୁଟ ମଧ୍ୟରେ ଉଭୟ ମିଠା ଓ ଲୁଣିଆ ବିସ୍କୁଟ ରହିଛି । ଯାହାକି ସମସ୍ତଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛି । ଏହି ଷ୍ଟଲରେ ଭଲ ବିକ୍ରିବଟା ହୋଇଥିବାବେଳେ ଦିଲ୍ଲୀରେ ରହୁଥିବା ଓଡ଼ିଆମାନଙ୍କ ଆଗ୍ରହ କ୍ରମେ ଆସନ୍ତା କାଲିଠାରୁ କୃଷି ବିଭାଗ ଷ୍ଟଲରେ ଗୁଡ଼ରେ ପ୍ରସ୍ତୁତ ମାଣ୍ଡିଆ ଲଡ୍ଡୁ ଓ ଆରିସା ପିଠା ମିଳିବ ବୋଲି ଷ୍ଟଲ ପରିଚାଳକ ପ୍ରକାଶ କରିଛନ୍ତି । ଓଡ଼ିଶା ମିଲେଟ୍ ମିଶନର ମାସ୍କଟ ମିଲି ସହିତ ଫଟୋ ଉଠାଇବା ପାଇଁ ମଧ୍ୟ ଦର୍ଶକମାନଙ୍କ ଗହଳି ଲାଗି ରହୁଛି । ସେହିପରି ଓଡ଼ିଶା ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ମଣ୍ଡପର ୧୬ ନମ୍ବର ଷ୍ଟଲରେ ବିକ୍ରି ଜୋର ଧରିଛି କନ୍ଧମାଳ ଜିଲ୍ଲାର ଜୟଶ୍ରୀ ମହିଳା ମଣ୍ଡଳ ଆଣିଥିବା ଜୈବିକ ପ୍ରଣାଳୀରେ ଉତ୍ପାଦିତ ସାମଗ୍ରୀ । ଜି.ଆଇ. ଟ୍ୟାଗ ମାନ୍ୟତାପ୍ରାପ୍ତ କନ୍ଧମାଳ ହଳଦୀ ସମେତ କନ୍ଧମାଳ ଜିଲ୍ଲାରେ ଜୈବିକ ପ୍ରଣାଳୀରେ ଚାଷ କରାଯାଉଥିବା ଅଦା, ଗୋଲମରିଚ, ଧଳା ରାଶି, ସୋରିଷ, ମୁଗଡାଲି, ମାଣ୍ଡିଆ ଆଦି ଶସ୍ୟ ଓ ମସଲା ଏବଂ ସେଥିରୁ ପ୍ରସ୍ତୁତ ପାମ୍ପଡ କିଣିବା ପାଇଁ ଉକ୍ତ ଷ୍ଟଲରେ ଗ୍ରାହକମାନଙ୍କ ପ୍ରବଳ ଭିଡ ଲାଗି ରହୁଛି । ଏହି ଷ୍ଟଲ ମଧ୍ୟ ବେଶ ଭଲ ବ୍ୟବସାୟ କରିଛି । ଆସନ୍ତା ୨୪ ତାରିଖ ଅପରାହ୍ନରେ ପ୍ରଗତି ମଇଦାନଠାରେ ଓଡ଼ିଶା ଦିବସ ପାଳନ ହେବ । ଏଥିରେ ଓଡିଶାରୁ ଆସିଥିବା ବଛା ବଛା ସାଂସ୍କୃତିକ ଦଳ ଗୁଡିକ ଦ୍ୱାରା ଓଡିଶୀ, ସମ୍ବଲପୁରୀ, ବଜାଶାଳ ଓ ଆଧୁନିକ ନୃତ୍ୟସଙ୍ଗୀତ ପରିବେଷଣ କରାଯିବାର ବ୍ୟବସ୍ଥା କରାଯାଇଥିବା ପାଭିଲିଅନ୍ ସୂତ୍ରରୁ ପ୍ରକାଶ ।

# ଦୀନକୃଷ୍ଣ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀର ୧୦ମ ସ୍ମାରକ ଦିବସ ପାଳିତ



ଜଳେଶ୍ୱର, ୨୨/୧୧(ନି.ପ୍ର): ଭକ୍ତକବି ଦୀନକୃଷ୍ଣ ଦାସଙ୍କ ନାମାନୁଯାଇ ରାଇବଣିଆର ଖୁଆଡ ଠାରେ ଅବସ୍ଥିତ ଦୀନକୃଷ୍ଣ ହାଇସ୍କୁଲ ସୁବର୍ଣ୍ଣଜୟନ୍ତୀର ୧୦ମ ସ୍ମାରକ ଦିବସ ଆଜି ପାଳିତ ହୋଇଛି । ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଆଇଟି. କ୍ରିଡା, ଗୃହ, ଯୁବ କଲ୍ୟାଣ ବ୍ୟାପାର ମନ୍ତ୍ରୀ (ସ୍ୱାଧିନ) ତୁଷାରକାନ୍ତି ବେହେରା ଯୋଗ ଦେଇ ସାମ୍ପ୍ରତିକ ସ୍ଥିତିରେ ଓଡିଶାର ୫ଟି କାର୍ଯ୍ୟକ୍ରମ ସମଗ୍ର ଦେଶରେ ଶ୍ରେଷ୍ଠ ଶୈଖିକ ବାତାବରଣ ସୃଷ୍ଟି କରିଛି ବୋଲି କହିଛନ୍ତି । ମଣିଷ ତିଆରୀ କାରଖାନା ବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ, ଖେଳ ସହିତ ସମସ୍ତ ବିଷୟରେ ଶିକ୍ଷା ଦେବାର ବ୍ୟବସ୍ଥା ଥିବାରୁ ଶିକ୍ଷକ, ଷିକ୍ଷୟତ୍ରୀ ଓ ଅଭିଭାବକମାନେ ଏଥିପ୍ରତି ଧ୍ୟାନ ଦେବା ଉଚିକ ବୋଲି କହିଥିଲେ । ବିଦ୍ୟାଳୟର ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଏଥିରେ ଅଧ୍ୟକ୍ଷତା କରି ୧୯୫୫ ମସିହାରୁ ଅଦ୍ୟାବଧି ଏହି ଅନୁଷ୍ଠାନର ଛାତ୍ରଛାତ୍ରୀ ରାଜ୍ୟ ଓ ଦେଶର ବିଭିନ୍ନ ପଦପଦବୀରେ ରହି ଗୌରବ ଅର୍ଜନ କରିଥିବା କହିଥିଲେ । ପୁରାତନ ଛାତ୍ର ସଂଘର ସଭାପତିଭାବେ ସ୍ୱାଗତ ଅଭିଭାଷଣ ରଖି ସୁବର୍ଣ୍ଣ ଜୟନ୍ତି ପାଳନର ୧୦ମ ସ୍ମାରକୀ ଆଜିର ଦିନରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ଏକ ସ୍ମରଣୀୟ ଦିବସ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ଅଧ୍ୟାପକ କେଦାରନାଥ ମହାନ୍ତି ଯୋଗ ଦେଇ ଅବିଶ୍ୱାସ, ଅକୃତଜ୍ଞତା, ଆଳସ୍ୱ ଓ ଆତ୍ମଅହଙ୍କାର ମଣିଷକୁ ଧ୍ୱଂସ ପଥରେ ନେଉଥିବାରୁ ଅଜିର ଛାତ୍ରଛାତ୍ରୀ ସେଥିରୁ କ୍ଷାନ୍ତ ହେବା ଉଚିତ୍ ବୋଲି କହିଥିଲେ । ପୂର୍ବତନ ଛାତ୍ର ସଂସଦର କାର୍ଯ୍ୟକାରୀ ସଭାପତି, ମାଟିର ପୁଅ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏଥିରେ ଯୋଗ ଦେଇ ୧୯୫୫ରେ ଫକୀରମୋହନ ପାତ୍ର କବି ଦୀନକୃଷ୍ଣଙ୍କ ନାମାନୁଯାୟୀ ବିଦ୍ୟାଳୟ ପ୍ରତିଷ୍ଠା କରିଥିବା ବେଳେ ସଚିନ୍ଦ୍ର ନାଥ ପାତ୍ର ପ୍ରଥମ ପ୍ରଧାନ ଶିକ୍ଷକଭାବେ ବିଦ୍ୟାଳୟର ଗୁରୁତ୍ୱ ବୃଦ୍ଧି କରିଥିବା କହିଥିଲେ । ପ୍ରଧାନ ଶିକ୍ଷକ ସୁଖଦେବ ପ୍ରମାଣିକ ଓ ଅନନ୍ତ ମହାନ୍ତି ବକ୍ତବ୍ୟ ରଖିଥିଲେ । ପୂର୍ବତନ ଛାତ୍ର ଶରତ କୁମାର ଚନ୍ଦ ସମ୍ପାଦକୀୟ ବିବରଣୀ ପାଠ କରି ରାଇବଣିଆର ସର୍ବପୁରାତନ ଏହି ବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଧରଣୀଧର ପାତ୍ର, ଉପଦେଷ୍ଟା ଡା.ମଧୁସୂଦନ ସାହୁ, ଅମୂଲ୍ୟ ପାତ୍ର, ଡ. ଗଣେଶ ଭୋଇ ପ୍ରମୁଖ ମଂଚରେ ଉପସ୍ଥିତ ଥିଲେ । ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ରାଖାଲ ଚନ୍ଦ୍ର ଘଡାଇ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ଅବସରପ୍ରାପ୍ତ ଅଧ୍ୟାପକ କିଶୋର ଚନ୍ଦ୍ର ଗାନ୍ଧି, ନିକଟରେ ଓଏସ୍ ପାଇଥିବା ଅମିତ୍ କୁମାର ସେଠୀ, ଅବସରପ୍ରାପ୍ତ ଡିଏଫଓ ଅରୁଣ କୁମାର ପାତ୍ର, ହରିଶ୍ଚନ୍ଦ୍ର ମହାନ୍ତ, କାର୍ତ୍ତିକ ଚନ୍ଦ୍ର ଖୁଣ୍ଟିଆ, ଅନନ୍ତ କୁମାର ମହାନ୍ତି, ମୁଖ୍ୟବକ୍ତା କେଦାର ନାଥ ମହାନ୍ତି, ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବୁଲା କୁକୁରର ପ୍ରାଦୁର୍ଭାବ : ପୌର ଅଧିକାରୀଙ୍କୁ ଫେରାଦ

ଜଳେଶ୍ୱର, ୨୨/୧୧(ନି.ପ୍ର): ଜଳେଶ୍ୱର ପୌରାଂଚଳରେ ଦିନକୁ ଦିନ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହି ବୁଲା କୁକୁର ଗୁଡିକ ଗୋରୁ, ଗାଈ, ଗୃହ ପାଳିତ ପଶୁ ଏପରିକି ଦାଣ୍ଡରେ ଯାଉଥିବା ସାଧାରଣ ଲୋକ ଓ ସ୍କୁଲ ପିଲା ମାନଙ୍କୁ କାମୁଡି ଖଣ୍ଡିଆ ଖାବରା କରୁଛି । ତେଣୁ ଯାତାୟାତ ସମସ୍ତଙ୍କୁ ପକ୍ଷେ ଆତଙ୍କର କାରଣ ହୋଇଛି । ଆଜି ୭ନଂ ୱାର୍ଡ ଶାସନବାର୍ଡ ଅଂଚଳର ଅନଦି ରଂଜନ ଦାସ, ଲକ୍ଷ୍ମୀକାନ୍ତ ପରିଡା, କେତନ ପଟ୍ଟନାୟକ, ଅକ୍ଷୟ ଦାସ, ଅର୍ଦ୍ଧେନ୍ଦୁ ପାହାଡି ପ୍ରମୁଖ ପୌରପାଳିକା ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି । କୁକୁର ଗୁଡିକୁ ବନ୍ଧ୍ୟାକରଣ କରିବା ସହିତ ସେଗୁଡିକୁ ଧରି ଜଂଗଲରେ ଛାଡିବାକୁ ନିବେଦନ କରିଛନ୍ତି ।

## ଖୋର୍ଦ୍ଧା ଆଦର୍ଶ ଥାନା ଓ ପୋଲିସ ଦକ୍ଷତା

ଖୋର୍ଦ୍ଧା,୨୧/୧୧ (ନି.ପ୍ର): ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀଙ୍କ କାର୍ଯ ଦକ୍ଷତା ଯୋଗୁ ଏବେ ଚୋରା ନିଶା ବେପାରୀ, ଅଫିସ ମାନଙ୍କରେ ଦଲାଲ, ଅସାମାଜିକ ଲୋକ, କୁଯିନେତା, ଦୃତ ଗାଡି ଚାଳନା, ଆଦି ବହୁ ପରିମାଣ କମି ଯାଇଛି । ନିକଟରେ କିଛି ଚୋରା ନିଶା ବେପାରୀ ଓ ଲୋକ ଧରା ହୋଇଛନ୍ତି । ସେମାନେ ହେଲେ ହବିବ ଖାଁ(୨୫) ପିତା ସରିଫ, ମକୁନ୍ଦ ପ୍ରାସାଦ, ପ୍ରସନ୍ନ ଜିତ୍ ରାଉତାୟ (୨୨) ପିତା ସୁବାସ, ଘର ଉପର ସାହି ଖୋର୍ଦ୍ଧା, ଆଶିଷ ନାୟକ (୪୭) ପିତା ମଙ୍ଗୁଳି, ଖୋର୍ଦ୍ଧା ମୁନୁସିପାଲଟି ସଂଲଗ୍ନ ମଳୟ କୁମାର ବେହେରା (୨୨) ପିତା ନରେଶ ଧରହୋଇଛନ୍ତି ଓ ଜେଲ ଯାଇଛନ୍ତି । ତାଙ୍କ ଠାରୁ ନିଶା ଦ୍ରବ୍ୟ ଓ ୫ ଲକ୍ଷ ଟଙ୍କା ଜବତ ହୋଇଛି । ଆଦର୍ଶ ଥାନା କେସ ନଂ ୫୬୧, ତାରିଖ,୮,୧୧,୦୨୨,ୟୁ/ଏସ୍,୪୫୭/୩୮୦ ଆଇପିସି ।

## ପାରାଦୀପ ବନ୍ଦର ପଣ୍ୟବର୍ଥରେ ଲାଗିଲା ବୃହତକାୟ ଜାହାଜ

ପାରାଦୀପ, ୨୨/୧୧ (ନି.ପ୍ର): ପାରାଦୀପ ବନ୍ଦର ପଣ୍ୟବର୍ଥରେ ୧୯ ତାରିଖ ଦିନ ଏକ ବୃହତକାୟ ଜାହାଜ(କେପ୍ ସାଇଜ୍ ଭେସେଲ୍)ଲାଗିଛି । ଏମ୍.ଭି.କ୍ୟୁରୋନ ନାମକ ଏହି ଜାହାଜ ପାରାଦୀପ ବନ୍ଦରର କେଆଇସିଟି ବର୍ଥରେ ଲାଗିଛି । ପାରାଦୀପ ବନ୍ଦରକୁ ୧,୩୫,୮୬୧ ଟନ୍ ଆମଦାନୀ କୋଇଲା ସହ ପହଂଚିଛି । ଏହି ଏମ୍.ଭି.କ୍ୟୁରୋନ ଜାହାଜର ଲମ୍ବ ୨୯୨ ମିଟର,ଚଉଡା ୪୫ ମିଟର ଏବଂ ୧୫.୪ମିଟର ଗଭୀର । ପାରାଦୀପ ବନ୍ଦରରେ ଆମଦାନୀ ପଣ୍ୟ କ୍ଷେତ୍ରରେ ଏହା ସର୍ବବୃହତ ଏବଂ ସର୍ବାଧିକ ପଣ୍ୟ ଆଣିଥିବା ଜାହାଜ । ଟାଟା ଷ୍ଟିଲ୍ ଏହାର ଆମଦାନକାରୀ ଏବଂ ଏଜେଂଟ ।

## ରାଜ୍ୟପାଳଙ୍କ ଦ୍ୱାରା ସୁନୀଲ ସାହୁଙ୍କ 'ଆପ୍ଟର ଏ ହଲ୍ଟ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଡ଼. ସୁନିଲ କୁମାର ସାହୁଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଆପ୍ଟର ଏ ହଲ୍ଟ' ପୁସ୍ତକକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆଜି ରାଜଭବନରେ ଉନ୍ମୋଚନ କରିଛନ୍ତି । ଏହି ଉନ୍ମୋଚନ ଉତ୍ସବରେ ଲେଖକଙ୍କ ସହ ବିଶିଷ୍ଟ ବିଦ୍ୱାନ ପ୍ରଦ୍ୟୁମ୍ନ ଶତପଥୀ, ଲେଖକଙ୍କ ସହଧର୍ମିଣୀ ମଧୁଧ୍ୱନି ପରମାଣିକ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲେଶ୍ୱରରେ ରୋଟାରୀ ଇନରହୁଇଲ କ୍ଲବ ୩୨୬୨ ଜିଲ୍ଲା ଅଧ୍ୟକ୍ଷା

ବାଲେଶ୍ୱର,୨୨/୧୧ (ନି.ପ୍ର): ବାଲେଶ୍ୱର ଗସ୍ତ ଅବସରରେ ରୋଟାରୀ ଇନରହୁଇଲ କ୍ଲବ, ୩୨୬୨ଜିଲ୍ଲା ଅଧ୍ୟକ୍ଷା ଟି. ଚିରଞ୍ଜିବୀ ବାଲେଶ୍ୱର ରୋଟାରୀ ଇନରହୁଇଲ କ୍ଲବ ପରିଦର୍ଶନ ସହ ବିଭିନ୍ନ ସମାଜଗଠନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ପରିପ୍ରେକ୍ଷୀରେ ନୂଆସାହି ସ୍ଥିତ କପିଳ ମୁନୀ ବୃଦ୍ଧାଶ୍ରମରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଶ୍ରୀମତୀ ଚିରଞ୍ଜିବୀ ଯୋଗଦେଇ ରୋଟାରୀ ଇନରହୁଇଲ କ୍ଲବର ଆଭିମୁଖ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ । ବିଶେଷ କରି ରୋଟାରୀ ଇନରହୁଇଲ କ୍ଲବ କିପରି ଲୋକଙ୍କ ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ କରିପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ କରିଥିଲେ । ବିଶିଷ୍ଟ ସମାଜସେବୀ ସୁବାସିନୀ ଜେନା ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ରୋଟାରୀ ଇନରହୁଇଲ କ୍ଲବର ସାମାଜିକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ତୃଣମୂଳସ୍ତରୀୟ କାର୍ଯ୍ୟଧାରାକୁ ଅଧିକ ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଥିଲେ । ବାଲେଶ୍ୱର ରୋଟାରୀ ଇନରହୁଇଲ କ୍ଲବର ସଭାପତି ସିପ୍ରାରେଖା ମହାପାତ୍ର ଏଥିରେ ପୌରହିତ୍ୱ କରିବା ସହିତ ଆଗାମୀ ଦିନରେ ହାତକୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ କ୍ଲବ ପକ୍ଷରୁ କପିଳ ମୁନୀ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ସୁଷମ ଖାଦ୍ୟ ପ୍ରଦାନ ସହ ପୋଷାକ ବଣ୍ଟନ କରାଯାଇଥିଲା । ଏହା ସହିତ ଗୋପାଳନ ମାଧମରେ ଆତ୍ମ ନିର୍ଭରଶୀଳ ହେବା ସହ ୩୦ଜଣ ଲୋକଙ୍କୁ ନିଯୁକ୍ତି ଦେଇଥିବା କିନ୍ନର ଇତିଶ୍ରୀ ମାନସୀଙ୍କୁ ରୋଟାରୀ ଇନରହୁଇଲ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଜଣେ କିନ୍ନର ଭାବେ ସମାଜରେ ସର୍ବଦା ତିରସ୍କାରର ଶିକାର ହେଉଥିବା ବେଳେ ଇନରହୁଇଲ କ୍ଲବ ପକ୍ଷରୁ ପ୍ରଦାନ ହୋଇଥିବା ସମ୍ବର୍ଦ୍ଧନା ଯୋଗୁଁ ସେ ଅତ୍ୟନ୍ତ ଆନନ୍ଦିତ ଓ ଗର୍ବିତ ବୋଲି ଇତିଶ୍ରୀ କହିଥିଲେ । ଡାକ୍ତର ମଧୁମାଳା ଗିରି, ନିବେଦିତା ବେହେରା, ଡାକ୍ତର କଳ୍ପନା ଦାସ, ସିନ୍ଧୁ ଉଦୟ କୁମାର, ସ୍ୱାତି ଦାସ, ନଳିନୀ ଜଟାନିଆ, ଦର୍ଶନା ସରାଭାଇ, ଭାବିନୀ ପଟେଲ, ରେଖା ବେହେରା, ରୋଲି ବେହେରା ପ୍ରମୁଖ ରୋଟାରୀ ଇନରହୁଇଲ କ୍ଲବରୁ ସଦସ୍ୟାଙ୍କ ସମେତ ରୋଟାରୀ କ୍ଲବର ସଦସ୍ୟମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ ।

## ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ କେନ୍ଦ୍ର ମନ୍ତ୍ରୀ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଦିନ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଜନଜାତି ଜନନାୟକ, ବିପ୍ଳବୀ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେ ଭୁବନେଶ୍ୱର ଠାରେ ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ପୂଷ୍ପାର୍ଘ ଅର୍ପିତ କରିଛନ୍ତି । । ତାଙ୍କର ବୀରତ୍ୱ, ନେତୃତ୍ୱ ଓ ତ୍ୟାଗ ମନୋବୃତ୍ତି ଭବିଷ୍ୟତ ଯୁବପିଢିଙ୍କ ପାଇଁ ପାଥେୟ ହେବ, ଏହା ମୋର ପୂର୍ଣ୍ଣ ବିଶ୍ୱାସ ବୋଲି ସେ ଏହି ଅବସରରେ କହିଛନ୍ତି ।

# ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘର ବିକ୍ଷୋଭ : ଡିସେମ୍ବର ୯ରେ ବିଧାନସଭା ଘେରାଉ ନିଷ୍ପତ୍ତି




ବାଲେଶ୍ୱର,୨୨/୧୧ (ନି.ପ୍ର): ବିଭିନ୍ନ ଦାବି ନେଇ ଏଆଇଟିୟୁସି ସଂଯୁକ୍ତ ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀସଂଘ ପକ୍ଷରୁ ବିକ୍ଷୋଭ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଏକ ବିଶାଳ ଶୋଭାଯାତ୍ରା ରେଳ ଷ୍ଟେସନରୁ ବାହାରି ସହର ପରିକ୍ରମା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ସଂଘର ଜିଲା ସଭାନେତ୍ରୀ ପ୍ରତିଭା ପାଲ ପୌରୋହିତ୍ୟ କରିବା ସହିତ ସାମ୍ପ୍ରତିକ ସ୍ଥିତିରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ଏଆଇଟିୟୁସିର ନବ ନିର୍ବାଚିତ ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ଏଥିରେ ଯୋଗଦେଇ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରିତା ଓ ଅଙ୍ଗନୱାଡ଼ି ପରିଚାଳନାରେ ସରକାରଙ୍କ ଉଦାସୀନତାକୁ ତୀବ୍ର ସମାଲୋଚନା କରିଥିଲେ । ଅଙ୍ଗନବାଡ଼ି କର୍ମୀଙ୍କୁ ମାସିକ ସାମାନ୍ୟ ଭତ୍ତା ଦେଇ ସରକାର ସେମାନଙ୍କ ଉତ୍ସର୍ଗୀକୃତ ସେବାର ଶ୍ରେୟ ନେଇ ଚାଲିଥିବା ସେ ଆରୋପ ଉଠାଇଥିଲେ । ନିମ୍ନମାନର ମୋବାଇଲ୍ ଦେଇ ୨୪ ଘଣ୍ଟିଆ ଅଙ୍ଗନବାଡ଼ି କର୍ମୀଙ୍କୁ ସନ୍ଦେହ ନଜରରେ ଟ୍ରାକିଂ କରିବା ବିଶ୍ୱ ମାନବୀୟ ଅଧିକାରର ଗୁରୁତର ଉଲଂଘନ ବୋଲି ସେ କହିଥିଲେ । ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ଆକାଶଛୁଆଁ ହୋଇ ଚାଲିଥିଲେ ବି ସରକାର ଗରମ ରନ୍ଧାଖାଦ୍ୟରେ ଅଣ୍ଡା ସହିତ ଭାତ ଓ ତରକାରୀ ପାଇଁ ଏସଏନପି ବାବଦରେ ମାତ୍ର ୮ଟଙ୍କା ଦେଉଛନ୍ତି । ଯାହାକୁ ଅଙ୍ଗନବାଡ଼ି କର୍ମୀଙ୍କୁ କର୍ମୀଙ୍କ ଦ୍ୱାରା ଭରଣା କରିବା ଅସମ୍ଭବ ହୋଇପଡ଼ିଛି । ବିଭିନ୍ନ ବ୍ଲକ୍‌ରେ ଅଙ୍ଗନବାଡ଼ି କର୍ମୀଙ୍କୁ ୨୦୧୭ ମସିହାଠାରୁ ଟିଏ ଦିଆଯାଇ ନଥିବା ବେଳେ ଆଉ କେତେକ ବ୍ଲକରେ ଫାଷ୍ଟ ଏଡ କିଟ୍ ଓ ଖେଳନା ସାମଗ୍ରୀ କ୍ରୟ ପାଇଁ ଅଦ୍ୟାବଧି ଅର୍ଥ ଦିଆନଯିବା ଅତ୍ୟନ୍ତ ଉଦବେଗର ବିଷୟ ବୋଲି ଶ୍ରୀ ଦାସ କହିଥିଲେ । ସର୍ବନିମ୍ନ ମଜୁରି ହିସାବରେ ଅଙ୍ଗନୱାଡ଼ି କର୍ମୀଙ୍କୁ ମାସିକ ୨୬ ହଜାର ଟଙ୍କାର ଦରମା ଦେବାକୁ କଷ୍ଟ ଅନୁଭବ କରୁଥିବା ସରକାର ସାଂସଦ ବିଧାୟକଙ୍କ ଭତ୍ତା ବଢ଼ାଇବା ଓ ସବୁ କାମରେ ଠିକାଦାର ନିଯୁକ୍ତି ଦେଇ କମିଶନ ଖାଇବା କେଉଁ ଗଣତାନ୍ତ୍ରିକ ବ୍ୟବସ୍ଥାର ଆଦର୍ଶ ବୋଲି ସେ ପ୍ରଶ୍ନ କରିଥିଲେ । ଏହା ବିରୋଧରେ ରାଜ୍ୟ ବ୍ୟାପୀ ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀସଂଘ ତଥା ସଂଯୁକ୍ତ ମୋର୍ଚ୍ଚା ଆହ୍ୱାନ କ୍ରମେ ଡିସେମ୍ବର ୯ ତାରିଖରେ ସମଗ୍ର ରାଜ୍ୟର ଅଙ୍ଗନୱାଡ଼ି କର୍ମୀ, ମିନିକର୍ମୀ ଓ ସହାୟିକାମାନେ ବିଧାନସଭା ଘେରିବେ ।

# ବାଲ୍ୟବିବାହ ନିଷେଧ ପାଇଁ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ ଅନୁଷ୍ଠିତ




ଭଦ୍ରକ,୨୨/୧୧ (ନି.ପ୍ର): ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା କମିଟି ତଥା ଜିଲ୍ଲା ଟାସ୍କ ଫୋର୍ସର ଜିଲ୍ଲାସ୍ତରୀୟ ତ୍ରୈମାସିକ ବୈଠକ ଜିଲ୍ଲା ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବାଲ୍ୟ ବିବାହ ନିଷେଧ, ଶିଶୁ ଶ୍ରମିକ ଉଚ୍ଛେଦ, କିଶୋରୀ ସଶକ୍ତିକରଣ, ଚାଇଲ୍ଡ ଲାଇନ୍ ଉପଦେଷ୍ଟା ମଣ୍ଡଳୀ ସମ୍ବନ୍ଧୀୟ କାର୍ଯ୍ୟଧାରା ସମୀକ୍ଷା କରାଯାଇଥିଲା । ଜିଲ୍ଲା ସୁରକ୍ଷା ଅଧିକାରୀ ବିଜୟ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଡ. ସୁଦର୍ଶନ ବାରିକ୍, ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ଚନ୍ଦ୍ରା ସାହୁ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ । ବାଲ୍ୟ ବିବାହ ନିଷେଧ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅସିମ ଅମିତାଭ ଦାସ ଗତ ଜୁଲାଇ ମାସରୁ ଅଦ୍ୟାବଧି ଶିଶୁ ସୁରକ୍ଷା ଅଭିଯାନ ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ବନ୍ଧରେ ଉପସ୍ଥାପନ ରଖିଥିଲେ । ସୂଚନାଯୋଗ୍ୟ କି ଧାମନଗର ଉପନିର୍ବାଚନରେ ଆଦର୍ଶ ଆଚରଣ ବିଧି ଲାଗୁ ଯୋଗୁଁ ଗତ ବୈଠକର ନିଷ୍ପତ୍ତି ଅନୁଯାୟୀ ଆଶାନୁରୂପ କାର୍ଯ୍ୟକ୍ରମ କରାଯାଇ ପାରିନାହିଁ । ତଥାପି ଉକ୍ତ ଅବଧି ପୂର୍ବରୁ ଆୟୋଜିତ ହୋଇଥିବା ସଚେତନତା ମୂଳକ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦିଆଯାଇଥିଲା । ଜିଲ୍ଲାର ୨୧୮ଟି ଗ୍ରାମପଞ୍ଚାୟତରୁ ୧୯୨ଟିରେ ସରପଞ୍ଚଙ୍କ ଅଧକ୍ଷତାରେ ଶିଶୁ ସୁରକ୍ଷା କମିଟି ବୈଠକ ଗଠିତ ହୋଇଛି । କିଶୋରୀ ମାନଙ୍କ ଜୀବନୀ ଶୈଳୀ ସମ୍ବନ୍ଧୀୟ ଶିକ୍ଷା ସଚେତନତା ନେଇ ସରକାରଙ୍କ ତରଫରୁ ପ୍ରଣୟନ କରାଯାଇଥିବା ଇଉଠଓକଇ ଆପରେ ଜିଲ୍ଲାର ୨୦୦୦ ଜଣଙ୍କୁ ମୋବାଇଲ୍‌ରେ ଯୋଡ଼ାଯାଇପାରିଛି । ଆଇ.ସି.ଡି.ଏସ୍. କର୍ମଚାରୀ ୭୮ ଜଣ ସୁପରଭାଇଜର ଓ ୭ ଜଣ ସି.ଡି.ପି.ଓ.ମାନଙ୍କୁ ଏ ସମ୍ବନ୍ଧରେ ଶିକ୍ଷା ଦିଆଯାଇଛି । ପଞ୍ଚାୟତ ସମିତି ଅଧକ୍ଷ ଏବଂ ବି.ଡି.ଓ. ମାନଙ୍କ ଅଧକ୍ଷତାରେ ୬ଟି ବ୍ଲକ୍‌ସ୍ତରୀୟ ଶିଶୁ ସୁରକ୍ଷା କମିଟି ମଧ ଗଠନ କରାଯାଇଛି । ସ୍କୁଲ ଡ୍ରପ୍‌ଆଉଟ୍ ସମସ୍ୟାକୁ ପ୍ରତିରୋଧ କରାଯିବା ପାଇଁ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ନେଇ ମିଟିଂ କରାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ରୋଜଗାର ମେଳାରେ....

ଲଦାଖ, ଆଣ୍ଡାମାନ ଏବଂ ନିକୋବାର, ଲାକ୍ଷାଦ୍ୱୀପ, ଦାମନ ଓ ଡିଉ, ଦାଦ୍ରା ଓ ନଗର ହାବେଳୀ ଏବଂ ଚଣ୍ଡୀଗଡର ସରକାରଗଣ ହଜାର ହଜାର ଯୁବକ-ଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରି ଥିବାରୁ ସେ ସନ୍ତୋଷ ପ୍ରକଟ କରିଥିଲେ । ଅଳ୍ପଦିନ ମଧ୍ୟରେ ଗୋଆ ଓ ତ୍ରିପୁରା ଏପରି ନିଯୁକ୍ତି ମେଳା ଆରମ୍ଭ କରିବେ ବୋଲି ସେ କହିଥିଲେ । ଏପରି ବିଶାଳ ପଦକ୍ଷେପର ଶ୍ରେୟ ପ୍ରଧାନମନ୍ତ୍ରୀ ଡବଲ ଇଞ୍ଜିନ ସରକାରକୁ ଦେବା ସହ ଭାରତର ଯୁବଶକ୍ତିକୁ ସଶକ୍ତ କରିବା ପାଇଁ ଏଭଳି ନିଯୁକ୍ତି ମେଳା ସମୟେ ସମୟେ ଆୟୋଜି ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯୁବଶକ୍ତି ହେଉଛି ଦେଶର ସବୁଠାରୁ ବଡ ବଳ । କେନ୍ଦ୍ର ସରକାର ସେମାନଙ୍କ ମେଧା ଓ ଶକ୍ତିକୁ ଦେଶ ଗଠନରେ ଉପଯୋଗ କରିବା ପାଇଁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି । ସେ ନୂତନ ଜନ ସେବକଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ । ସେମାନେ ଏକ ସ୍ୱତନ୍ତ୍ର ସମୟ କାଳ ଅର୍ଥାତ୍ ଅମୃତକାଳରେ ଏହି ପ୍ରକାର ଗୁରୁଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି ବୋଲି ଶ୍ରୀ ମୋଦୀ ସେମାନଙ୍କୁ ସ୍ମରଣ କରାଇ ଦେଇଥିଲେ । ଅମୃତ କାଳ ମଧ୍ୟରେ ଭାରତ ଏକ ଉନ୍ନତ ରାଷ୍ଟ୍ରରେ ପରିଣତ ହେବାକୁ ନେଇଥିବା ସଂକଳ୍ପ ଉପରେ ସେ ଆଲୋକପାତ କରିଥିଲେ ।

## ମାଲକାନଗିରିରେ ୨୫ କୋଟି ଟଙ୍କାର....

ଅନ୍ଧ୍ରପ୍ରଦେଶକୁ ଗମନାଗମନ ସୁଗମ କରିଛି । ଏହାସହିତ ମାଲକାନଗିରି ବଣ୍ଡା ଅଂଚଳକୁ ଯୋଡୁଥିବା ଏକ ଉଚ୍ଚସ୍ତରୀୟ ସେତୁ ଓ ବାଲିମେଳା ଠାରେ ତମସା ନଦୀ ଉପରେ ବିଜୁ ସେତୁ, କ୍ରୀଡାର ବିକାଶ ପାଇଁ ଏକ ଜୁଡୋ ଏକାଡେମୀ ଓ ପିଲାମାନଙ୍କ ପାଇଁ ଏକ ସ୍ୱଧାର ଗୃହ । ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲ୍ଲାରେ ଦ୍ରୁତ ବିକାଶ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ମାଲକାନଗିରିବାସୀ ଆଜି ବିକାଶ ସହ ଯୋଡି ହୋଇ ରହିଛନ୍ତି । ବିକାଶ କାମରେ ଆପଣମାନଙ୍କ ସହଯୋଗ ସବୁବେଳେ ଆମକୁ ଉତ୍ସାହିତ କରି ଆସିଛି । ଜିଲ୍ଲାରେ ଶିକ୍ଷା ଓ ସଚେତନତା ପ୍ରସାର ଘଟିଛି । ଯୋଗାଯୋଗରେ ଉନ୍ନତି ଆସିଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଠାରୁ ଆରମ୍ଭ କରି ବିଭିନ୍ନ କଲ୍ୟାଣ ଯୋଜନାର ସୁଯୋଗ ଆପଣମାନେ ନେଉଥିବା ଖୁସିର କଥା । ମାଲକାନଗିରିର ସଫଳ ଚାଷୀ, ମିଶନଶକ୍ତିର ମା ମାନେ, ଛାତ୍ରଛାତ୍ରୀ, ଯୁବବର୍ଗ – ଏ ସମସ୍ତଙ୍କ ସଫଳତା ଆଜି ଜିଲ୍ଲା ପାଇଁ ନୂଆ ପରିଚୟ ଆଣିଛି ବୋଲି ସେ କହିଥିଲେ । ବଣ୍ଡା ଘାଟିର ଝିଅ କରମା ମୁଦୁଲି ଭୁବନେଶ୍ୱରର ସବୁଠାରୁ ଭଲ ସରକାରୀ ମହିଳା ୟୁନିଭରସିଟିରେ ପାଠ ପଢୁଥିବାର ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷା ହିଁ ସୁଯୋଗ ଆଣିଥାଏ ଓ ଶିକ୍ଷା ହିଁ ଏ ରୂପାନ୍ତର ଆଣିଛି । ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢି ନିଜ ପାଇଁ ପରିଚୟ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।ଏହି ଅବସରରେ ଚିତ୍ରକୁଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଏବଂ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସମାରୀ ଟାଙ୍ଗଲୁ ପ୍ରମୁଖ ବକ୍ତବ୍ୟ ରଖି ମାଲକାନଗିରି ଜିଲ୍ଲାରେ ଦ୍ରୁତ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ ନେତୃତ୍ୱର ଉଚ୍ଚପ୍ରଶଂସା କରିଥିଲେ ।ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପଦ୍ମପୁରର କେତେ ଚାଷୀଙ୍କୁ ଇନପୁଟ୍ ....

ନେଇ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କଥା କହି ଭେଳିକି ଦେଖାଉଛନ୍ତି । ଲୋକମାନେ ଆନ୍ଦୋଳନ କରିବା ପରେ ମିଛ ପ୍ରତିଶ୍ରୁତି ଦିଆଯାଉଛି । ପାଇକମାଳରେ ଡାକ୍ତରଖାନା ମୁଖ୍ୟ ପ୍ରସଙ୍ଗ ହୋଇଥିବା ବେଳେ ସେଠାରେ ଲୋକମାନଙ୍କର ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଦାୟିତ୍ୱ ନାହିଁ । ରେଳ ଲାଇନ ସମ୍ପର୍କରେ କେନ୍ଦ୍ର ରେଳ ମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟର ଭୂମିକା ଉପରେ ସବୁ ପ୍ରଶ୍ନର ଉତର ସ୍ପଷ୍ଟ ଭାବେ ଦେଇସାରିଛନ୍ତି । ବରଗଡ଼ ତଥା ପଦ୍ମପୁରରେ ଧାନ କିଣା ବଡ ପ୍ରସଙ୍ଗ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀଙ୍କ ଠାରୁ ଧାନ କିଣାନଯିବା ଦୁର୍ଭାଗ୍ୟଜନକ । ପ୍ରସଙ୍ଗ ନଥିବା କାରଣରୁ ଏ ସବୁ ପ୍ରସଙ୍ଗ କରାଯାଉଛି । ପଦ୍ମପୁର ହେଉଛି ସ୍ୱାଭିମାନୀ ଓ ସଂଗ୍ରାମୀ ମାନଙ୍କର ମାଟି । ସେହି ଅଞ୍ଚଳରେ ଶହୀଦ ମାଧୋ ସିଂହ ଅନ୍ୟାୟର ପ୍ରତିବାଦ କରିଥିଲେ । ନିଜର ହକକୁ ଲଢେଇ କରି ହାସଲ କରିବାର ପରମ୍ପରାର ମାଟି ହେଉଛି ପଦ୍ମପୁର । ଆଜି କିନ୍ତୁ ସେହି ଅଞ୍ଚଳର ଯୁବକମାନେ ବାହରକୁ ଦାଦନ ଖଟିବା ପାଇଁ ଯାଉଛନ୍ତି । ସେଭଳି ମାଟିରେ ପ୍ରବଞ୍ଚନା ଚାଲିବ ନାହିଁ । ଏହି ଉପନିର୍ବାଚନରେ ଲୋକମାନେ ଉଚିତ୍ ଜବାବ ଦେବେ ।

## ଅର୍ଚ୍ଚନା ପ୍ରସଙ୍ଗରେ କମ୍ପିବ ବିଧାନସଭା....

କିନ୍ତୁ ସେଭଳି ଗୁରୁତ୍ୱ ଦେଇନାହାନ୍ତି । ଜୟ ନାରାୟଣ ମିଶ୍ର କହିଛନ୍ତି, ଇଡି ତଦନ୍ତରେ ସମସ୍ତେ ସହଯୋଗ କରିବା ଉଚିତ । ବିଧାନସଭାରେ ଚାଷୀ ପ୍ରସଙ୍ଗ ହିଁ ମୁଖ୍ୟ ପ୍ରସଙ୍ଗ ହେବା ଦରକାର । ଏବେ କ୍ଷେତରେ ପାଣି ନାହିଁ । ଧାନବିକ୍ରି ହୋଇନାହିଁ । କଲେକ୍ଟରମାନେ ମନମାନି କରିଛନ୍ତି । ଇନପୁଟ ସବସିଡି ମଳିନାହିଁ । ତେଣୁ ଏହି ପ୍ରସଙ୍ଗ ଗୃହରେ ଉଠିବ ବୋଲି କହିଛନ୍ତି ବିରୋଧୀଦଳ ନେତା । ସେପଟେ ଶାସକ ଦଳ ପକ୍ଷରୁ କୁହାଯାଇଛି ସରକାର ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି । ବିଧାନସଭା ଅଧିବେଶନ ପାଇଁ ଆଗକୁ ବିଜେଡି, ବିଜେପି ଓ କଂଗ୍ରେସ ବିଧାୟକ ଦଳ ବୈଠକ ବସିବ । ରଣନୀତି ବି ଚୂଡାନ୍ତ ହେବ । କିନ୍ତୁ ଅର୍ଚ୍ଚନା ନାମ ମାମଲାରେ ବଡ ବଡ ନେତା ଓ ଅଫିସରଙ୍କ ନାଁ ଆସୁଛି । ଆଉ ଅନ୍ୟପଟେ ସାଧାରଣ ଚାଷୀର ଜୀବନଜୀବିକାର ପ୍ରଶ୍ନ । ତେଣୁ କେଉଁ ପ୍ରସଙ୍ଗକୁ ବିରୋଧୀ ଗୁରୁତ୍ୱ ଦେଉଛନ୍ତି, ତାକୁ ନେଇ ଚର୍ଚ୍ଚା ଚାଲିଛି ।

## ଆଜିଠୁ ମାଟ୍ରିକ୍ ସମେଟିଭ୍....

ପରୀକ୍ଷାର୍ଥୀଙ୍କ ପାଇଁ ୧୦୮ଟି କେନ୍ଦ୍ର ଥିବା ବେଳେ ଓପନ ସ୍କୁଲ୍ ସାର୍ଟିଫିକେଟ୍ ପାଇଁ ୭୧୮୧ ଜଣ ପରୀକ୍ଷାର୍ଥୀ ୧୪୬ଟି କେନ୍ଦ୍ରରେ ପରୀକ୍ଷା ଦେବେ । ନକ୍ସଲ ପ୍ରଭାବିତ ଅଂଚଳରେ ୨୨ଟି ନୋଡାଲ ସେଂଟର୍ କରାଯାଇଛି । ଯେଉଁଥିରେ କନ୍ଧମାଳ ୭ଟି, ମାଲକାନଗିରି ୧୦ଟି, କୋରାପୁଟର ୫ଟି ଥାନାକୁ ସାମିଲ କରାଯାଇଛି । ଚଳିତବର୍ଷ ସ୍କୁଲଠାରୁ ୧୦ କିମି ଭିତରେ ସବୁ ସେଂଟର କରାଯାଇଛି । ପରୀକ୍ଷାର ପ୍ରଥମ ଦିନ ସକାଳ ୯ଟାରେ ଛାତ୍ରଛାତ୍ରୀମାନେ ସେଂଟର ଭିତରକୁ ପ୍ରବେଶ କରିବେ । ଅନ୍ୟଦିନରେ ସକାଳ ୯.୧୫ ମିନିଟ୍ ରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବେ । ପରୀକ୍ଷା ୧୦ଟାରୁ ଆରମ୍ଭ ହୋଇ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିବ । କେବଳ ଗଣିତ ପରୀକ୍ଷାରେ ଅଧିକ ୧୫ ମିନିଟ୍ ସମୟ ମିଳିବ ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ : ଫାଇନାଲରେ ଖୁଆର୍ଡକୁ ହରାଇ କେନ୍ଦୁଖୁଣ୍ଟା ଚମ୍ପିଆନ୍

ଜଳେଶ୍ୱର, ୨୨/୧୧(ନି.ପ୍ର): ଖୁଆଡ ଷ୍ଟଡିୟମ ପଡିଆରେ ୩୯ତମ ଶଚିନ୍ଦ୍ରନାଇ ଆନ୍ତରାଜ୍ୟ ଫୁଟବଲ ଟୁର୍ଣ୍ଣମେଣ୍ଟ ଆଜି ଉଦ୍‌ଯାପିତ ହୋଇ ଯାଇଛି । ଫାଇନାଲ ଖେଳରେ କେନ୍ଦୁଖୁଣ୍ଟା ଦଳ ଖୁଆର୍ଡ ଦଳକୁ ୨-୧ ଗୋଲରେ ପରାସ୍ତ କରି ଟ୍ରଫି ଓ ନଗଦ ଟଙ୍କା ହାସଲ କରିଛି । ଗତ ଅକ୍ଟୋବରମାସ ୧୮ତାରିଖରେ ଏହି ଆନ୍ତୋରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଶତ୍ରୁଘ୍ନ ନାଥ ପାତ୍ର ଉଦ୍‌ଘାଟନ କରିଥିଲେ । ଏଥିରେ ବାଲେଶ୍ୱର, ମୟୂରଭଂଜ ଓ ପଶ୍ଚିମମେଦିନୀପୁର ଜିଲାର ମୋଟ ୧୬ଟି ଟିମ୍ ଭାଗ ନେଇଥିଲେ । ସବୁବର୍ଷ ପରି ଶଚିନ୍ଦ୍ରନାଥ ପାତ୍ର କ୍ରୀଡା ସ୍ମୃତି ପରିଷଦ ପକ୍ଷରୁ ଯୁବଭାରତୀ କ୍ରୀଡାଙ୍ଗନ (ମିନିଷ୍ଟାଡିୟମ) ରେ ଏହି ଫାଇନାଲ ଖେଳ ଅନୁଷ୍ଠିତ ହୋଇ ଯାଇଛି । ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କ ପିତା ଶଚିନ୍ଦ୍ର ନାଥଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗତ ୩୯ବର୍ଷ ଧରି ଏହି ଖେଳ ଅନୁଷ୍ଠିତ ହୋଇ ଆସୁଛି । ଆଜିର ଖେଳରେ ରାଜ୍ୟ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଏହି ଖେଳରେ କେନ୍ଦୁଖୁଣ୍ଟା ଦଳ ଖୁଆର୍ଡ ଦଳକୁ ୨-୧ ଗୋଲରେ ପରାସ୍ତ କରିଥିଲେ । ଉଇନର ଦଳଙ୍କୁ ଟ୍ରଫି ଓ ନଗଦ ୭ହଜାର ଟଙ୍କା ଏବଂ ରନର୍ସ ଦଳକୁ ଟ୍ରଫି ଓ ନଗଦ ୫ହଜାର ଟଙ୍କା ପ୍ରଦାନ କରାଯାଇଛି । ଏଥିରେ ହାତୀଗଡ ଦଳ ଭଲ ଖେଳ ପ୍ରଦର୍ଶନ କରିଥିବାରୁ ତାଙ୍କୁ ୧ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା । ଦୀର୍ଘଦିନ ଖେଳକୁ ରେଫାରୀଭାବେ ଚୈତନ ଟୁଡୁ ପରିଚାଳନା କରିଥିଲେ । ଆଜିର ଖେଳରେ ଜଳେଶ୍ୱର ବିଡିଓ ପୁନମ୍ ରାଉତ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଉପାଧ୍ୟକ୍ଷ ସଂଜିତା ସେନାପତି, ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ଜିଲା ପରିଷଦ ସଦସ୍ୟା ତୁଳସୀ କିସ୍କୁ, ସରପଂଚ ଅଜୟ ମହାନ୍ତି, ଲେଲିନ୍ ପ୍ରଧାନ, ମଧୁସେନାପତି, ତପନ ଦାସ, ଦିଲ୍ଲିପ ସାମଲ, ରାମେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଖେଳରେ ଓଡିଶା ଓ ପଶ୍ଚିମବଂଗର ବହୁ ଦର୍ଶକ ଯୋଗ ଦେଇଥିଲେ ।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, BALASORE
e-procurement Notice for Building works
Bid Identyfication No e-procurement Notice No. 07/ EERW-II/BLS/ 2022-23

1.Name of the work :- Building works
2.Total no.of works :- 11 nos.
3.Estimated cost :- As specified in column 3 of Annexure.
4.Class of Contractor :- As specified in column 4 of Annexure.
5.Time of Completion :- As specified in column 5 of Annexure.
6. Cost of Tender Paper through online :- As specified in column 6 of Annexure.
7.Other Details:- As per DTCN

| Procurement Officer | Bid Identification No. | Availability of tender online for bidding From | Availability of tender online for bidding To | Last date & time of seeking tender clarification | Date & Time of Opening of Tender in O/o Executive Engineer, R.W.Divn-II, Balasore |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Balasore | E TCN-07 of 2022-23 | 25.11.2022 at 5.00 P.M. | 01.12.2022 up to 5.00 PM | 30.11.2022 up to 4.00 PM | 02.12.2022 at 11.00 AM |

Further details can be seen from the web site www.tendersorissa.gov.in
OIPR : 25052/11/0011/2223
Executive Engineer
R.W. Division-II, Balasore

# ଓଡିଶା ଚାଷୀଙ୍କୁ ବିଜେପି ଲମ୍ବା ସମୟ ଧରି ପ୍ରତାରଣା କରୁଛି: ବିଜେଡି

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଓଡିଶାର ଚାଷୀମାନେ ବର୍ଷ ବର୍ଷ ଧରି ବିଜେପି ଦ୍ୱାରା ଠକାମୀର ଶୀକାର ହୋଇଛନ୍ତି ବୋଲି ବିଜଡି ଅଭିଯୋଗ କରିଛି । ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ର କହିଛନ୍ତି ଯେ ୨୦୧୪ ନିର୍ବାଚନୀ ଇସ୍ତାହାରରେ ବିଜେପି କହିଥିଲା ଯେ ସେମାନେ ଉତ୍ପାଦିତ 'ସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ୧.୫ ଗୁଣ ବୃଦ୍ଧି କରିବେ । ସେମାନେ କହିଥିଲେ ଯେ କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବେ । କିନ୍ତୁ ପ୍ରତିଶ୍ରୁତି ଅନୁଯାୟୀ ସେଭଳି କିଛି କରିନାହାଁନ୍ତି । ସଂସଦରେ ବିଜେପି ତିନୋଟି ଚାଷୀ ବିରୋଧୀ କୃଷି ଆଇନ ଆଣିଥିଲା ଯାହାକୁ କୃଷକଙ୍କ ବ୍ୟାପକ ବିରୋଧ ହୋଇଥିଲା ଏବଂ ୬୦୦ରୁ ଅଧିକ ଚାଷୀ ଏହି ଆନ୍ଦୋଳନରେ ପ୍ରାଣ ହରାଇଥିଲେ । ଧାନର କୁଇଂଟାଲ ପିଛା ସର୍ବନିମ୍ନ ସହାୟକ ଦର ୨୯୩୦ ଟଙ୍କା କରିବାକୁ ଓଡିଶା ବିଧାନସଭାରେ ଆସିଥିବା ସଙ୍କଳ୍ପକୁ ବିଜେଡି ବିଧାୟକ ତଥା ଅନ୍ୟ ବିଧାୟକଙ୍କ ସହ ବିଜେପି ବିଧାୟକମାନେ ବି ସମର୍ଥନ କରିଥିଲେ । କିନ୍ତୁ ବର୍ତମାନ ଏ ସଂକ୍ରାନ୍ତରେ ନିରବ ଅଛନ୍ତି ।ଠିକ୍ ସମୟରେ ଏବଂ ସଠିକ୍ ପରିମାଣରେ ସାର ଯୋଗାଇବା ହେଉଛି ବିଜେପି ନେତୃତ୍ୱାଧୀନ କେନ୍ଦ୍ରର ଦାୟିତ୍ୱ । କିନ୍ତୁ ସେମାନେ ଓଡିଶାର ଚାଷୀଙ୍କୁ ଆବଶ୍ୟକ ସାର ଦେଉନାହାନ୍ତି । ବଳକା ଚାଉଳ ଉଠାଇବା କେନ୍ଦ୍ରର ଦାୟିତ୍ୱ । କିନ୍ତୁ ସେମାନେ ବଳକା ଚାଉଳ ଉଠାଉ ନାହାନ୍ତି ।ଓଡ଼ିଶାର କୃଷକମାନଙ୍କୁ 'ସଲ ବୀମା ଦେଲେ ନାହିଁ । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରକୁ ଚିଠି ଲେଖିବା ଏବଂ ନିୟମିତ ଭାବେ ଯୋଗାଯୋଗ କରିବା ଏବଂ ଏଥିସହିତ ଚାଷୀଙ୍କ କ୍ରୋଧକୁ ଦେଖି ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଶେଷରେ 'ସଲ ବୀମା ଅର୍ଥ ଦେବାକୁ ରାଜି ହେଲେ । ଡକ୍ଟର ପାତ୍ର କହିଛନ୍ତି ଯେ ଯେତେବେଳେ ବିଜେଡି ସରକାର ଓଡିଶାର କୃଷକମାନଙ୍କୁ ୨୦୦ କୋଟି ଟଙ୍କାର ଇନପୁଟ ସବସିଡି ଦେବାକୁ ଚାହିଁଲେ, ସେମାନେ ଆଦର୍ଶ ଆଚରଣ ବିଧି ଏବଂ ଚାଲିଥିବା ଉପ-ନିର୍ବାଚନ ଆଳରେ ଏହାକୁ ବନ୍ଦ କରିବାକୁ ନିର୍ବାଚନ ଆୟୋଗଙ୍କୁ ଭେଟିଥିଲେ । ଏହି କାରଣରୁ, ଇନପୁଟ୍ ସବସିଡି ମଞ୍ଜୁର ହୋଇପାରିଲା ନାହିଁ । ବିଜେପିର ଅସଲ ମୁଖା ଏବେ ଖୋଲି ଯାଇଛି । କୃଷକ, କେନ୍ଦୁପତ୍ର ଶ୍ରମିକ ଏବଂ ସାମଗ୍ରିକ ଭାବେ ପଦମପୁରର ଲୋକମାନେ ସେମାନଙ୍କ ସହ ବିଜେପି କିଭଳି ଠକାମୀ କରିଛି ତାହାକୁ ଦେଖୁଛନ୍ତି ।

## ନୌସେନା ଦିବସ ଅବସରରେ ପାରାଦୀପରେ ଯୁଦ୍ଧ ଜାହାଜ ଘଡିଆଲ୍

ପାରାଦୀପ, ୨୨/୧୧ (ନି.ପ୍ର): ଭାରତୀୟ ନୌସେନା ଡିସେମ୍ବର ୪ ତାରିଖରେ ଏହାର ପ୍ରତିଷ୍ଠା ଦିବସ ପାଳନ କରିଥାଏ । ଏହି ଅବସରରେ ଚଳିତ ମାସ ୨୧ ତାରିଖ ଦିନ ପାରାଦୀପ ବନ୍ଦରର କେଆଇସିଟି ବର୍ଥରେ ଲାଗିଛି ଯୁଦ୍ଧ ଜାହାଜ ଘଡିଆଲ୍ । ଏହା ପାରାଦୀପ ବନ୍ଦରରେ ଦୁଇ ଦିନ ଧରି ଏହି ଯୁଦ୍ଧ ଜାହାଜ ଅବସ୍ଥାନ କରିବ । ଏହି ଦୁଇ ଦିନ ମଧ୍ୟରେ ପାରାଦୀପ ଅନ୍ତେବାସୀ ମାଗଣାରେ ଜାହାଜ ଦେଖି ପାରିବା ସହିତ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବାର ସୁଯୋଗ ଦେଇଛି ଭାରତୀୟ ନୌସେନା । ମଙ୍ଗଳବାର ଦିନ ବହୁ ଜନସାଧାରଣ ବନ୍ଦରର ୪ ନମ୍ବର ଗେଟ୍ ପାଖରେ ପହଂଚିଥିଲେ । ସେମାନଙ୍କୁ ନୌସେନା ପକ୍ଷରୁ ବସ୍ ଯୋଗେ ଯୁଦ୍ଧ ଜାହାଜ ନିକଟକୁ ନିଆଯାଇଥିଲା । ବୁଧବାର ଦିନ ମଧ୍ୟ ଏହି କାର୍ଯ୍ୟକ୍ରମ ଜାରୀ ରହିବ ବୋଲି ଜଣାପଡିଛି ।

## ମାନସ ରଞ୍ଜନ ଦେବତାଙ୍କ ବହି ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ପ୍ରାକ୍ତନ ପ୍ରଶାସକ ତଥା ଲେଖକ ଡ଼. ମାନସ ରଞ୍ଜନ ଦେବତାଙ୍କ ଦ୍ୱାରା ଲିଖିତ 'ସୋସିଓ କଲ୍‌ଚରାଲ ହିଷ୍ଟ୍ରି ଅଫ୍ ଓଡ଼ିଶା : ପ୍ରି ଆଣ୍ଡ ପୋଷ୍ଟ ଗ୍ଲୋବାଲାଇଜେସନ୍ ପିରିୟଡ଼' ରାଜ୍ୟପାଳଙ୍କ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଆଜି ରାଜଭବନରେ ଉନ୍ମୋଚିତ ହୋଇଯାଇଛି । ଏହି ଉନ୍ମୋଚନ ଉତ୍ସବରେ ଓଡ଼ିଶା ଲୋକସେବା ଆୟୋଗର ପ୍ରାକ୍ତନ ସଦସ୍ୟ ପ୍ରଫେସର ଡ଼. ସୁଧାଂଶୁ ଶେଖର ରଥ, ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିଂମାଶୁ ନାରାୟଣ ପଟ୍ଟନାୟକ, ଅବସରପ୍ରାପ୍ତ ସ୍ୱତନ୍ତ୍ର ଶାସନ ସଚିବ ଅଶୋକ କୁମାର ଦାଶ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ରାଜ୍ୟପାଳଙ୍କ ଲୋକ ସମ୍ପର୍କ ଅଧିକାରୀ ତଥା ବିଶିଷ୍ଟ କବି ରକ୍ଷକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ ଦେବତାଙ୍କର ପୁତ୍ର ଶିତିକଣ୍ଠ ଶ୍ରୀଚନ୍ଦନ ଦେବତା ଏବଂ ପୁତ୍ରୀ ସୁମାନିନୀ ମିଶ୍ର ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ ।

## ପୁରୀ ଏସପିଙ୍କ ନାମରେ ନକଲି ଫେସବୁକ୍ : ଯୁବକ ଗିରଫ

ପୁରୀ, ୨୨/୧୧ (ନି.ପ୍ର): ପୁରୀ ଏସପି କେ. ବିଶାଲ ସିଂହଙ୍କ ନାମରେ ଜଣେ ଯୁବକ ନକଲି ଫେସବୁକ୍ ଆକାଂଉଟ ଖୋଲିଥିଲା । ଜଣେ ଯୁବକକୁ ହୋମଗାର୍ଡ଼ ଚାକିରି କରାଇ ଦେବାକୁ କହି ଏହି ଫେସବୁକ୍ ଆକାଂଉଟ ଜରିଆରେ ଟଙ୍କା ମାଗୁଥିଲା । ଏହି ସମ୍ପର୍କରେ ଯୁବକ ସାଇବର ଥାନାରେ ଅଭିଯୋଗ କରିବା ପରେ ଟାଉନଥାନା ପୋଲିସ ଯୁବକକଚ ଗିରଫ କରିବା ପାଇଁ ସକ୍ଷମ ହୋଇଛି । ଗିରଫ ଅଭିଯୁକ୍ତ ଯୁବକ ଜଣକ କୋରେଇ ଅଂଚଳ ତହରପୁର ଗ୍ରାମର ମନୋଜ ସାହୁ ।

# ପାନୀୟ ଜଳ ସମସ୍ୟା ନେଇ ଫେରାଦ ହେଲେ ଲୁଣାପାହିବାସୀ




ବାଲେଶ୍ୱର, ୨୨/୧୧ (ନି.ପ୍ର): ଉତ୍କଟ ପାନୀୟ ଜଳ ସମସ୍ୟାକୁ ନେଇ ସଦର ବ୍ଲକ ପରିଖି ପଞ୍ଚାୟତ ଅନ୍ତର୍ଗତ ଲୁଣାପାହି ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ପରିବାର ମଙ୍ଗଳବାର ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି । ଯୁବନେତା ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଜିଲାପାଳଙ୍କୁ ସାକ୍ଷାତ ସହ ଲୁଣାପାହି ଅଞ୍ଚଳରେ ଉପୁଜିଥିବା ପାନୀୟ ଜଳ ସମେତ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି । ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ଯୋଜନାରେ ଏହି ଅଞ୍ଚଳରେ ଦୀର୍ଘଦିନ ପୂର୍ବରୁ ସ୍ଥାପନ ହୋଇଥିବା ନଳକୂଳ ୬ ମାସ ଧରି ଅଚଳ ହୋଇ ପଡିଥିବା ବେଳେ ପିଇବା ପାଣି ସଂଗ୍ରହ ପାଇଁ ୨ କିଲୋମିଟରୁ ଅଧିକ ବାଟ ଯିବାକୁ ପଡୁଛି ବୋଲି ମହିଳାମାନେ କହିଛନ୍ତି । ବର୍ଷା ଦିନରେ ଏହି ସମସ୍ୟା ଆହୁରି ଉତ୍କଟ ହୋଇ ପଡିଥିବା ସେମାନେ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଓ ସଦର ବିଧାୟକଙ୍କ ସମେତ ସରକାରୀ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ ଏ ଯାବତ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଇ ନଥିବା ମହିଳାମାନେ ଆରୋପ ଉଠାଇଛନ୍ତି । ସ୍ୱାଧୀନତାର ୭୫ବର୍ଷ ପରେ ବି ଗ୍ରାମାଞ୍ଚଳ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଯୁବନେତା ଶ୍ରୀ ପଣ୍ଡା କହଛନ୍ତି । ନିର୍ବାଚନ ସମୟରେ ନାନାଦି ପ୍ରତିଶ୍ରୁତି ଓ ପ୍ରଲୋଭନ ଦେଖାଇ କ୍ଷମତାକୁ ଆସିଥିବା ଲୋକ ପ୍ରତିନିଧିମାନେ ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉନଥିବା ସେ ଅଭିଯୋଗ କରିଛନ୍ତି । ମୌଳିକ ସେବାରୁ ବଞ୍ଚିତ ସାଧାରଣ ଲୋକେ ଏହାର ଉଚିତ ଜବାବ ଦେବେ ବୋଲି ସେ ଚେତାବନୀ ଦେଇଥିଲେ । ଲୁଣାପାହି ଗ୍ରାମର ମଧ୍ୟସ୍ଥଳରେ ଏକ ଗଭୀର ନଳକୂପ ସ୍ଥାପନ ପାଇଁ ଶ୍ରୀ ପଣ୍ଡା ଜିଲାପାଳଙ୍କୁ ନିବେଦନ କରିଥିଲେ । ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।

# ପଦ୍ମପୁର ଉପନିର୍ବାଚନ ପାଇଁ ବିଜେପିର ଘମାସାନ ପ୍ରଚାର

ପଦ୍ମପୁର/ଭୁବନେଶ୍ୱର, ୨୨/୧୧ (ନି.ପ୍ର): ପଦ୍ମପୁରର ଲୋକମାନଙ୍କ ପ୍ରତି ଶାସକ ବିଜୁ ଜନତା ଦଳ କରିଥିବା କ୍ରମାଗତ ଅବହେଳା ବିରୋଧରେ ଲୋକମାନେ ସ୍ୱର ଉଠାଇଲେଣି । ରାଜ୍ୟ ସରକାରଙ୍କର ଅପାରଗତା ଓ ବୀମା କମ୍ପାନୀମାନଙ୍କ ସହିତ ମଧୁଚନ୍ଦ୍ରିକା କାରଣରୁ ଫସଲ ବୀମା ଯୋଜନାରେ ଚାଷୀମାନେ ସେମାନଙ୍କର ନ୍ୟାର୍ଯ୍ୟ ହକରୁ ବଂଚିତ ହେଉଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କ ହସ୍ତକ୍ଷେପ ଏହାର ସମାଧାନ ହେଲା, ଚାଷୀମାନଙ୍କୁ ବୀମା ଅର୍ଥ ମିଳିଲା । ସେହିଭଳି ପଦ୍ମପୁରରେ ରେଳ ଚାଲିବା ପାଇଁ ଥିବା ବହୁତ ଦିନର ଦାବିକୁ କେନ୍ଦ୍ର ସରକାର ୨୦୨୧ରେ ଅନୁମୋଦନ ଦେଇସାରିଥିବା ବେଳେ ରାଜ୍ୟ ସରକାର ଜମି ଯୋଗାଇ ନଦେବା ପାଇଁ ପ୍ରକଳ୍ପ କାମ ଆଗେଇ ପାରୁନି । ଏଭଳି ଅନେକ ପ୍ରସଙ୍ଗକୁ ଲୋକଙ୍କ ପାଖରେ ପହଂଚାଇବା ଓ ପଦ୍ମପୁରରେ ବିଜେପିର ବିଧାୟକ ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ବିଜୟ ପାଇଁ ଆଜି ପ୍ରଚାର ମୈଦାନରେ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି, ସାଂସଦ ସୁରେଶ ପୁଜାରି, ସଂଗିତା ସିଂହଦେଓ, ବସନ୍ତ ପଣ୍ଡା, ଜୁଏଲ ଓରାମ, କନକ ବର୍ଦ୍ଧନ ସିଂହଦେଓ, ମନମୋହନ ସାମଲ ଆଦି ପ୍ରଚାର କରିଥିଲେ । ରାଜ୍ୟ ସଭାପତି ସମୀର ମହାନ୍ତି ବାଡିକଟାରେ କର୍ମୀ ସମ୍ମିଳନି କରିଥିବା ବେଳେ ସାଂସଦ ସଙ୍ଗୀତା ସିଂହଦେଓ ଦହିତାରେ, ଜୁଏଲ ଓରାମ ପାଇକମାଳରେ, ସୁରେଶ ପୁଜାରି ସରଗିବାହାଲରେ, ମନମୋହନ ସାମଲ ଜଗଦଲପୁରରେ, କନକ ବର୍ଦ୍ଧନ ସିଂହଦେଓ ମାଣ୍ଡୋସିଲରେ, ବସନ୍ତ ପଣ୍ଡା ଝାରବନ୍ଧରେ ଓ ବିଜେପିର ବିଧାୟକ ପାର୍ଥୀ ପ୍ରଦୀପ ପୁରୋହିତ କାଂସଦା ଅଂଚଳରେ ଘରକୁ ଘର ବୁଲି ପ୍ରଚାର କରିଛନ୍ତି ।

# ଯୁବ ବ୍ୟବସାୟଙ୍କ ନିଆରା ପଦକ୍ଷେପ ବେଶ ଚର୍ଚ୍ଚାରେ



ବସ୍ତା, ୨୨/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରୁପସା ନିକଟସ୍ଥ ୬୦ ନଂ ଜାତୀୟ ରାଜପଥ ମିରୀଗୀମୁଣ୍ଡି ଠାରେ ଦୀର୍ଘ ତିନି ବର୍ଷ ଧରି ଗଢି ଉଠିଥିବା ହୋଟେଲ ଅମ୍ରିତ ତାର ତୃତୀୟ ବାର୍ଷିକ ଉତ୍ସବ ପାଳନ କରିଛି ଏହିଅବସରରେ । ହଟେଲର ମାଲିକଙ୍କ ନିଆରା ପଦକ୍ଷେପ ନେଛନ୍ତି । ବାପାତାଙ୍କର ଉକ୍ତ ଅଞ୍ଚଳରେ ବେସ ଜଣାଶୁଣା ସମାଜ ସେବୀ ଭାବେ ବେଶ ପରିଚୟ । ବାପାଙ୍କ ଆଦର୍ଶ କୁଦେଖି ସାନଟି ପାଖରୁ ମୁଁ ବଡହେଲେ କିଛି ସମାଜ ସେବା କରିବାର ଇଛା ଥିଲା ସୁଯୋଗ ବି ତାଙ୍କୁ ସହଇଲା ଲୋଟେଲ କଲେ ବେଶଭଲକରୀ ଗରାଖ ମାନଙ୍କୁ ସେବାଦେଲେ, ଠିକ ଠାକଚାଲିଲା ହୋଟେଲ ତିନିବର୍ଷ ପୂର୍ତ୍ତୀ ଉପଲକ୍ଷେ ଜାହାର କେହି ନାହାନ୍ତି ସେ ତାଙ୍କ ପାଖରେ ଛିଡା ହେବେ । କିଛି ସାହାଯ୍ୟ ହାତ ବଢାଇବେ । ଇଛା ହେଲା ସେ ହେଲେ ପ୍ରଶାନ୍ତ ସେନାପତି ହୋଟେଲ ନାମ ଅନୁସାରେ ଅମ୍ରିତ ଫାଉଡେସନ ଗଠନ କଲେ ତାର କାଯ୍ୟ ହେଉଛି । ଶବ ଦାହ କରିବା ମୁଳଉଦ୍ଦେଶ୍ୱ ରାସ୍ତା ଘାଟ ଯଦି କେହି ମରିଯାନ୍ତି ତାଙ୍କର କେହି ପରିବାର ଲୋକ ନଥିବେ ଏହିସଂଗଠନ ତାଙ୍କ ପାଖକୁ ଯାଇ ବିନାଖର୍ଚ ତାଙ୍କୁ ସେବାଯୋଗାଇବ । ପ୍ରଥମେ ତିନିଜଣ ଲୋକଙ୍କୁ ସଦସ୍ୟ ଭାବେ ନିଯୁକ୍ତି ଦେଇଛନ୍ତି । ସେମାନେ ହେଲେ ପ୍ରଦୀପ ବେହେରା, ହରିଶ୍ ଚନ୍ଦ୍ର ବେହେରା ଓ ରମେଶ ବର୍ । ଅମ୍ରିତ ଫାଉଣ୍ଡେସନ ର ପ୍ରତିଷ୍ଠାତା ପ୍ରଶାନ୍ତ ସେନାପତି । ତାଙ୍କର ଏହି ଭଳି ଏକ ମହାନ ଚିନ୍ତାଧାରାକୁ ତାଙ୍କ ବାପା ଓ ପୁରା ପରିବାର ସମର୍ଥନ କରୁଥିବା ବେଳେ ବେଶ ଖୁସି ଅଛନ୍ତି ।

# ରୋଷେଇ ଘରୁ ୧୨ ଫୁଟ ଲମ୍ବର ଅହିରାଜ ସାପ ଉଦ୍ଧାର



ନୀଳଗିରି, ୨୨/୧୧ (ନି.ପ୍ର): ନୀଳଗିରି ଥାନା ଅଧିନ ପଞ୍ଚଲିଙ୍ଗେଶ୍ୱର ନିକଟରେ ୧୨ ଫୁଟ ଲମ୍ବର ଅହିରାଜ ସାପ ଉଦ୍ଧାର କରାଯାଇଛି । ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ଛାଡି ଗାଁ ମୁହାଁ ହେଉଛନ୍ତି ଜଙ୍ଗଲୀ ଜନ୍ତୁ । ରୋଷେଇ ଘରୁ ବାହାରିଲା ୧୨ ଫୁଟିଆ ଅହିରାଜ ସାପ । ନୀଳଗିରି ଥାନା ଅଧିନ ପଞ୍ଚଲିଙ୍ଗେଶ୍ୱର ବସ ଷ୍ଟାଣ୍ଡ ନିକଟ କେନ୍ଦୁନାଳ ଠାରେ ସନାତନ ସିଂଙ୍କ ରୋଷେଇ ଘର କବାଟ ପାଖରେ ଏକ ୧୨ ଫୁଟିଆ ଅହିରାଜ ସାପ ରହି ଗର୍ଜନ କରୁଥିଲା । ସନାତନଙ୍କ ସ୍ତ୍ରୀ ରୋଷେଇ କରିବାକୁ ଯିବା ସମୟରେ ସାପଟିକୁ ଦେଖି ଭୟଭୀତ ହୋଇ ଟୁରିଷ୍ଟ ଗାଇଡ଼ ତଥା ସାପ ଧରାଳି ମନରଞ୍ଜନ ଦାସଙ୍କୁ ଖବର ଦେବା ପରେ ମନରଞ୍ଜନ ଘଟଣା ସ୍ଥଳରେ ପହଞ୍ଚି ସାପଟିକୁ ସତର୍କତା ସହ ସୁସ୍ଥ ଅବସ୍ଥାରେ ଉଦ୍ଧାର କରାଯାଇ ଦେବଗିରି ଜଙ୍ଗଲ ରେ ଛଡ଼ାଯାଇଛି । ଖାଦ୍ୟ ଅନ୍ୱେଷଣରେ ବିଭିନ୍ନ ସମୟରେ କୁଲଡିହା ଅଭୟାରଣ୍ୟରୁ ସାପଟି ଖସିଆସିଥିବା ଅନୁମାନ କରାଯାଉଛି ।

## ରାଜ୍ୟସ୍ତରୀୟ ଜୟନ୍ତୀରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଭାରତମାତାର ବୀରପୁତ୍ର ଶହୀଦ୍ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ମଙ୍ଗଳବାରସକାଳେ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେଶହୀଦଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଯୋଗଦେଇ ୟୁନିଟ୍ -୧ ଆଦିବାସୀ ପ୍ରଦର୍ଶନୀ ପଡିଆଏବଂ କଳିଙ୍ଗ ହସ୍ପିଟାଲ ଛକଠାରେ ଥିବାଶହୀଦ୍ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭାଗର ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ରନାଥ ପରିଡା, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶନୀଙ୍କ ସମେତବିଭାଗର ଅନ୍ୟ ପଦାଧିକାରୀ, ଶବରୀ ସାଂସ୍କୃତିକ ପରିଷଦର ଉପସଭାପତି ଗୌରଚନ୍ଦ୍ର ତ୍ରିପାଠୀ, କୋଷାଧ୍ୟକ୍ଷ ଯଶୱନ୍ତ ଜୈନ, ଯୁଗ୍ମ ସଂପାଦକ ନୀଳମାଧବ ଦାସ, କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ପ୍ରଫେସର ହୃଦୟରଞ୍ଜନ ଶତପଥୀଙ୍କ ସମେତ ଅନ୍ୟ ସଦସ୍ୟ, ଉତ୍କଳ ସମ୍ମିଳନୀ ତରଫରୁ ଗିରିଜା ଶଙ୍କର ମହାପାତ୍ର ପ୍ରମୁଖଉପସ୍ଥିତ ରହି ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ଶ୍ରୀ ହରେକୃଷ୍ଣ ବାରିକ୍ଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ



ବାରିପଦା, ୨୨/୧୧ (ନି.ପ୍ର): ଜିଲ୍ଲା ପରିଷଦ ଶିକ୍ଷକ ସଂଘ ତରଫରୁ ସଭାପତି ଶ୍ରୀ ହରେକୃଷ୍ଣ ବାରିକ୍ଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ କର୍ମଚାରୀ ଭବନଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ରାଜ୍ୟ ମିଳିତ ଶିକ୍ଷକ ମହାସଂଘ ଡାକରାରେ ଆଗାମୀ ନଭେମ୍ବର ୨୭ ତାରିଖରେ ବିଧାନସଭା ସମ୍ମୁଖରେ ହେବାକୁ ଥିବା ଐତିହାସିକ ର୍ୟାଲି ଏବଂ ମହାସମାବେଶ କିପରି ସଫଳ ହୋଇପାରିବ ତାର ପର୍ଯ୍ୟାଲୋଚନା କରାଯାଇଥିଲା । ୨୬ଟି ବ୍ଲକର ସଂଘର ସଭାପତି ଓ ସଂପାଦକମାନେ ଯୋଗଦେବା ସହିତ ବହୁ ନେତୃମଣ୍ଡଳୀ ଯୋଗ ଦେଇଥିଲେ । ତିନି ଦଫା ଦାବୀନେଇ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଂଘ ନିଷ୍ପତ୍ତି ନେଇଛି । କାହାରି ପ୍ରରୋଚନାରେ କିମ୍ବା କାହାରି ନିର୍ଦ୍ଦେଶରେ ଦାବୀ ହାସଲ ନହେବା ପର୍ଯ୍ୟନ୍ତ ଭୁବନେଶ୍ୱର ରାଜରାସ୍ତାରେ ବସି ରହିବା ପାଇଁ ନିଷ୍ପତ୍ତି ହୋଇଛି । ଦାବୀଗୁଡିକ ହେଲା - (୧) କଣ୍ଟ୍ରାକଚୁଆଲ ପଦବୀ ଉଚ୍ଛେଦ ସହ ୨୦୦୧ରୁ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକଙ୍କ ମୂଳ ଚାକିରୀ ଗଣନା କରି ୬ଟି ଇନ୍‌କ୍ରିମେଣ୍ଟ ପ୍ରଦାନ କରାଯାଉ । (୨) ଅବିକଳ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରାଯାଉ । (୩) N.P.S. ଉଚ୍ଛେଦ କରାଯାଇ ପୁରୁଣା ପେନ୍‌ସନ୍ ଲାଗୁ କରାଯାଉ । ମୟୂରଭଞ୍ଜ ଜିଲ୍ଲାରେ ନିଯୁକ୍ତି ପାଇଥିବା ପ୍ରାୟ ୭,୫୦୦ (ସାତ ହଜାର ପାଞ୍ଚଶହ) ରୁ ଅଧିକ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅନୁରୋଧ କରାଯାଉଛି ଯେ ସମସ୍ତେ ନଭେମ୍ବର ୨୭ ତାରିଖରୁ ଅନିର୍ଦ୍ଦିଷ୍ଟ କାଳପାଇଁ ଦାବୀ ହାସଲ ନହେବା ପର୍ଯ୍ୟନ୍ତ ବିଧାନସଭା ସମ୍ମୁଖରେ ବସି ରହିବା । ଏହି ର୍ୟାଲିକୁ ସଫଳ କରିବା ପାଇଁ ଆମ ସଂଘକୁ ପୁନର୍ଗଠନ କରାଯାଇଅଛି । ସେମାନେ ହେଲେ - ସଭାପତି - ହରେକୃଷ୍ଣ ବାରିକ୍, କାର୍ଯ୍ୟକାରୀ ସଭାପତି - ଶିବ ନାରାୟଣ ମହାନ୍ତ, ରବିନ୍ଦ୍ର ସୋରେନ୍, ପ୍ରବୀଣ କୁମାର ମହାନ୍ତ, ଅନୀଲ କୁମାର ମହାନ୍ତ, ଉପସଭାପତି - ଗୌରଗୋପାଳ ଲେଙ୍କ, ପୁରୁଷୋତ୍ତମ ମହାନ୍ତ, ଗିତିକା ବେହେରା, ରୂପାଲୀ ପଣ୍ଡା, ସୌମ୍ୟ ଦାଶ, ଚିରଞ୍ଜିବୀ ବେହେରା, ସାଧାରଣ ସଂପାଦକ - ରାଜେନ୍ଦ୍ର ମହାନ୍ତ, ସଂଗଠନ ସଂପାଦକ - ସିଦ୍ଧେଶ୍ୱର ମିଶ୍ର, ଗଦାଧର ନାୟକ, ସହ ସଂପାଦକ- ସୂର୍ଯ୍ୟକାନ୍ତ ସେଠୀ, ସୁଶୀଲ କୁମାର ପଣ୍ଡା ପ୍ରମୁଖ ।

# ୩ଦଫା ଦାବୀରେ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ଉଦଳାର ବିକ୍ଷୋଭ



ଉଦଳା, ୨୨/୧୧ (ନି.ପ୍ର): ଆଜି ଦିବା ୧୦ ଘଟିକା ସମୟରେ ମିଳିତ ପ୍ରାଥମିକ ମହାସଂଘ ଉଦଳା, ମୟୂରଭଞ୍ଜର ବ୍ଲକ ସ୍ତରୀୟ ଶିକ୍ଷକ ସମାବେଶ ୩ଦଫା ଦାବୀ ନେଇ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଏକ ସଭାର ଆୟୋଜନ ଉଦଳା ଧୁମୁସା ପଡ଼ିଆରେ କରାଯାଇଥିଲା । ପ୍ରଥମ ଦାବୀ ଠିକା ନିଯୁକ୍ତି ଉଚ୍ଛେଦ କରିବା ସହିତ ସେହି ସମୟକୁ ମୂଳ ଚାକିରିରେ ମିଶାଇ ୬ ବର୍ଷର ୬ଟି ଇନକ୍ରୀମେଣ୍ଟ ପ୍ରଦାନ କରିବା, ୨ୟ ଦାବୀ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା ଓ ୩ୟ ଦାବୀ ନୂତନ ପେନସନ ଉଚ୍ଛେଦ କରି ପୁରାତନ ପେନସନ ଘୋଷଣା କରିବା । ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଉକ୍ତ ଦାବୀ ଗୁଡ଼ିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଏକ ଶୋଭାଯାତ୍ରା ମାଧ୍ୟମରେ କପ୍ତିପଦା -ଉଦଳା ଉପଖଣ୍ଡର ଉପଜିଲ୍ଲାପାଳ ଏବଂ ଗୋଷ୍ଠୀ ଶିକ୍ଷାଅଧିକାରୀ ଉଦଳାଙ୍କୁ ପ୍ରଦାନ କରାଯାଇଥିଲା । ରାଜ୍ୟ ସରକାର ୨୦୧୩ ପରବର୍ତ୍ତୀ ଶିକ୍ଷକ ନିଯୁକ୍ତିକୁ ଉଚ୍ଛେଦ କରି ନିୟମିତ କରିବା ପାଇଁ ନିର୍ଦ୍ଦେଶନାମା ଜାରୀ କରିଥିଲେ ହେଁ ପ୍ରାଥମିକ ଶିକ୍ଷକ ଏଥିରୁ ବଞ୍ଚିତ ହେବା ଅତ୍ୟନ୍ତ ଦୁଃଖଦପୂର୍ଣ୍ଣ ବୋଲି କହିଥିଲେ । ଯଦି ସରକାର ଆମର ଦାବୀ ମାନିବେ ନାହିଁ ତେବେ ଭୁବନେଶ୍ୱର ଠାରେ ଏକ ବିରାଟ ଆନ୍ଦୋଳନ ଚଳିତ ନଭେମ୍ବର ମାସ ୨୭ ତାରିଖ ରେ କରିବାକୁ ଚେତାବନୀ ଦେଇଥିଲେ । ମିଳିତ ଶିକ୍ଷକ ସଂଘର ସଭାପତି ବିରେନ୍ଦ୍ର ନାଥ ମଢ଼େଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଆନ୍ଦୋଳନରେ ଜିଲ୍ଲା ସଭାପତି ହରେକୃଷ୍ଣ ବାରିକ, ରାଜ୍ୟ ସଂସଦ ସଂଯୋଜକ ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ଜିଲ୍ଲା ସଂଯୋଜକ ଶିବନାରାୟଣ ମହାନ୍ତ, ଜିଲ୍ଲା ମିଡ଼ିଆ ସଂଯୋଜକ ଗଦାଧର ବାରିକ, ଖୁଣ୍ଟା ବ୍ଲକ ସଭାପତି ଅଜୟ ମହାନ୍ତ ତଥା ବ୍ଲକ ସଂପାଦକ ଲାଲ ମୋହନ ମାର୍ଣ୍ଡି, କୋଷାଧ୍ୟକ୍ଷ ପ୍ରଭାତ କୁମାର ଶଙ୍ଖୁଆ, କାର୍ଯ୍ୟକାରୀ ସଭାପତି ଅଜୟ କୁମାର ପଣ୍ଡା, ସଂଗଠନ ସଂପାଦକ ଆଦ୍ୟେଶା ଦାସ ଏବଂ ବ୍ଲକର ଲଳିତ ବେହେରା, ଶାନ୍ତନୁ କୁମାର ଦାସ, ପ୍ରଶାନ୍ତ କୁମାର ପଟ୍ଟନାୟକ, ରବିକାନ୍ତ ମହାପାତ୍ର, ଦୈତାରୀ ବିନ୍ଧାଣୀ ଏବଂ ୨୦୦୧ରୁ ଏପର୍ଯ୍ୟନ୍ତ ନିଯୁକ୍ତ ହୋଇଥିବା ସମସ୍ତ ପ୍ରାଥମିକ ଶିକ୍ଷକ ଉପସ୍ଥିତ ଥିଲେ । ଶେଷରେ ଶିକ୍ଷକ ଲାଲମୋହନ ମାର୍ଣ୍ଡ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ରାଜ୍ୟ ମିହଳା ଆୟୋଗଙ୍କ ଶିବିର ଅଦାଲତ




ଭଦ୍ରକ, ୨୨/୧୧ (ନି.ପ୍ର): ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଶିବିର ଅଦାଲତ ଆଜି ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିର ଅଦାଲତରେ ମିହଳା ଆୟୋଗ ଡ଼. ମିନତି ବେହେରା ଯୋଗ ଦେଇ ସମୁଦାୟ ପଞ୍ଜିକୃତ ୪୩ଟି କେସ୍‌ରୁ ପକ୍ଷ ଯୋଗ ଦେଇଥିବା ୩୪ଟି କେଶ୍‌ର ବିଚାର କରିଥିଲେ । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଭଦ୍ରକ ଏସ୍.ପି. ଚରଣ ସିଂ ମୀନା, ଆୟୋଗଙ୍କ ରେଜିଷ୍ଟ୍ରାର ସୁଶିଲ କୁମାର ରାୟ, ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଏହି ବୈଠକରେ ଯୋଗ ଦେଇଥିଲେ । ବିଚାର କରାଯାଇଥିବା ୧୬ଟି କେଶ୍‌ରେ କେବଳ ଗୋଟିଏ ପକ୍ଷ ଉପସ୍ଥିତ ଥିଲେ । ଅପରପକ୍ଷ ନଥିବାରୁ ଏହି ୧୬ଟି କେସ୍ ବିଚାର କି ଶୁଣାଣି ହୋଇପାରିଲା ନାହିଁ । ବାକି ୧୮ଟି କେଶ୍‌ରୁ ୪ଟି କେଶ୍ ଏସ୍.ପି.ଙ୍କ ପାଖକୁ, ୩ଟି ମହିଳା ସୁରକ୍ଷା ଅଧିକାରୀଙ୍କ ପାଖକୁ ୨ଟି ଡ଼ାଲସା କାର୍ଯ୍ୟାଳୟକୁ ବିଚାର ପାଇଁ ପ୍ରେରଣ କରାଗଲା । ପକ୍ଷଙ୍କ ଅସହଯୋଗ ପାଇଁ ୪ଟି କେସ୍‌କୁ ରଦ୍ଦ କରାଯାଇ ପୁନଃ ପଦକ୍ଷେପ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ଏହି ଅଦାଲତରେ ଗୋଟିଏ ନୂଆ କେଶ୍ ପଞ୍ଜିକୃତ କରାଯାଇଥିଲା । ସୂଚନା ଯୋଗ୍ୟକି ଅଧିକାଂଶ କେଶ୍ ସବୁ ପାରବାରିକ ହିଂସା ଓ ନାରୀ ନିର୍ଯ୍ୟତନା ସମ୍ବନ୍ଧୀୟ ଥିଲା । ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଅପରାହ୍ନ ଅଧିବେଶନରେ ମାନବ ଚାଲାଣ ନିରୋଧ ୟୁନିଟି ଉପରେ ସଚେତନତା କାର୍ଯ୍ୟକ୍ରମରେ ମହିଳା ଆୟୋଗ ଡ଼. ବେହେରା ଯୋଗ ଦେଇଥିଲେ । ତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜଲ୍ଲାପାଳ ରାମଦାସ ଟୁଡୁ ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଡ଼. ସୁଦର୍ଶନ ବାରିକ୍, ଆୟୋଗଙ୍କ ରେଜିଷ୍ଟ୍ରାର ସୁଶିଲ କୁମାର ରାୟ, ଏସ୍.ଆର୍.ପି.ସିର ଡ଼ି.ଏସ୍.ପି. ଶ୍ରୀନିବାସ ମହାନ୍ତି ପ୍ରମୁଖ ଯୋଗ ଦେଇ ମାନବ ଚାଲାଣ ସମସ୍ୟାର ର ପ୍ରତିହତ ନେଇ ସଚେତନତା ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ । ଆୟୋଗଙ୍କ କନସଲଟାଣ୍ଟ ଡ଼. ଟୁନା ସାହୁ ମାନବ ଚାଲାଣ ଅପରାଧର ଆଇନ୍‌ଗତ ଦିଗ ଉପରେ ବିଷଦ ବ୍ୟାଖ୍ୟା କରିଥିଲେ । ଏହି ବିଷୟ ସମ୍ବଳିତ ୨୬ଟି ଆଇନ୍ ସମ୍ବନ୍ଧରେ ବୈଠକକୁ ସଚେତନ କରାଇଥିଲେ ।

## ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ତଥା କ୍ରାନ୍ତିବୀର ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି । ନିଜ ଅଗାଢ଼ ଦେଶପ୍ରେମ ଏବଂ ନିରୀହ ଆଦିବାସୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ତାଙ୍କ ଜୀବନବ୍ୟାପୀ ସଂଗ୍ରାମ ସମସ୍ତଙ୍କ ପାଇଁ ଚିର ଆଦର୍ଶ ହୋଇ ରହିବ ।

## ଘୋଷଣା

ମୁଁ ଭଗବାନ ଚନ୍ଦ୍ର ଦାସ, ପିତା - ଭାସ୍କର ଚନ୍ଦ୍ର ଦାସ, ସାହି - ଶାସଙ୍ଗ, ପୋଷ୍ଟ -ବସନ୍ତ ପୁର, ଥାନା - ସଦର, ଜିଲ୍ଲା - ବାଲେଶ୍ୱର । ମୋର ବୟସ ୫୪ ବର୍ଷ ।

ମୁଁ ଶାସଙ୍ଗରୁ ବାଲେଶ୍ୱର ନିଜ ସ୍କୁଟିରେ ଯିବା ବେଳେ ବାଟରେ ମୋ ସ୍କୁଟିରେ ଥିବା ଘରର ସମସ୍ତ କାଗଜ ପତ୍ର ଓ ମୋର ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟ ଓ ମୋର ସ୍ତ୍ରୀ ଜ୍ୟୋତିର୍ମୟୀ ଦାସଙ୍କ ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟ ବ୍ୟାଗ୍‌ଟି କେଉଁଠି ବାଟରେ ପଡ଼ି ହଜି ଯାଇଛି । ତେଣୁ କେହି ସହୃଦୟ ବ୍ୟକ୍ତି ଯଦି ପାଆନ୍ତି ତାହାହେଲେ ମୋତେ ୯୯୩୮୩୭୭୬୮୮ ନଂ ରେ ଯୋଗାଯୋଗ କରିବେ କିମ୍ବା ମୋତେ ଦେବା ପାଇଁ ଅନୁରୋଧ କରୁଛି ।

ଭଗବାନ ଚନ୍ଦ୍ର ଦାସ

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo